DHARITRI

ସମ୍ବଲପୁର, ରବିବାର, ଏପ୍ରିଲ ୧୭/୨୦୨୨ (୧୪ ପୃଷ୍ଠା+ଛୁଟିଦିନ) | Sambalpur, Sunday, April 17/2022 | Page 14 | ₹ 7.00 | ★★

୧୮ଶ ଭାଗ ୧୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-



**ଛବି କର୍କଟରେ ଆକ୍ରାନ୍ତ**

ହିନ୍ଦୀ ସିରିଏଲ୍ ଜଗତର ଜଣାଶୁଣା ଅଭିନେତ୍ରୀ ଛବି ମିତ୍ତଲ ବ୍ରେଷ୍ଟ କ୍ୟାନ୍ସରରେ ଆକ୍ରାନ୍ତ ହୋଇଥିବା ନେଇ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରିଛନ୍ତି।

୧୦

୧୪

**ଲୋକେଶ ରାହୁଲଙ୍କ ଅପରାଜିତ ଶତକ**

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ଅଧିନାୟକ ଲୋକେଶ ରାହୁଲ ଦ୍ରୁତ ଅପରାଜିତ ଶତକ ହାସଲ କରିଛନ୍ତି।





ପରିବହନ ବିବାଦ ଯୋଗୁ ଚିଲିକାରେ ଶନିବାର ଡଙ୍ଗାରେ ଫସି ରହିଥିବା ଯାତ୍ରୀମାନେ।

# ଚିଲିକାରେ ଫସିଲେ ଶତାଧିକ ଯାତ୍ରୀ

**କୃଷ୍ଣପ୍ରସାଦ,୧୬।୪(ଡିଏନ୍.ଏ.)**

ଡଙ୍ଗାରେ ଯାତ୍ରୀ ପରିବହନକୁ ନେଇ ସୃଷ୍ଟ ବିବାଦ ଯୋଗୁ ଶନିବାର ଚିଲିକାରେ ଶତାଧିକ ଯାତ୍ରୀ ୨ଘଣ୍ଟା ଫସି ରହିଥିଲେ। କୃଷ୍ଣପ୍ରସାଦ ପୋଲିସର ହସ୍ତକ୍ଷେପ ପରେ ଅପରାହ୍ନ ୫ଟାରେ ଡଙ୍ଗା କୂଳରେ ଲାଗିବା ସହ ଯାତ୍ରୀମାନେ ଓହ୍ଲାଇଥିଲେ। ସୂଚନା ମୁତାବକ, ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପ୍ରସିଦ୍ଧ ଦ୍ୱିତୀୟ ବାଲିଯାତ୍ରା ତଥା ପଣାଯାତ୍ରା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ହେଉଛି। ସାତପଡ଼ା ଘାଟରୁ ଜହ୍ନିକୁଦା ଘାଟ ଓ ଜହ୍ନିକୁଦା ଘାଟରୁ ସାତପଡ଼ା ଘାଟକୁ ଚିଲିକାରେ ୫ କିଲୋମିଟର ପ୍ରତିଦିନ ହଜାର ହଜାର ଯାତ୍ରୀ ପାରି ହୋଇଥାନ୍ତି।

**ଡଙ୍ଗାରେ ପରିବହନ ନେଇ ବିବାଦ**

ଡଙ୍ଗା ଚାଳକଙ୍କ ମଧ୍ୟରେ ଏକ ସର୍ତ୍ତ ରହିଥିଲା ଯେ, ଜହ୍ନିକୁଦାରୁ ସାତପଡ଼ାକୁ ଯାଇଥିବା ଡଙ୍ଗା ଯାତ୍ରୀଙ୍କୁ ଓହ୍ଲାଇବା ପରେ ଖାଲିରେ ଫେରିବ। ସେହିଭଳି ସାତପଡ଼ାରୁ ଜହ୍ନିକୁଦା ଯାଇଥିବା ଡଙ୍ଗା ଯାତ୍ରୀଙ୍କୁ ଓହ୍ଲାଇ ଖାଲିରେ ଆସିବ। ତେବେ ଶନିବାର ଅପରାହ୍ନରେ ସାତପଡ଼ାରୁ ଯାତ୍ରୀ ନେଇ ଆସିଥିବା ଡଙ୍ଗା ଚାଳକ ନିୟମ ଭଙ୍ଗ କରି ଜହ୍ନିକୁଦାରୁ ଯାତ୍ରୀ ଉଠାଇବାକୁ ନେଇ ବିବାଦ ଉପୁଜିଥିଲା। ଉଭୟ ପକ୍ଷ ଯାତ୍ରୀମାନଙ୍କୁ କୂଳରେ ନ ଓହ୍ଲାଇବା ଯୋଗୁ ଚିଲିକାରେ ଯାତ୍ରୀମାନେ ଡଙ୍ଗାରେ ଫସି ରହିଥିଲେ। ଅନ୍ୟପଟେ ଏହି ବିବାଦ ଯୋଗୁ ଉଭୟ କୂଳରେ ହଜାର ହଜାର ଯାତ୍ରୀ ଚିଲିକା ପାର ହୋଇ ନ ପାରି ହଇରାଣ ହୋଇଥିଲେ। ଖବରପାଇ କୃଷ୍ଣପ୍ରସାଦ ପୋଲିସ ଜହ୍ନିକୁଦା ଓ ସାତପଡ଼ା ଘାଟରେ ପହଞ୍ଚି ଡଙ୍ଗା ଚାଳକଙ୍କୁ ବୁଝାଶୁଝା କରିବା ସହ ପୂର୍ବ ସର୍ତ୍ତକୁ ଉଭୟ ପକ୍ଷ ପାଳନ କରିବା ନେଇ ପ୍ରତିଶ୍ରୁତି ଦେବା ପରେ ପରିବହନ ସ୍ୱାଭାବିକ ହୋଇଥିଲା। ବିବାଦ ସମାଧାନ ହେବାର କିଛି ସମୟ ପରେ କାଳବୈଶାଖୀ ହେବାରୁ ଯାତ୍ରୀମାନେ ଏକ ବିପଦରୁ ରକ୍ଷା ପାଇଯାଇଛନ୍ତି।

# ଜୁନ୍ ୬ରୁ ୧୬ ଖରାଛୁଟି

## ମେ' ୨ରୁ ଜୁନ୍ ୫ ଯାଏ ସକାଳ ୬ରୁ ୯ଟା ପର୍ଯ୍ୟନ୍ତ ପାଠପଢ଼ା

**ଭୁବନେଶ୍ୱର, ୧୬।୪(ବ୍ୟୁରୋ)**

ଚଳିତବର୍ଷ ଖରାଛୁଟି ବା ଗ୍ରୀଷ୍ମଛୁଟି ଅବଧିକୁ ରାଜ୍ୟ ସରକାର କମାଇ ଦେଇଛନ୍ତି। ପ୍ରତିବର୍ଷ ଖରାଛୁଟି ଦେଢ଼ମାସରୁ ଊର୍ଦ୍ଧ୍ୱ ସମୟ ଧରି ହୋଇଥାଏ। ହେଲେ କରୋନା ପାଇଁ ଶିକ୍ଷାଦାନରେ ବାଧାପ୍ରାପ୍ତ ଏବଂ ପାଠ୍ୟକ୍ରମ ଶେଷ ହୋଇ ନ ଥିବା କାରଣରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେଇ ଖରାଛୁଟି କମାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏତେ ଦିନ ଖରାଛୁଟି ନ କରି ଏହି ସମୟରେ ପାଠ୍ୟକ୍ରମ ଶେଷ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଚିନ୍ତା କରିଛି। ତେଣୁ ମାତ୍ର ୧୧ ଦିନ ଅର୍ଥାତ୍ ଜୁନ୍ ୬ରୁ ୧୬ ପର୍ଯ୍ୟନ୍ତ ଖରାଛୁଟି କରିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଏହା ଲାଗୁ ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା



ବିଭାଗ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି।

ଏବେ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାରୁ ସକାଳୁଆ ସ୍କୁଲ ଚାଲୁ ରହିବ। ତେବେ ପାଠପଢ଼ା ସମୟସାରିଣୀରେ କିଛିଟା ପରିବର୍ତ୍ତନ କରାଯାଇଛି। ମେ' ପହିଲାରୁ ଜୁନ୍ ୫ତାରିଖ ପର୍ଯ୍ୟନ୍ତ ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ପାଠପଢ଼ା ହେବ। ମେ' ୧ତାରିଖ ରବିବାର ☞ପୃଷ୍ଠା-୪

### ଏଥର ୧୦୦% ସିଲାବସ୍‌ରେ ପଢ଼ା

**ଭୁବନେଶ୍ୱର, ୧୬।୪(ବ୍ୟୁରୋ)**

ଏଣିକି ୧୦୦% ସିଲାବସ୍‌ରେ ପାଠପଢ଼ା ହେବ। ମେ' ପହିଲାରୁ ନୂତନ ଶିକ୍ଷାବର୍ଷ ଆରମ୍ଭ ହେବ। ନୂଆ ଶିକ୍ଷାବର୍ଷରୁ ନବମ ଓ ଦଶମ ଶ୍ରେଣୀ ପାଇଁ ପ୍ରାକ୍ଟିକାଲ ପରୀକ୍ଷା ହେବ ବୋଲି ଶନିବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। କୋଭିଡ୍ ମହାମାରୀ ଯୋଗୁ ଗତ ବର୍ଷ ୩୦% ପାଠ୍ୟକ୍ରମ କଟା ଯାଇଥିଲା। ହେଲେ ଚଳିତ ବର୍ଷ ମହାମାରୀ ପ୍ରଭାବ ନ ଥିବାରୁ ପୂର୍ବଭଳି ସ୍ୱାଭାବିକ ଭାବେ ଶତ ପ୍ରତିଶତ କୋର୍ସରେ ପାଠପଢ଼ା ହେବ ବୋଲି ସିବିଏସ୍‌ଇ ନିଷ୍ପତ୍ତି ନେଇଥିବାରୁ ଆମେ ମଧ୍ୟ ଏନେଇ ଚିନ୍ତା କରୁଛୁ ବୋଲି ମନ୍ତ୍ରୀ ଦାଶ କହିଛନ୍ତି।

# ବୁଡ଼ିଗଲା ଡିଜେଲ ଜାହାଜ

**୭୫୦ ଟନ୍ ତେଲ ସମୁଦ୍ରରେ ମିଶିବା ଆଶଙ୍କା**

**ଟ୍ୟୁନିସ୍, ୧୬।୪**

ଡିଜେଲ ନେଇ ଇଜିପ୍ଟରୁ ମାଲ୍ଟା ଯାଉଥିବା ଏକ ଜାହାଜ ଶନିବାର ଟ୍ୟୁନିସିଆର ଦକ୍ଷିଣପୂର୍ବ ଉପକୂଳ ଗେବ୍‌ସ ଉପସାଗରରେ ବୁଡ଼ିଯାଇଛି। ଏଥିରେ ଥିବା ୭୫୦ ଟନ୍ ଡିଜେଲ ସମୁଦ୍ରରେ ମିଶିବା ଆଶଙ୍କା ଦେଖାଦେଇଛି। ଏଥିଯୋଗୁ ସାମୁଦ୍ରିକ ପରିବେଶ ପ୍ରଭାବିତ ହେବା ନେଇ ପରିବେଶବିତ ଚିନ୍ତା ପ୍ରକଟ କରିଛନ୍ତି। ଟ୍ୟୁନିସିଆ ଜଳସୀମାରେ ବୁଡ଼ିଥିବା ଏହି ଜାହାଜରୁ ତେଲ ଲିକ୍ ହୋଇ ନ ଥିବା ସ୍ଥାନୀୟ ପ୍ରଶାସନ କହିଛି। ପରିବେଶ ସମ୍ପର୍କିତ ବିପର୍ଯ୍ୟୟକୁ ରୋକିବା ପାଇଁ ବିପର୍ଯ୍ୟୟ ପ୍ରତିରୋଧ କମିଟି ପକ୍ଷରୁ ପଦକ୍ଷେପ ନିଆଯାଉଥିବା କୁହାଯାଇଛି।

ଶୁକ୍ରବାର ରାତିରେ ଖରାପ ପାଗ ଯୋଗୁ ଡିଜେଲ ପରିବହନ କରି ଯାଉଥିବା ଜାହାଜଟି ଆଗକୁ ବଢ଼ିବାରେ ଅସୁବିଧା ହୋଇଥିଲା।



ଫଳରେ ଟ୍ୟୁନିସିଆ ଜଳ ସୀମାରେ ଜାହାଜଟି ପ୍ରବେଶ ପାଇଁ ଅନୁମତି ମାଗିଥିଲା। ଟ୍ୟୁନିସିଆ ଉପକୂଳଠାରୁ ପ୍ରାୟ ୭ କି.ମି. ଦୂରରୁ ଜାହାଜରେ ପାଣି ପଶିଥିଲା। ପରେ ୧୯୦ ଫୁଟ୍ ଲମ୍ବ ଏବଂ ୩୦ ଫୁଟ ଚଉଡ଼ା ବିଶିଷ୍ଟ ଏହି ଜାହାଜର ଇଞ୍ଜିନ୍ ରୁମ୍ ମଧ୍ୟ ବୁଡ଼ିଯାଇଥିଲା। ଦୁର୍ଘଟଣାଗ୍ରସ୍ତ ହେବା ପରେ ଜାହାଜରୁ ୭ କ୍ରିଉ ମେମ୍ବରଙ୍କୁ ଉଦ୍ଧାର କରାଯାଇଛି। ପାରମ୍ପରିକ ଭାବେ ମତ୍ସ୍ୟଜୀବୀଙ୍କ ଅଞ୍ଚଳ ଭାବେ ଜଣା ଗଲ୍ଫ ଅଫ୍ ଗେବ୍‌ସରେ ଏବେ ପ୍ରଦୂଷଣର ମାତ୍ରା ବଢ଼ିବାରେ ଲାଗିଛି। ଗେବ୍‌ସ ସିଟିରେ ଥିବା ଫସ୍‌ଫରସ୍ ପ୍ରକ୍ରିୟାକରଣ ଶିଳ୍ପ ପ୍ରଦୂଷଣର ପ୍ରମୁଖ କାରଣ ପାଲଟିଥିବାବେଳେ ତେଲ ଜାହାଜ ବୁଡ଼ି ସାମୁଦ୍ରିକ ପରିବେଶ ନଷ୍ଟ ହେବା ଭଳି ଘଟଣା ମଧ୍ୟ ଚିନ୍ତାର କାରଣ ପାଲଟିଛି। ୨୦୧୮ ଅକ୍ଟୋବରରେ ଟ୍ୟୁନିସିଆର ମାଲବାହୀ ଜାହାଜ କୋର୍ସିକାରୁ ପ୍ରାୟ ୩୦ କି.ମି. ଦୂର ଭର୍ଜିନିଆରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଶତାଧିକ ଟନ୍‌ର ତୈଳ ଭୂମଧ୍ୟ ସାଗରରେ ମିଶିଥିଲା। ଜାହାଜରୁ ସମସ୍ତ ଟ୍ୟାଙ୍କ କାଢ଼ି ସେଥିରୁ ପ୍ରାୟ ୫୨୦ କ୍ୟୁବିକ୍ ମିଟର ତୈଳ ବାହାର କରାଯାଇଥିଲା।

# ଉପନିର୍ବାଚନରେ ଭାଜପାକୁ ଝଟକା

■ **ପଶ୍ଚିମବଙ୍ଗରେ ଟିଏମ୍‌ସି, ବିହାରରେ ଆର୍‌ଜେଡି ବିଜୟୀ**

■ **ଛତିଶଗଡ଼, ମହାରାଷ୍ଟ୍ରରେ କଂଗ୍ରେସକୁ ସଫଳତା**



ଶତ୍ରୁଘ୍ନ ସିହ୍ନା

**ନୂଆଦିଲ୍ଲୀ/କୋଲକାତା,୧୬।୪**

ଗୋଟିଏ ଲୋକ ସଭା ଏବଂ ୪ ବିଧାନସଭା ଆସନ ଲାଗି ହୋଇଥିବା ଉପନିର୍ବାଚନରେ ଭାଜପାକୁ ଶକ୍ତ ଝଟ୍‌କା ଲାଗିଛି। କେନ୍ଦ୍ରରେ ଶାସନରେ ଥିବା ଏହି ଦଳ ଗୋଟିଏ ହେଲେ ଆସନ ଜିତିପାରି ନାହିଁ। ବିହାରର ବୋଚହାନ, ମହାରାଷ୍ଟ୍ରର କୋହ୍ଲପୁର ଉତ୍ତର, ଛତିଶଗଡ଼ର ଖଇରାଗଡ଼ ଏବଂ ପଶ୍ଚିମବଙ୍ଗର ବାଲିଗଞ୍ଜ ବିଧାନସଭା ଆସନ ଏବଂ ଆସାନସୋଲ ଲୋକ ସଭା ଆସନ ଲାଗି ମଙ୍ଗଳବାର ଅନୁଷ୍ଠିତ ଉପନିର୍ବାଚନର ଫଳାଫଳ ଶନିବାର ପ୍ରକାଶ ପାଇଛି।☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସୁପାରିସକୁ ଅପେକ୍ଷା**

**ଆଜିର ମନ୍ତବ୍ୟ**

ଘୃଣା, ଧର୍ମାନ୍ଧତା ଓ ଅସହିଷ୍ଣୁ ମନୋଭାବ ଦେଶକୁ କବଳିତ କରିଛି। ଏହାକୁ ରୋକା ନ ଗଲେ ସମାଜର ଅପୂରଣୀୟ କ୍ଷତି ସାଧିତ ହେବ।

**-ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷା**








ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲର ପୂର୍ବତନ ଅଧ୍ୟକ୍ଷ ଆକର ପଟେଲଙ୍କ ବିରୋଧରେ ଜାରି ଲୁକ୍‌ଆଉଟ୍ ସର୍କୁଲାର ପ୍ରତ୍ୟାହାର ଲାଗି ଦିଲ୍ଲୀର ଏକ ଅଦାଲତ ଶନିବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସର୍କୁଲାର ଯୋଗୁ ଆକାର ବିଦେଶ ଯାଇପାରୁ ନାହାନ୍ତି। ତେବେ ସିବିଆଇ ଆକାରଙ୍କୁ କ୍ଷମା ମାଗିବା ଆବଶ୍ୟକ ନାହିଁ ବୋଲି ଅଦାଲତ କହିଛନ୍ତି। ଗତ ୭ ତାରିଖରେ ତଳ କୋର୍ଟ ଆକାରଙ୍କୁ ଲିଖିତ କ୍ଷମା ମାଗିବା ଲାଗି ସିବିଆଇକୁ ନିର୍ଦ୍ଦେଶ ଦେଇଥିବାବେଳେ ପରେ ନିର୍ଦ୍ଦେଶନାମାକୁ ସ୍ଥଗିତ ରଖିଥିଲା।

# ଯୁଦ୍ଧାସ୍ତ୍ର ପ୍ଲାଣ୍ଟରେ ମିଶାଇଲ ମାଡ଼



ରୁଷିଆ ସପକ୍ଷବାଦୀ ସୈନ୍ୟମାନେ ମାରିଉପୋଲରେ ୟୁକ୍ରେନ୍ ବିରୋଧରେ ଲଢ଼ିବା ପାଇଁ ଅସ୍ତ୍ରଶସ୍ତ୍ର ନେଉଛନ୍ତି।

### ଆକ୍ରମଣରୁ ନିସ୍ତାର ନାହିଁ

- ■ରୁଷିଆ ଟାର୍ଗେଟକୁ ଫେରିଲା କିଭ୍
- ■ମିଳିଲାଣି ୯୦୦ ମୃତଦେହ

କିଭ୍, ୧୬।୪

ୟୁକ୍ରେନ୍ ରାଜଧାନୀରୁ ସୈନ୍ୟ ପ୍ରତ୍ୟାହାର କରି ଦେଶର ପୂର୍ବ ଭାଗ ଉପରେ ଦୃଷ୍ଟି ପକାଇଥିବା ରୁଷିଆ ପୁଣି କିଭ୍‌କୁ ଟାର୍ଗେଟ କରିଛି। କିଭ୍‌ରେ ସ୍ଥିରତା ଫେରିବା ଆଶା କରାଯାଉଥିବାବେଳେ ରୁଷିଆ ଏହାର ଉପାନ୍ତରେ ଥିବା ଏକ ମିଳିଟାରି ପ୍ଲାଣ୍ଟ ଉପରେ ଶନିବାର ମିଶାଇଲ ମାଡ଼ କରିଛି। ଯୁଦ୍ଧ ସାମଗ୍ରୀ ନିର୍ମାଣ ହେଉଥିବା ଡାର୍ନିଟ୍ସ୍କି ଜିଲାସ୍ଥିତ ଏହି ଫ୍ୟାକ୍ଟ୍ରିରେ ରୁଷିଆ ବିସ୍ଫୋରଣ ଘଟାଇଥିବା କିଭ୍ ମେୟର ଭିଟାଲି କ୍ଲିଟ୍ସ୍‌କୋ କହିଛନ୍ତି। ଗତ ମାସରେ ରୁଷୀୟ ସୈନ୍ୟ ଫେରି ପୂର୍ବ ୟୁକ୍ରେନ୍‌ର ଡୋନ୍‌ବାସ୍ ଅଞ୍ଚଳକୁ ଯିବାରେ କିଭ୍ ଆକ୍ରମଣରୁ କିଛି ସମୟ ପାଇଁ ନିସ୍ତାର ପାଇଥିଲା। ହେଲେ ଏବେ ପୁଣି ରୁଷିଆ ସେଠାରେ ଆକ୍ରମଣ କରିଛି। ମିଲିଟାରି ଫ୍ୟାକ୍ଟ୍ରି ଉପରେ ମସ୍କୋ ଦୂରଗାମୀ କ୍ଷେପଣାସ୍ତ୍ର ମାଡ଼ କରି ବିଲ୍ଡିଂକୁ ନଷ୍ଟ କରାଯାଇଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ଲଭିଭ୍‌ରେ ମଧ୍ୟ ମସ୍କୋ ନିକଟରେ ୟୁକ୍ରେନ୍‌ର ନେପଚ୍ୟୁନ୍ ମିଶାଇଲ ଆକ୍ରମଣରେ ରୁଷିଆର ଯୁଦ୍ଧଜାହାଜ ମସ୍କୋଭା କୃଷ୍ଣସାଗରରେ ବୁଡ଼ିଯିବା ପରେ ମସ୍କୋକୁ ବଡ଼ ଝଟକା ଲାଗିଛି। ଏହାପରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍ ଉପରେ ଆକ୍ରମଣ ଜୋରଦାର କରିବାକୁ ଧମକ ଦେଇଛନ୍ତି। ଯୁଦ୍ଧ ଯୋଗୁ ୟୁକ୍ରେନ୍ ନାଗରିକଙ୍କ ଦୁର୍ଦ୍ଦଶା ସାମ୍‌ନାକୁ ଆସିବାରେ ଲାଗିଛି। ୨ ସପ୍ତାହ ତଳେ ରୁଷିଆ ସୈନ୍ୟ କିଭ୍ ଛାଡ଼ିଯିବା ପରେ କେବଳ ସେହି ଅଞ୍ଚଳରୁ ୯୦୦ ମୃତଦେହ ଠାବ କରାଯାଇଥିବା ୟୁକ୍ରେନ୍ ପକ୍ଷରୁ କୁହାଯାଇଛି। ସେହିପରି ପୂର୍ବ ୟୁକ୍ରେନ୍‌ରେ ରୁଷିଆର ଘନଘନ ଆକ୍ରମଣ ଜାରି ରହିଛି। ଖର୍କିଭର ଏକ ମାର୍କେଟରେ ଶନିବାର ମିଶାଇଲ ମାଡ଼ ଯୋଗୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୮ ଜଣ ଆହତ ହୋଇଛନ୍ତି। ମାରିଉପୋଲ ବନ୍ଦର ଓ ଷ୍ଟିଲ୍ ପ୍ଲାଣ୍ଟ ନିକଟରେ ଉଭୟ ପକ୍ଷ ମଧ୍ୟରେ ଜୋର୍‌ଦାର ଲଢ଼େଇ ଚାଲିଛି। ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକ ୟୁକ୍ରେନ୍‌କୁ ଯୁଦ୍ଧାସ୍ତ୍ର ଯୋଗାଣ ଜାରି ରଖିଛନ୍ତି। ତେଣୁ ପୂର୍ବ ୟୁକ୍ରେନ୍‌କୁ ସମ୍ପୂର୍ଣ୍ଣ କବ୍‌ଜା ରଣନୀତିକୁ ସଫଳ କରିବାକୁ ରୁଷିଆ ଏହି ୟୁରୋପୀୟ ଦେଶର ମିଲିଟାରି ହବ୍‌କୁ ଟାର୍ଗେଟ କରୁଛି।

## ପୁଟିନ୍‌ଙ୍କ ସହଯୋଗୀଙ୍କୁ ମାଡ଼ ମାରିଛନ୍ତି ୟୁକ୍ରେନ୍ ଅଧିକାରୀ



ଭିକ୍ଟୋର ମେଡ୍‌ଭେଦ୍‌ଚୁକ୍‌ଙ୍କ ସହ ଓକ୍‌ସାନା ମାର୍‌ଚେନ୍‌କୋ

କିଭ୍, ୧୬।୪

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଘନିଷ୍ଠ ସହଯୋଗୀ କୁହାଯାଉଥିବା ଭିକ୍ଟୋର ମେଡ୍‌ଭେଦ୍‌ଚୁକ୍‌ଙ୍କୁ ୟୁକ୍ରେନ୍ ଗୋଇନ୍ଦା ଅଧିକାରୀ ମଙ୍ଗଳବାର ଗିରଫ କରିଥିଲେ। ତାଙ୍କୁ ମାଡ଼ ମରାଯାଇଥିବା ଭିକ୍ଟୋରଙ୍କ ସେଲିବ୍ରିଟି ସ୍ତ୍ରୀ ଓକ୍‌ସାନା ମାର୍‌ଚେନ୍‌କୋ ଅଭିଯୋଗ କରିଛନ୍ତି। ଭିକ୍ଟୋରଙ୍କ ଉପରେ ଅତ୍ୟାଚାର ବନ୍ଦ କରି ତାଙ୍କୁ ମୁକ୍ତ କରାଯିବାକୁ ଓକ୍‌ସାନା ଶୁକ୍ରବାର ଏକ ଭିଡିଓ ବାର୍ତ୍ତାରେ ଦାବି କରିଛନ୍ତି। ରାଜନୈତିକ ଶତ୍ରୁତା ରଖାଯାଇ ଭିକ୍ଟୋରଙ୍କୁ ବେଆଇନ ଭାବେ ଗିରଫ କରାଯାଇଥିବା ତାଙ୍କ ସ୍ତ୍ରୀ କହିଛନ୍ତି। ପୂର୍ବତନ ଟିଭି ଷ୍ଟାର ତଥା 'ଏକ୍ସ ଫ୍ୟାକ୍ଟର' ଉପସ୍ଥାପିକା ଓକ୍‌ସାନା ସ୍ୱାମୀ ଭିକ୍ଟୋରଙ୍କୁ ମୁକୁଳାଇବା ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ନିବେଦନ କରିଛନ୍ତି।

ଭିକ୍ଟୋର ମେଡଭେଦ୍‌ଚୁକ ୟୁକ୍ରେନ୍‌ର ଜଣେ ରାଜନେତା ତଥା ଦେଶର ବିତ୍ତଶାଳୀ ବ୍ୟକ୍ତି। ପୁଟିନ୍‌ଙ୍କ ସହ ଘନିଷ୍ଠତା ଯୋଗୁ ସେ ସର୍ବଦା ବିବାଦରେ ରହିଥାନ୍ତି। ରୁଷିଆର ୟୁକ୍ରେନ୍ ଆକ୍ରମଣ ପୂର୍ବରୁ ଭିକ୍ଟୋରଙ୍କୁ ଗୃହବନ୍ଦୀ ରଖାଯାଇଥିଲା। ଯୁଦ୍ଧବେଳେ ସେ ବାହାରକୁ ପଳାଇଆସିଥିଲେ।

## ବୋରିସ୍‌ଙ୍କୁ ବ୍ୟାନ୍ କଲା ମସ୍କୋ



### ତାଲିକାରେ ୩ ଭାରତୀୟ ବଂଶୋଦ୍ଭବ

ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍‌ଙ୍କ ଉପରେ ରୁଷିଆ କଟକଣା ଲଗାଇଛି। ୟୁକ୍ରେନ୍ ଯୁଦ୍ଧରେ ଶତ୍ରୁତାପୂର୍ଣ୍ଣ ବ୍ୟବହାର ଦେଖାଇଥିବାରୁ ବୋରିସ୍ ରୁଷିଆ ଆସିପାରିବେ ନାହିଁ ବୋଲି ମସ୍କୋ ପକ୍ଷରୁ କୁହାଯାଇଛି। ଏହାସହ ବ୍ରିଟେନ ସରକାରଙ୍କ ମୋଟ ୧୩ ଜଣଙ୍କ ଉପରେ ଏହି ବ୍ୟାନ୍ ଲଗାଯାଇଥିବା ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେମାନଙ୍କ ମଧ୍ୟରେ ବ୍ରିଟେନର ବହିର୍ବ୍ୟାପାର ସଚିବ ଲିଜ୍ ଟ୍ରୁସ୍, ପ୍ରତିରକ୍ଷା ସଚିବ ବେନ୍ ୱାଲାସେ, ଉପପ୍ରଧାନମନ୍ତ୍ରୀ ଲର୍ଡ ଚାନ୍‌ସେଲର, ନ୍ୟାୟ ବିଭାଗର ପରରାଷ୍ଟ୍ର ସଚିବ ଜଷ୍ଟିସ୍ ଡୋମିନିକ୍ ରାବ୍, ୩ ଭାରତୀୟ ବଂଶୋଦ୍ଭବ ଗୃହ ସଚିବ ପ୍ରୀତି ପଟେଲ, ଚାନ୍‌ସେଲର ରିଶି ସୁନକ ଏବଂ ଆର୍ଟର୍ନି ଜେନେରାଲ ସୁଏଲା ବ୍ରେଭରମ୍ୟାନ୍, ପୂର୍ବତନ ପ୍ରଧାନମନ୍ତ୍ରୀ ଥେରେସା ମେ, ସ୍କଟ୍‌ଲାଣ୍ଡର ପ୍ରଥମ ମନ୍ତ୍ରୀ ନିକୋଲା ଷ୍ଟରଜନ୍ ପ୍ରମୁଖ ରହିଛନ୍ତି। ରୁଷିଆ ବିରୋଧରେ ବ୍ରିଟେନ ଲଗାଇଥିବା କଟକଣା ବିରୋଧରେ ଏହି ପଦକ୍ଷେପ ନିଆଯାଇଥିବା ମସ୍କୋ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଆଫଗାନିସ୍ତାନରେ ପାକିସ୍ତାନର ଏୟାରଷ୍ଟ୍ରାଇକ୍: ୩୦ ମୃତ

**କାବୁଲ,୧୬।୪:** ଆଫଗାନିସ୍ତାନର ଖୋଷ୍ଟ ପ୍ରଦେଶରେ ଶୁକ୍ରବାର ରାତିରେ ପାକିସ୍ତାନ ପକ୍ଷରୁ ଏୟାରଷ୍ଟ୍ରାଇକ୍ କରାଯାଇଛି। ଏଥିରେ ମହିଳା ଓ ଶିଶୁଙ୍କ ସମେତ ୩୦ ଜଣଙ୍କ ମୃତ୍ୟୁ ଘଟିଥିବା ଆଫଗାନିସ୍ତାନର ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି। ପାକିସ୍ତାନର ଅନ୍ୟୂନ ୨୬ ଯୁଦ୍ଧବିମାନ ଖୋଷ୍ଟ ପ୍ରଦେଶର ସ୍ପୁରା ଜିଲାର କେତେକ ଗ୍ରାମକୁ ଟାର୍ଗେଟ କରିଥିଲା। ଏହା ବ୍ୟତୀତ ଗୋର୍ବଜ ଜିଲାର ମାଷ୍ଟରବେଲ୍ ଅଞ୍ଚଳରେ ପାକିସ୍ତାନ ଓ ତାଲିବାନ ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଉତ୍ତର ୱାଜିରିସ୍ତାନରେ ହୋଇଥିବା ଏୟାରଷ୍ଟ୍ରାଇକ୍‌ରେ ସରକାର ବିରୋଧୀ ଅନେକ ଆତଙ୍କବାଦୀ ନିହତ ହୋଇଥିବା ପାକିସ୍ତାନ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି। ତେବେ ପାକ୍ ସରକାର କିମ୍ବା ଆଫଗାନିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ କୌଣସି ମନ୍ତବ୍ୟ ଦିଆଯାଇନାହିଁ।

### ରଚନା ହେଲେ ଆମେରିକା ରାଷ୍ଟ୍ରଦୂତ



**ୱାଶିଂଟନ୍, ୧୬।୪:** ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଭାରତୀୟ ବଂଶୋଦ୍ଭବ ରଚନା ସଚଦେବ କୋରହୋନେନ୍‌ଙ୍କୁ ମାଲି ରାଷ୍ଟ୍ରଦୂତ ଭାବେ ନିଯୁକ୍ତ କରିଛନ୍ତି। ଏ ନେଇ ହ୍ୱାଇଟ୍‌ହାଉସ ପକ୍ଷରୁ ଘୋଷଣା କରାଯାଇଛି। ମାସକରେ କୌଣସି ଭାରତୀୟ ବଂଶୋଦ୍ଭବଙ୍କୁ ଏଭଳି ନିଯୁକ୍ତି ମିଳିବାରେ ଏହା ତୃତୀୟ। ଆମେରିକା ବିଦେଶ ସେବାରେ ରଚନା ନିଜ କ୍ୟାରିୟର ଆରମ୍ଭ କରିଥିଲେ। ସେ ଏବେ ଆମେରିକା ବହିର୍ବ୍ୟାପାର ବ୍ୟୁରୋର ନିଅର ଇଷ୍ଟର୍ଣ୍ଣ ଆଫାୟର୍ସ ଏବଂ ବ୍ୟୁରୋ ଅଫ୍ ସାଉଥ ଆଣ୍ଡ୍ ସେଣ୍ଟ୍ରାଲ ଏସିଆନ୍ ଆଫାୟର୍ସର ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଛନ୍ତି। ପୂର୍ବରୁ ସେ ସାଉଦି ଆରବର ଧରାନସ୍ଥିତ ଆମେରିକା କନ୍‌ସୁଲେଟରେ କନ୍‌ସଲ୍ ଜେନେରାଲ ଏବଂ ପ୍ରିନ୍ସିପାଲ ଅଫିସର ଥିଲେ ବୋଲି ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଛି। ଏଥିସହ ରଚନା କଲମ୍ବୋସ୍ଥିତ ଆମେରିକା ଦୂତାବାସର ମ୍ୟାନେଜମେଣ୍ଟ ସେକ୍ସନର ନେତୃତ୍ୱ ନେଇଛନ୍ତି। ଏଥିସହ ୱାଶିଂଟନ୍‌ରେ ମଧ ମ୍ୟାନେଜମେଣ୍ଟ ସେକ୍ରେଟାରୀଙ୍କ ଅଧୀନରେ ସ୍ପେଶିଆଲ ଆସିଷ୍ଟାଣ୍ଟ ରହିଥିଲେ।

### ମଞ୍ଚରେ ଲୁହା ସ୍ତମ୍ଭ ଖସି ଜଣେ ମୃତ

#### ଅଳ୍ପକେ ବର୍ତ୍ତିଲେ କେନ୍ଦ୍ରମନ୍ତ୍ରୀ ମେଘୱାଲ

**ଆଗ୍ରା,୧୬।୪:** ଉତ୍ତରପ୍ରଦେଶର ଆଗ୍ରାଠାରେ ଏକ କାର୍ଯ୍ୟକ୍ରମ ବେଳେ ମଞ୍ଚର ଲୁହା ସ୍ତମ୍ଭ ଖସିପଡ଼ିବାରୁ ଜଣେ ପ୍ରାଣ ହରାଇବା ସହ ୪ ଜଣ ଆହତ ହୋଇଛନ୍ତି। ମଞ୍ଚରେ ଉପସ୍ଥିତ ଥିବା କେନ୍ଦ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶୁକ୍ରବାର ରାତିରେ ସଦର ଥାନା ଅନ୍ତର୍ଗତ ଭୀମନଗରୀ ଅଞ୍ଚଳରେ ଆମ୍ବେଡ୍‌କର ଜୟନ୍ତୀ ପାଳନ ବେଳେ ଏଭଳି ଅଘଟଣ ଘଟିଥିବା ପୋଲିସ କହିଛି। ପ୍ରାଣ ହରାଇଥିବା ବ୍ୟକ୍ତି ସ୍ଥାନୀୟ ଅଞ୍ଚଳର ରାଜେଶ କୁମାର (୫୦)। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଲୁହା ସ୍ତମ୍ଭ ମଞ୍ଚରେ ବସିଥିବା ବିଶିଷ୍ଟ ବ୍ୟକ୍ତି, ଭାଜପା ନେତା ଓ ଉତ୍ସବ ଆୟୋଜକଙ୍କ ଉପରେ ପଡ଼ିଥିଲା।

## ୬ ମାସ ପରେ ଫେରିଲେ ଚାଇନା ମହାକାଶଚାରୀ



### ତିଆଙ୍ଗ୍‌ଓଙ୍ଗ ସ୍ପେସ୍ ଷ୍ଟେଶନରେ ଦୀର୍ଘତମ ରହଣି

ବେଜିଂ, ୧୬।୪

ମହାକାଶରେ ଦୀର୍ଘ ୬ ମାସର ରହଣି ପରେ ଭୂପୃଷ୍ଠକୁ ଫେରିଛନ୍ତି ଚାଇନାର ୩ ମହାକାଶଚାରୀ। ଚାଇନାର ନୂଆ ସ୍ପେସ୍ ଷ୍ଟେଶନରେ ପୂର୍ବଥର ଅପେକ୍ଷା ଦୁଇଗୁଣା ସମୟ ଧରି ରହିବାରେ ଏକ ନୂଆ ରେକର୍ଡ ହୋଇଛି। ଶେନ୍‌ଜୋଉ-୧୩ କ୍ୟାପ୍‌ସୁଲରେ ମହାକାଶଚାରୀ ଝାଇ ଝିଗାଙ୍ଗ, ୱାଙ୍ଗ୍ ୟାପିଙ୍ଗ୍ ଏବଂ ୟେ ଗୁଆଙ୍ଗଫୁ ସୁରକ୍ଷିତ ଭାବେ ଉତ୍ତର ଚାଇନାସ୍ଥିତ ଲ୍ୟାଣ୍ଡିଂ ସାଇଟ୍‌ରେ ଅବତରଣ କରିଥିଲେ। ଫଳରେ ମାନବଯୁକ୍ତ ଏହି ସ୍ପେସ୍‌ଫ୍ଲାଇଟ୍ ମିଶନ ସଫଳ ହୋଇଛି ବୋଲି ଗ୍ଲୋବାଲ ଟାଇମ୍ସ କହିଛି। ମହାକାଶଚାରୀମାନେ ତିଆଙ୍ଗ୍‌ଓଙ୍ଗ ସ୍ପେସ୍ ଷ୍ଟେଶନରେ ୬ ମାସ ଧରି ରହିଥିଲେ। ସେମାନେ ଦୁଇଥର ସ୍ପେସ୍‌ୱାକ୍ ମଧ କରିଥିଲେ। ଗତ ନଭେମ୍ବରରେ ମହାକାଶରେ ଚାଲିବାରେ ୱାଙ୍ଗ ପ୍ରଥମ ଚାଇନା ମହିଳା ହୋଇଥିଲେ। ପୂର୍ବରୁ ଶେନ୍‌ଜୋଉ-୧୨ କ୍ୟାପ୍‌ସୁଲ ଯୋଗେ ଯାଇଥିବା ମହାକାଶଚାରୀ ଉକ୍ତ ସ୍ପେସ୍ ଷ୍ଟେଶନରେ ୯୨ ଦିନ ରହଣି କରିଥିଲେ।

## ପଞ୍ଜାବରେ ୩୦୦ ୟୁନିଟ ଯାଏ ବିଜୁଳି ମାଗଣା

ଚଣ୍ଡିଗଡ଼,୧୬।୪

ପଞ୍ଜାବର ପ୍ରତି ପରିବାରକୁ ମାସିକ ୩୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ଜୁଲାଇ ୧ରୁ ମାଗଣାରେ ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ସରକାର ଶନିବାର ଗୋଟିଏ ମାସ ପୂରଣ କରିଥିବାବେଳେ ଉପରୋକ୍ତ ଘୋଷଣା କରାଯାଇଛି। ଆମ୍ ଆଦ୍‌ମୀ ପାର୍ଟି (ଏଏପି) କ୍ଷମତାକୁ ଆସିଲେ ୩୦୦ ୟୁନିଟ ପର୍ଯ୍ୟନ୍ତ ବିଜୁଳି ମାଗଣାରେ ଯୋଗାଇ ଦିଆଯିବ ବୋଲି ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲା। ଅନୁସୂଚିତ ଜାତି, ପଛୁଆ ବର୍ଗ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରକୁ ଏବେ ପ୍ରତି ମାସରେ ୨୦୦ ୟୁନିଟ ବିଦ୍ୟୁତ୍ ମାଗଣା ମିଳୁଥିବାବେଳେ ଜୁଲାଇରୁ ସେମାନେ ୩୦୦ ୟୁନିଟ୍ ଲେଖାଏ ପାଇବେ। ତେବେ ଦୁଇ ମାସରେ ସେମାନଙ୍କ ବିଦ୍ୟୁତ୍ ଉପଯୋଗ ୬୦୦ ୟୁନିଟ୍‌ରୁ ଅଧିକ ହେଲେ ଅତିରିକ୍ତ ୟୁନିଟ୍ ପାଇଁ ସେମାନଙ୍କୁ ଦେୟ ପୈଠ କରିବାକୁ ପଡ଼ିବ ବୋଲି ମାନ୍ କହିଛନ୍ତି। ଅନ୍ୟ ପରିବାରଗୁଡ଼ିକରେ ବିଦ୍ୟୁତ୍ ଉପଯୋଗ ଦୁଇ ମାସରେ ୬୦୦ ୟୁନିଟ୍‌ରୁ ଅଧିକ ହେଲେ ସେମାନଙ୍କୁ ସମ୍ପୂର୍ଣ୍ଣ ଦେୟ ଭରିବାକୁ ପଡ଼ିବ। ଚାଷୀମାନଙ୍କୁ ମାଗଣା ବିଦ୍ୟୁତ୍ ଯୋଗାଣ ଜାରି ରହିବ। ଶିଳ୍ପ ଓ ବ୍ୟବସାୟିକ ଉପଭୋକ୍ତାଙ୍କ ଲାଗି ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ତାମିଲନାଡୁରେ ହିନ୍ଦୀ ବିରୋଧୀ ଆନ୍ଦୋଳନ

ଚେନ୍ନାଇ,୧୬।୪

ହିନ୍ଦୀକୁ ଇଂଲିଶର ବିକଳ୍ପ କରାଯାଉ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମନ୍ତବ୍ୟ ଦେବା ପରେ ଏହା ବିରୋଧରେ ତାମିଲନାଡୁରେ ଆନ୍ଦୋଳନ ମୁଣ୍ଡ ଟେକିଛି। ଶାହାଙ୍କ ମନ୍ତବ୍ୟ ବିରୋଧରେ ଶାସକ ଡିଏମ୍‌କେ, ବିରୋଧୀ ଦଳ ଏଆଇଏଡିଏମ୍‌କେ, ପିଏମ୍‌କେ, ଏମ୍‌ଡିଏମ୍‌କେ ଓ ଅନ୍ୟ ଦଳଗୁଡ଼ିକ ରାସ୍ତାକୁ ଓହ୍ଲାଇଛନ୍ତି। ଡିଏମ୍‌କେର ଦୈନିକ ଖବରକାଗଜ 'ମୁରାସୋଲି'ରେ ଶାହାଙ୍କ ମତାମତ ବିରୋଧରେ ଲେଖା ପ୍ରକାଶ ପାଇଛି। କୌଣସି ଭାଷାକୁ ଜବରଦସ୍ତ ଲଦିଦେବା ଦ୍ୱାରା ଦେଶରେ ଏକତା ସୃଷ୍ଟି ହେବ ନାହିଁ ବରଂ ଏହା ଭାଙ୍ଗିଯିବ ବୋଲି ଡିଏମ୍‌କେ ଏମ୍‌ପି କାନିମୋଝି କହିଛନ୍ତି। ପୂର୍ବରୁ ହିନ୍ଦୀ ବିରୋଧୀ ଆନ୍ଦୋଳନରେ ବହୁ ଲୋକଙ୍କ ଜୀବନ ଯାଇଥିଲା। କେନ୍ଦ୍ର ସରକାର ଓ ତାଙ୍କର ମନ୍ତ୍ରୀମାନେ ଏହା ଜାଣିବା ଆବଶ୍ୟକ ବୋଲି ସେ କହିଛନ୍ତି। ରାଜ୍ୟବାସୀଙ୍କ ଉପରେ ହିନ୍ଦୀ ଲଦି ଦିଆଗଲେ ଭାଜପା ଏହାକୁ ଗ୍ରହଣ କରିବ ନାହିଁ ବୋଲି ଏହାର ରାଜ୍ୟ ନେତାମାନେ କହିଛନ୍ତି।

ବିଶ୍ୱ ପରିଚୟ ହାସଲ ପାଇଁ ସାରା ଦେଶରେ ଗୋଟିଏ ଭାଷା ପ୍ରଚଳନ ହେବା ଅତି ଜରୁରୀ ବୋଲି ଶାହା ଦୁଇବର୍ଷ ପୂର୍ବରୁ କହିଥିଲେ। କେବଳ ହିନ୍ଦୀ ହିଁ ସେହି ଏକଜୁଟ କରିବା ଶକ୍ତି ହୋଇପାରିବ ବୋଲି ସେ ମତ ଦେଇଥିଲେ। ତେବେ ହିନ୍ଦୀ ଭାଷାକୁ ଲଦିଦେବା ଲାଗି ଏହା କେନ୍ଦ୍ରର ଉଦ୍ୟମ ବୋଲି ତାମିଲନାଡୁ, କର୍ନାଟକ ଆଦି ବିଭିନ୍ନ ରାଜ୍ୟର ରାଜନେତାମାନେ ଅଭିଯୋଗ କରିଆସୁଛନ୍ତି। ଗୋଟିଏ ରାଷ୍ଟ୍ର, ଗୋଟିଏ ଭାଷା ନୀତି ଦେଶ ପାଇଁ ବିପର୍ଯ୍ୟୟ ସାବ୍ୟସ୍ତ ହେବ ବୋଲି ଡିଏମ୍‌କେ ଏବଂ ପିଏମ୍‌କେ ପକ୍ଷରୁ କୁହାଯାଇଛି।

## ସାମ୍ପ୍ରଦାୟିକ ଦଙ୍ଗା ନେଇ ବିରୋଧୀଙ୍କ ଉଦ୍‌ବେଗ

### ୧୩ ଦଳର ମିଳିତ ବିବୃତି ଜାରି



ମମତା ବାନାର୍ଜୀ | ସୋନିଆ ଗାନ୍ଧୀ | ଶରଦ ପାୱାର

ନୂଆଦିଲ୍ଲୀ,୧୬।୪

ଦେଶର ବିଭିନ୍ନ ସ୍ଥାନରେ ଘଟିଯାଇଥିବା ସାମ୍ପ୍ରଦାୟିକ ଦଙ୍ଗାକୁ ନେଇ ଶନିବାର ୧୩ ବିରୋଧୀ ଦଳର ନେତା ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶାନ୍ତି ଓ ସଦ୍‌ଭାବନା ବଜାୟ ରଖିବା ଲାଗି ସେମାନେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଖାଦ୍ୟ, ବସ୍ତ୍ର, ବିଶ୍ୱାସ, ଉତ୍ସବ ଓ ଭାଷାକୁ ନେଇ ଯେଭଳି ବିବାଦ ସୃଷ୍ଟି କରାଯାଉଛି ତାହା ଚିନ୍ତାଜନକ ବୋଲି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସମେତ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ପ୍ରମୁଖ ମିଳିତ ବିବୃତିରେ କହିଛନ୍ତି। ସାମ୍ପ୍ରଦାୟିକ ହିଂସାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀରବତା ସେମାନଙ୍କୁ ବ୍ୟଥିତ କରିଛି। ଯେଉଁମାନେ ଧର୍ମାନ୍ଧତାର ପ୍ରଚାର କରାଉଛନ୍ତି ସମାଜରେ ଉତ୍ତେଜନା ସୃଷ୍ଟି କରୁଛନ୍ତି, ସେମାନଙ୍କ ବିରୋଧରେ ପ୍ରଧାନମନ୍ତ୍ରୀ ପଦେ ହେଲେ ନ କହିବା ଦୁର୍ଭାଗ୍ୟଜନକ। ଭାରତକୁ ଶହ ଶହ ବର୍ଷ ଧରି ସମୃଦ୍ଧ କରି ରଖିଥିବା ସାମାଜିକ ଏକତା ଓ ସଦ୍‌ଭାବନା ବଜାୟ ରଖିବା ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ବିରୋଧୀ ନେତାମାନେ ଦୋହରାଇଛନ୍ତି।

## ୧୦୮ ଫୁଟ୍‌ର ହନୁମାନ ମୂର୍ତ୍ତି ଉନ୍ମୋଚିତ



ନୂଆଦିଲ୍ଲୀ,୧୬।୪

ଗୁଜରାଟର ମୋର୍ବିଠାରେ ୧୦୮ ଫୁଟ୍ ଉଚ୍ଚର ହନୁମାନ ମୂର୍ତ୍ତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଭିଡିଓ କନ୍‌ଫରେନ୍ସ ଯୋଗେ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଶିମ୍‌ଲାରେ ବହୁବର୍ଷ ହେଲା ସୁଉଚ୍ଚ ହନୁମାନ ମୂର୍ତ୍ତି ପୂଜା ପାଇଆସୁଥିବାବେଳେ ମୋର୍ବିରେ ସେଭଳି ମୂର୍ତ୍ତି ନିର୍ମାଣ ହୋଇଛି। ଖୁବ୍‌ଶୀଘ୍ର ରାମେଶ୍ୱରମ୍ ଏବଂ ପଶ୍ଚିମବଙ୍ଗରେ ଏଭଳି ପ୍ରତିମୂର୍ତ୍ତି ନିର୍ମାଣ କରାଯିବ ବୋଲି ମୋଦି କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେବାର ସୁଯୋଗ ପାଇଥିବାରୁ ସେ ଟୁଇଟର ଯୋଗେ କୃତଜ୍ଞତା ଜଣାଇଛନ୍ତି।

## ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ହିଂସା



ନୂଆଦିଲ୍ଲୀ,୧୬।୪

ଦିଲ୍ଲୀର ଜାହାଙ୍ଗିରପୁରୀ ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଯାଉଥିବାବେଳେ ଦୁଇ ସମ୍ପ୍ରଦାୟ ମଧ୍ୟରେ ବଚସାରୁ ସଂଘର୍ଷ ଘଟିଯାଇଛି। ଉଭୟ ପକ୍ଷ ପରସ୍ପରକୁ ଟେକାମାଡ଼ କରିବାରୁ ପୋଲିସ କର୍ମଚାରୀଙ୍କ ସମେତ ଅନେକ ଲୋକ ଆହତ ହୋଇଛନ୍ତି। ସେମାନଙ୍କୁ ବାବୁ ଜଗଜୀବନ ରାମ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ବୃତ୍ତମାନେ କେତେକ ଗାଡ଼ି ଭାଙ୍ଗିଦେଇଛନ୍ତି। କେବଳ ଜାହାଙ୍ଗିରପୁରୀ ନୁହେଁ ଆଖପାଖ ଅଞ୍ଚଳର ଲୋକେ ମଧ ହିଂସାକାଣ୍ଡରେ ସାମିଲ ହୋଇଥିଲେ ବୋଲି ପୋଲିସ କମିଶନର ରାକେଶ ଅସ୍ଥାନା କହିଛନ୍ତି। ଉତ୍ତେଜନା ଲାଗି ରହିଥିବାରୁ ଉକ୍ତ ଅଞ୍ଚଳ ଉପରେ ନଜର ରଖାଯିବା ସହ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଯାଇଛି। ଜାହାଙ୍ଗିରପୁରୀ ଓ ଆଖପାଖ ଅଞ୍ଚଳକୁ ଦୁଇ କମ୍ପାନୀ ରାପିଡ୍ ଆକ୍ସନ ଫୋର୍ସ ପଠାଯାଇଛି।

### ଦିଲ୍ଲୀରେ ଅନେକେ ଆହତ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଦିଲ୍ଲୀ ପୋଲିସ ଅଧିକାରୀଙ୍କ ସହ କଥା ହୋଇ ହିଂସା ରୋକିବା ଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଢେଲାମାଡ଼ ଘଟଣାକୁ ନିନ୍ଦା କରିବା ସହ ଏଥିରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏଥିସହିତ ସମସ୍ତେ ପରସ୍ପରର ହାତ ଧରି ଶାନ୍ତି ବଜାୟ ରଖିବାକୁ ସେ ଟୁଇଟ୍ କରିଛନ୍ତି। ଶାନ୍ତି ଶୃଙ୍ଖଳା ବିନା ଦେଶ ଆଗେଇ ପାରିବ ନାହିଁ। ଶାନ୍ତି ରକ୍ଷାକରିବା କେନ୍ଦ୍ର ସରକାରଙ୍କ ଦାୟିତ୍ୱ ବୋଲି କେଜ୍‌ରିୱାଲ କହିଛନ୍ତି।



*Steal a glance with him, and then another.*

*A little extra*

# ବାହାଘର

A little old-fashioned and a whole lot of bold.
It's your wedding and you deserve to have a little more of everything.
Come, celebrate it with Khimji Jewellers.
**Widest range of BIS hallmarked Jewellery**

UP TO 50% OFF* ON MAKING CHARGES
ON GOLD JEWELLERY

*Wedding Collection 2022*
*by*
KHIMJI®
*Jewellers since 1936*

*T&C apply.

STORES ONLY AT

| BHUBANESWAR | BHUBANESWAR | BERHAMPUR | CUTTACK | JHARSUGUDA | ROURKELA |
|---|---|---|---|---|---|
| 621, Saheed Nagar, Janpath | 309 District Centre, Chandrasekharpur | Venkatraju Arcade, Sano Bazar | 558/834, Cantonment Road | Sarbahal Road, Jharsuguda | Kesar Bhawan, Main Road |

NOWHERE ELSE

100% BIS Hallmarked | 100% Certified IGI Diamonds | Lowest Gold Price in Odisha | Lifetime Buyback Guarantee

Toll Free: 1800 3131 777
Follow us:



# ଆର୍ଥିକ ସେବାର ଅଭୂତପୂର୍ବ ସମ୍ପ୍ରସାରଣ ସମାବେଶୀ ବିକାଶ ତ୍ୱରାନ୍ୱିତ

Azadi Ka Amrit Mahotsav | ଭାରତ ସରକାର

## ବ୍ୟାଙ୍କ ସେବାରୁ ବଞ୍ଚିତଙ୍କୁ ବ୍ୟାଙ୍କିଙ୍ଗ୍ ସୁବିଧା

- **ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା** ଜରିଆରେ ଗରିବ ଲୋକଙ୍କୁ ମିଳିଛି ବ୍ୟାଙ୍କ ସୁବିଧା – **45 କୋଟି**ରୁ ଅଧିକ ଜନ ଧନ ଆକାଉଣ୍ଟ ଖୋଲାଯାଇଛି
- **2 ଲକ୍ଷ ଟଙ୍କା**ର ମାଗଣା ଦୁର୍ଘଟଣା ବୀମା ସୁବିଧା ସହିତ ମାଗଣାରେ ଯୋଗାଇ ଦିଆଯାଇଛି **31.6 କୋଟି ରୂପେ ଡେବିଟ୍ କାର୍ଡ**
- **ଜନଧନ-ଆଧାର-ମୋବାଇଲ**କୁ ଯୋଡ଼ିବା ଫଳରେ ବ୍ୟବସ୍ଥାରେ ସ୍ୱଚ୍ଛତା ଆସିଛି ଏବଂ ଦଲାଲଙ୍କ ସମ୍ପୃକ୍ତି ବିନା ସରକାରୀ ଯୋଜନାର ଲାଭ ସିଧାସଳଖ ହିତାଧିକାରୀଙ୍କୁ ହସ୍ତାନ୍ତର କରିବା ସମ୍ଭବ ହୋଇଛି
- **ଡିବିଟି** ସୁବିଧା ଯୋଗୁ ମହାମାରୀ ସମସ୍ୟା ମଧ୍ୟରେ ଗରିବ ଓ ବଞ୍ଚିତମାନଙ୍କର ଆର୍ଥିକ ସୁରକ୍ଷା ସୁନିଶ୍ଚିତ ହୋଇପାରିଛି

## ଅସୁରକ୍ଷିତମାନଙ୍କୁ ସୁରକ୍ଷା

- **ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା** ଅଧୀନରେ ବାର୍ଷିକ ମାତ୍ର **12 ଟଙ୍କା** ପ୍ରିମିୟମରେ **2 ଲକ୍ଷ ଟଙ୍କା**ର ଦୁର୍ଘଟଣା ବୀମା ଯୋଗାଇ ଦିଆଯାଉଛି – **28.19 କୋଟି** ଲୋକ ପଞ୍ଜିକୃତ ହୋଇଛନ୍ତି
- **ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା** ଅଧୀନରେ ବାର୍ଷିକ **330 ଟଙ୍କା** ପ୍ରିମିୟମ୍‌ରେ **2 ଲକ୍ଷ ଟଙ୍କା**ର ଜୀବନ ବୀମା ସୁରକ୍ଷା ମିଳୁଛି – **12.66 କୋଟି** ଲୋକ ପଞ୍ଜିକୃତ ହୋଇଛନ୍ତି
- **ଅଟଳ ପେନସନ ଯୋଜନା** 60 ବର୍ଷ ବୟସ ପରେ ମାସିକ ପେନ୍‌ସନ ଗ୍ୟାରେଣ୍ଟି ଦେଉଛି, **4 କୋଟି**ରୁ ଅଧିକ ଲୋକ ପଞ୍ଜିକୃତ ହୋଇଛନ୍ତି

## ବଞ୍ଚିତ ବର୍ଗଙ୍କୁ ଆର୍ଥିକ ଅନୁଦାନ

- **ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା** ଅଧୀନରେ **34.42 କୋଟି** ଋଣ ଆକାଉଣ୍ଟ ଜରିଆରେ ଉଦ୍ୟୋଗୀମାନଙ୍କୁ **18.60 ଲକ୍ଷ କୋଟି ଟଙ୍କା** ପର୍ଯ୍ୟନ୍ତ ଋଣ ଯୋଗାଣ
- **ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଯୋଜନା** ଅଧୀନର ଗ୍ରୀନଫିଲ୍ଡ ଉଦ୍ୟୋଗ ପ୍ରତିଷ୍ଠା ଲାଗି, **1.35 ଲକ୍ଷ** ଏସ୍‌ସି/ଏସ୍‌ଟି ଏବଂ ମହିଳା ଉଦ୍ୟୋଗୀମାନଙ୍କୁ **14.5 ହଜାର କୋଟି ଟଙ୍କା**ର ଋଣ ବିତରଣ କରାଯାଇଛି
- **ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା**ରେ ଉଠାଦୋକାନୀମାନଙ୍କୁ ମିଳୁଛି ସହଜ ଲଘୁ-ଋଣ ; **30 ଲକ୍ଷ** ଉଠାଦୋକାନୀ ମୋଟ **3.2 ହଜାର କୋଟି ଟଙ୍କା**ର ଋଣ ପାଇଛନ୍ତି



“ ଆମର ବିକାଶର ମାନଦଣ୍ଡ ଅତି ସହଜ । ସବୁଠାରୁ ଦରିଦ୍ର ଲୋକ କିଭଳି ବିକାଶର ଲାଭ ପାଇପାରିବେ ସେଥିପ୍ରତି ଆମେ ଧ୍ୟାନ ଦେଇଥାଉ । ଗରିବଙ୍କ ଉତ୍ଥାନ ଆମର ପ୍ରାଥମିକତା ଏବଂ ଆମ ଆର୍ଥିକ ନୀତିର କେନ୍ଦ୍ରରେ ଗରିବମାନେ ରହିଛନ୍ତି । ”

- ନରେନ୍ଦ୍ର ମୋଦୀ

davp 15415/13/0001/2223

## ମେଗା ସ୍ୱାସ୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି

ଖପ୍ରାଖୋଲ,(ଡି.ଏନ.ଏ.): ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭା ଗୃହରେ ମେଡିକାଲ ଅଫିସର ଡାକ୍ତର ସୁରଜ କୁମାର ଦୀପଙ୍କ ଅଧକ୍ଷତାରେ ମେଗା ସ୍ୱାସ୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତ ସମିତି ଅଧକ୍ଷ ନିରୂପମା ପଟେଲ, ବିପିଏମ ଯୁଗଳ କିଶୋର ସାହୁ, ଡା ରାଜ ସ୍ୱାଇଙ୍କ ସମେତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଆଗାମୀ ୨୦ ତାରିଖ ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ବ୍ଳକସ୍ତରୀୟ ମେଗା ମାଗଣା ସ୍ୱାସ୍ଥ୍ୟ ଶିବିର ପାଇଁ ଆଲୋଚନା ହୋଇଥିଲା।

# ମେ ୧୬ରୁ ୯୯ ମଣ୍ଡିରେ ଧାନକିଣା

ସୋନପୁର,୧୬।୪(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ଆସନ୍ତା ମେ ୧୬ରୁ ରବି ଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ୫୮ ପ୍ୟାକ୍ସ ଓ ୩୫ ଡବ୍ଲ୍ୟୁଏସ୍ଏଚ୍‌ଜି ଜରିଆରେ ଯୋଗାଣ ନିଗମ ପଞ୍ଜିକୃତ ଚାଷୀଙ୍କଠାରୁ ଧାନ କିଣିବ। ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକରେ ଜିଲାପାଳ ଅବୋଲି ସୁନିଲ ନରୱଣେ ଅଧକ୍ଷତା କରିଥିଲେ। ତେବେ ଏକର ପ୍ରତି କେତେ ପରିମାଣର ଧାନ କିଣାଯିବ ଏବଂ ଟୋକନ ଅବଧି କେତେ ଦିନ ରହିବ, ତାହା ସ୍ପଷ୍ଟ କରାଯାଇନାହିଁ। ରାଜ୍ୟ ସରକାର ସେ ନେଇ ନିଷ୍ପତ୍ତି ନେବେ ବୋଲି ସୂଚନା ଦିଆଯାଇଥିଲା।

ଧାନ ସଂଗ୍ରହ ପାଇଁ ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲି ଓ ବୀରମହାରାଜପୁର ଆରଏମ୍‌ସି ଅଧୀନରେ ଚଳିତ ଥର ମୋଟ ୯୯ଟି ମଣ୍ଡି ଖୋଲିବ। ମଣ୍ଡିଗୁଡିକ ସପ୍ତାହକ ୬ଦିନ ଖୋଲା ରହିବ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୧୯୪୦ ଟଙ୍କା ଓ ଗ୍ରେଡ୍-ଏ ଧାନ କୁଇଣ୍ଟାଲ ପ୍ରତି ୧୯୬୦ ଟଙ୍କା ରହିଛି। ବିକ୍ରି ଧାନର ପ୍ରାପ୍ୟ ପି-ପାସ୍(ପେଡି ପ୍ରକ୍ୟୁମେଣ୍ଟ ଅଟୋମେସନ ସିଷ୍ଟମ) ମାଧ୍ୟମରେ



ଧାନ ସଂଗ୍ରହ କମିଟି ବୈଠକରେ ଅର୍ଥମନ୍ତ୍ରୀ, ଜିଲା ପରିଷଦ ଅଧକ୍ଷା, ଜିଲାପାଳ ଓ ଅନ୍ୟ ଅଧିକାରୀ ବୃନ୍ଦ।

ଡିଏଫ୍‌ଟି (ଡାଇରେକ୍ଟ ଫଣ୍ଡ ଟ୍ରାନ୍ସଫର) ଜରିଆରେ ଧାନବିକ୍ରିର ୨୪ରୁ ୪୮ଘଣ୍ଟା ଭିତରେ ଚାଷୀଙ୍କ ଆକାଉଣ୍ଟରେ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳ ୭ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଧାନ ସଂଗ୍ରହ ହେବ। ତେବେ ଧାନ କ୍ରୟ ପାଇଁ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ଜିଲାକୁ ଟାର୍ଗେଟ୍ ଦେଇ ନଥିବା ଜିଲା ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ ସୂଚନା ଦେଇଥିଲେ। ଜିଲାର ମିଲର୍ସମାନେ ଗତ ଖରିଫ ଧାନ ସଂଗ୍ରହର ମାତ୍ର ୪୦% କଷ୍ଟମ ମିଲିଂ ଚାଉଳ ସରକାରଙ୍କୁ ଦେଇଛନ୍ତି। ଏଫ୍‌ସିଆଇ ଓ ଆରଆରସି ଗୋଦାମ ଖାଲିଥିଲେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାର ମିଲର୍ସଙ୍କଠାରୁ ଚାଉଳ ନେଉ ନ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଚାଉଳ ସଂଗ୍ରହ ତ୍ୱରାନ୍ୱିତ ନ ହେଲେ ଜିଲାର ମିଲର୍ସମାନେ ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବେ ନାହିଁ ବୋଲି ଜଣାଇଥିଲେ। ଚଳିତ ଥର ଧାନ କିଣାରେ ଜିଲାର ମୋଟ ୪୮ଗୋଟି ମିଲର୍ସଙ୍କ ମଧ୍ୟରୁ ଯୋଗ୍ୟତା ଭିତ୍ତିରେ କେତୋଟି ମିଲର୍ସ ସାମିଲ ହେବେ ତାହା ସରକାରଙ୍କ ନିଷ୍ପତ୍ତି ଉପରେ ହିଁ ନିର୍ଭର କରୁଛି। ତେଣୁ ଅନ୍ୟ ଜିଲାର ମିଲର୍ସଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରିବାକୁ ସରକାରଙ୍କୁ ଚିଠି ଲେଖାଯିବା ବୋଲି ନିଷ୍ପତ୍ତି ହୋଇଥିଲା। ଜିଲାର ୩୨ ହଜାର ୯୪୬ ଜଣ ଚାଷୀ ରବିଧାନ ବିକ୍ରି ପାଇଁ ପଞ୍ଜିକୃତ ହୋଇଛନ୍ତି। ପ୍ରତ୍ୟେକ ମଣ୍ଡିରେ ଆବଶ୍ୟକ ପାନୀୟ ଜଳ, ତାରପୋଲିନ ବ୍ୟବସ୍ଥା କରିବା ପାଇଁ ଜିଲାପାଳ ନରୱଣେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ ଅଦିନିଆ ବର୍ଷା, କାଳବୈଶାଖୀ ଓ କରାମାଡରେ ଚାଷୀଙ୍କ ଅମଳ ଧାନ ଯେଭଳି କ୍ଷତିଗ୍ରସ୍ତ ନ ହୁଏ ସେଥିପ୍ରତି ଦୃଷ୍ଟି ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ହାତରେ ମାତ୍ର ୨୦ ଦିନ ସମୟ ଥିବାରୁ ଏହାରି ଭିତରେ ଜିଲାର ସମସ୍ତ ଚାଷୀଙ୍କ ନିକଟରୁ ଧାନ ସଂଗ୍ରହ ସାରିବାକୁ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଜିଲା ପରିଷଦ ଅଧକ୍ଷା ସୁପାର ଠେଲା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ପିଡି ଡିଆରଡିଏ ଡୋଳାମଣି ପଟେଲ, ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଉପନିବନ୍ଧକ ସମବାୟ ସମିତି ସମୂହ ବଲାଙ୍ଗୀରଖଣ୍ଡ ମେରିୟାନ ବାଗେ, ସୋନପୁର ଏଆରସିଏସ ଲଳିତ କୁମାର ମାଝୀ, ବୀରମହାରାଜପୁର ଏଆରସିଏସ ଗଜେନ୍ଦ୍ର ପଣ୍ଡା, ଡୁଙ୍ଗୁରିପାଲି ଆରଏମସି ସମ୍ପାଦକ ଉଦିତ କୁମାର ବାବୁ, ବୀରମହାରାଜପୁର ସମ୍ପାଦକ ମନୋଜ କୁମାର ଜେନା, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ଶରତ କୁମାର ଶତପଥୀ, ବୀରମହାରାଜପୁର ବିଧାୟକଙ୍କ ପ୍ରତିନିଧି ଅଜିତ କୁମାର ପଣ୍ଡା, ଚାଷୀ ପ୍ରତିନିଧି ସର୍ଜନ ପଣ୍ଡା, ମିଲର୍ସ ପ୍ରତିନିଧି ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

**ସୁବର୍ଣ୍ଣପୁର ଜିଲା**

- ୫୮ ପ୍ୟାକ୍ସ, ୩୫ ଡବ୍ଲ୍ୟୁଏସ୍ଏଚ୍‌ଜି ଜରିଆରେ କ୍ରୟ ହେବ ଧାନ
- ୯୯ ମଣ୍ଡିରେ ହେବ ଧାନକିଣା
- ପଞ୍ଜୀକୃତ ହୋଇଛନ୍ତି ୩୨,୯୪୬ ଚାଷୀ

## ସଂକ୍ଷେପରେ

### ମେଳା ଦେଖିବାକୁ ଯାଇ ଯୁବକ ମୃତ, ଅଂଶୁଘାତ ଅଭିଯୋଗ

ଅତାବିରା,୧୬।୪(ଡି.ଏନ.ଏ): ବରଗଡ଼ ଜିଲା ଭେଡ଼େନ ବ୍ଲକ ସଂକ୍ରୀଡ଼ାର ବିନ୍ଧ୍ୟବାସିନୀ ପାହାଡ଼ରେ ହେଉଥିବା ଯାତ୍ରା ଦେଖିବାକୁ ଆସି ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଡାଲବୀ ଗ୍ରାମର କାହ୍ନା ମିଶ୍ର(୩୧)। ଭୀମସାର୍ ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ବୁର୍ଲା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନ୍ୟପକ୍ଷେ କାହ୍ନାଙ୍କ ମୃତ୍ୟୁ ଅଂଶୁଘାତ ଜନିତ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସଂକ୍ରୀଡ଼ା ରାଜସ୍ୱ ନିରୀକ୍ଷକ ବିଜୟ ପଟେଲଙ୍କୁ ପଚାରିବାରୁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଶନିବାର କାହ୍ନା ତାଙ୍କ ବଡ଼ଭଉଣୀ ଏବଂ ଭାଣିଜୀଙ୍କୁ ଧରି ବାଇକ୍ ଯୋଗେ ବିନ୍ଧ୍ୟବାସିନୀ ଯାତ୍ରା ଦେଖିବାକୁ ଯାଇଥିଲେ। ପାହାଡ଼ ଉପରେ ଯାତ୍ରା ଦେଖୁଥିବା ସମୟରେ ସେ ଅସୁସ୍ଥତା ଅନୁଭବ କରିଥିଲେ। ଏହାପରେ ତାଙ୍କୁ ପ୍ରଥମେ କାଦୋବାହାଲ ଡାକ୍ତରଖାନା ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଲୁତୁରପଙ୍କ ପଞ୍ଚାୟତର ଦ୍ୱିତୀୟ ବୈଠକ

ଅମରପାଲି,୧୬।୪(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ଗ୍ରାମ ପଞ୍ଚାୟତର ଦ୍ୱିତୀୟ ସାଧାରଣ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁର୍ଯ୍ୟ କୁମାର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ସମିତି ଉପାଧକ୍ଷ ନାରାୟଣ ଲୁହା, ନାଏବ ସରପଞ୍ଚ ମମତା ପଧାନ, ସମସ୍ତ ୱାର୍ଡସଭ୍ୟାସଭ୍ୟ ଉପସ୍ଥଇତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ପପୁନ ସାହୁ ଗତ ବୈଠକର ବିବରଣୀ ପ୍ରଦାନ କରିଥିଲେ। ବୈଠକରେ ଭତ୍ତା ବଣ୍ଟନ, ପିଡିଏସ ବଣ୍ଟନ, ଆବାସ ଯୋଜନାର ସଫଳ ବଣ୍ଟନ ଉପରେ ଆଲୋଚନା ହୋଇଥିଲା। ସବୁ ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ସହିତ ଜଳାଶୟର ପୁନରୁଦ୍ଧାର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପଞ୍ଚାୟତର ସମସ୍ତ ଶିକ୍ଷାନୁଷ୍ଠାନରେ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରାଯାଇଥିବା ସରପଞ୍ଚ ନନ୍ଦ ପ୍ରକାଶ କରିଥିଲେ। ଗ୍ରୀଷ୍ମ ପ୍ରବାହ ପାଇଁ ବିଭିନ୍ନ ଛକରେ ଜଳଛତ୍ର ଖୋଲା ଯାଇଛି। ଆହୁରି ମଧ ଯେଉଁ ସ୍ଥାନରେ ଆବଶ୍ୟକ ରହିଛି ସେଠାରେ ଜଳଛତ୍ର ଖୁବଶୀଘ୍ର ଖୋଲା ଯିବାକୁ ପ୍ରସ୍ତାବ ନିଆଯାଇଥିଲା।

### ମୋବାଇଲ ଦୋକାନରୁ ଚୋରି

ଲୋଇସିଂହା,୧୬।୪(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଭରସୁଜା ଛକରେ ଥିବା ଏକ ମୋବାଇଲ ଦୋକାନରୁ ଶୁକ୍ରବାର ରାତିରେ ଚୋରି ହୋଇଥିବା ନେଇ ଆଗଲପୁର ଫାଣ୍ଡିରେ ଅଭିଯୋଗ ହୋଇଛି। ଏନେଇ ଦୋକାନ ମାଲିକ ହିମାଂଶୁ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଜେମାପାଲି ଗାଁର ହିମାଂଶୁଙ୍କ ସେଲ ଏଣ୍ଡ ସରର୍ଭିସ ମୋବାଇଲ ଦୋକାନ ଭରସୁଜା ଛକରେ ରହିଛି। ହିମାଂଶୁ ସବୁଦିନ ପରି ଶୁକ୍ରବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଶନିବାର ସକାଳେ ତାଙ୍କ ଦୋକାନରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ବିଭିନ୍ନ କମ୍ପାନୀର ୬୨ ଟି ମୋବାଇଲ, ମୋବାଇଲ ମେଶିନ, ମେମୋରି କାର୍ଡ, ଇଅର ଫୋନ,ପେନ ଡ୍ରାଇଭ, ଗ୍ଲାସଗାର୍ଡ, ଚାର୍ଜର, ପ୍ରିଣ୍ଟର ମେଶିନ, ଲାମିନେସନ ମେଶିନ ପ୍ରଭୃତି ଅଢେଇ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

### ସମଲେଶ୍ୱରୀଙ୍କ ଗଙ୍ଗା ଜଳାଭିଷେକ

ବରଗଡ଼ ଅଫିସ୍,୧୬।୪: ଚୈତ୍ର ପୂର୍ଣ୍ଣିମା ଅବସରରେ ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ଗଙ୍ଗା ଜଳାଭିଷେକ ସହିତ ମହାସ୍ନାନ ଉତ୍ସବ ପାଳିତ ହୋଇଥିଲା। ଗଙ୍ଗାଜଳରେ ଦେବୀଙ୍କୁ ସ୍ନାନ କଲେ ମାନସିକ ପୂରଣ ହୁଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ଫଳରେ ତ୍ରିବେଣୀ ସଙ୍ଗମରୁ ଅଣାଯାଇଥିବା ଗଙ୍ଗାଜଳରେ ଦେବୀଙ୍କ ଜଳାଭିଷେକ ପାଇଁ ଭୋର୍‌ରୁ ମନ୍ଦିର ସମ୍ମୁଖରେ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିଲା। ସାଙ୍ଗରେ ଆଣିଥିବା ପୂଜା ସାମଗ୍ରୀ ସହିତ ମନ୍ଦିର କମିଟି ପକ୍ଷରୁ ଦିଆଯାଇଥିବା ଗଙ୍ଗାଜଳରେ ଭକ୍ତମାନେ ଦେବୀଙ୍କ ଅଭିଷେକ କରିଥିଲେ। ଦେବୀଙ୍କୁ ଲାଗି ହେବା ପରେ ଭକ୍ତଙ୍କୁ ଛପନ ଭୋଗ ବଣ୍ଟନ କରାଯାଇଥିଲା। ପଣ୍ଡିତ ଚୂଡ଼ାମଣି ରଥ ପୂଜାର୍ଚ୍ଚନା କରିଥିଲେ।

## ବର୍ଣ୍ଣାଳୀ ସଙ୍ଗଠନର ସାଧାରଣ ବୈଠକ


ସାଧାରଣ ବୈଠକରେ ଉପସ୍ଥିତ ସଦସ୍ୟ ବୃନ୍ଦ।

ବଲାଙ୍ଗୀର ଅଫିସ, ୧୬।୪

କଳା, ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ ବର୍ଣ୍ଣାଳୀର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଶ୍ରମିକ ମଙ୍ଗଳ ଭବନଠାରେ ଶନିବାର ଅନୁଷ୍ଠିତ ହୋଇଛି। ସଭାପତି ପ୍ରଭାକର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବାସୁଦେବ ମେହେର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କୋଷାଧକ୍ଷ ସୁନୀଲ ଚନ୍ଦ୍ର ବିଶ୍ୱାଳ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଆଲୋଚନା ପରେ ଗତ ବୈଠକର ବିବରଣୀକୁ ଅନୁମୋଦନ କରାଯାଇଥିଲା। ଆଗାମୀ ମେ ମାସରେ ସଙ୍ଗଠନର ବାର୍ଷିକ ଉତ୍ସବ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିପାଇଁ ବିଭିନ୍ନ କମିଟି ଯଥା ଅର୍ଥ କମିଟି, ସାଂସ୍କୃତିକ କମିଟି, ପରିଚାଳନା କମିଟି, ସମ୍ବର୍ଦ୍ଧନା କମିଟି ଗଠନ କରାଯାଇଥିଲା। ଏହି ବୈଠକରେ ମୁଖ୍ୟ ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ, ଉପଦେଷ୍ଟା ନୀଳାଞ୍ଚଳ ଚିରଗୁନ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଶୁଭ୍ରାଂଶୁ ମିଶ୍ର, ନୀଳମଣି ପଟେଲ, ମଳୟ ତ୍ରିପାଠୀ, ରାଘବ ପାଣିଗ୍ରାହୀ, ବ୍ରଜ କିଶୋର ପଣ୍ଡା, ଶ୍ରୀୟାକାନ୍ତ ପାଣିଗ୍ରାହୀ, ଉପସଭାପତି କପିଳେଶ୍ୱର ଖମାରୀ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ଚାନ୍ଦ, କଳାକାର ଅନୁପ କୁମାର ମିଶ୍ର, ଚନ୍ଦ୍ରମା ହୋତା, ନବୀନ କୁମାର ମେହେର, ପ୍ରଦୀପ କୁମାର ବରାଳ, ସନ୍ତୋଷ କୁମାର ହୋତା, ରୋଜିସ୍ମିତା ହୋତା, ପଙ୍କଜ ସାହୁ, ବିକାଶ ଷଡଙ୍ଗୀ ଉପସ୍ଥିତ ଥିଲେ। ଶେଷରେ କୋଷାଧକ୍ଷ ସୁନିଲ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ, ହତ୍ୟା ସନ୍ଦେହ

କଣ୍ଟାବାଞ୍ଜି,୧୬।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁରେକେଲା ଥାନା ଅଧୀନ ମହୁଲପାଟି ପାଣ୍ଡେପଡା ପୋଖରୀ ହିଡରେ ଥିବା ଗଛରୁ ଶନିବାର ପୋଲିସ ଏକ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳି ପାରିନାହିଁ। ପାରିପାର୍ଶ୍ୱିକ ସ୍ଥିତିରୁ ହତ୍ୟା କରି ଦୁର୍ବୃତ୍ତମାନେ ମୃତଦେହ ଗଛରେ ଝୁଲାଇ ଦେଇଥିବା ପୋଲିସ ଅନୁମାନ କରୁଛି। ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ୍ ଆସି ଅଧିକ ତଦନ୍ତ କରିଛି। ମୃତକଙ୍କ ବୟସ ପ୍ରାୟ ୪୦ବର୍ଷ ହେବ।

## କୃଷକ ସଙ୍ଗଠନର ସାଙ୍ଗଠନିକ ବୈଠକ


ବୈଠକରେ ଉପସ୍ଥିତ ଚାଷୀମାନେ।

ମୁରିବାହାଲ,୧୬।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ କୃଷକ ସାଙ୍ଗଠନର ସାଙ୍ଗଠନିକ ବୈଠକ ମୁରିବାହାଲ ତ୍ରିଖୁଟି ଛକରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୃଷକ ସଙ୍ଗଠନ ସଭାପତି ଚକ୍ରଧର ହେର୍ଣ୍ଣା ଅଧକ୍ଷତା କରିଥିଲେ। ଏଥିରେ ସରକାର ବିଭିନ୍ନ ଯୋଜନା ପ୍ରତ୍ୟେକ ଚାଷୀଙ୍କ ନିକଟରେ କିପରି ପହଞ୍ଚି ପାରିବ ତାହା ଉପରେ ଆଲୋଚନା କରାଯାଇଥିଲା। କୃଷିବୀମାରୁ ବଞ୍ଚିତ ଚାଷୀଙ୍କୁ କିପରି ସହାୟତା ପ୍ରଦାନ କରାଯାଇ ପାରିବ ଓ ରିହାତି ଦରରେ ସରକାର ନିକଟରୁ ଆସୁଥିବା ବିହନ, ସାର, ଔଷଧ ପ୍ରକୃତ ଚାଷୀ ପାଇ ପାରିବେ ବୈଠକରେ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବ୍ଲକ ଉପସଭାପତି ମଦନ କୁମ୍ଭର, ତୀର୍ଥ ହାତୀ, ଧନଞ୍ଜୟ ମହାନନ୍ଦ, ଯୁଧିଷ୍ଠିର ବଘାର, ଅବିନାଶ ମହାର, ବିଭୀଷିକା ମହାନନ୍ଦ, ସ୍ୱପ୍ନେଶ୍ୱର ଭୋଇ, ଈଶ୍ୱର ଭୋଇ, ଯଦୁପତି ଅଗସ୍ତି, ସାଗର ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ। କୃଷକ ସଙ୍ଗଠନ ସାଧାରଣ ସମ୍ପାଦକ ଗିରିଧାରୀ ସାହୁ ସଭା ସଂଯୋଜନା ଓ କୃପା କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ।

## ଏମ୍‌ଜିଏନ୍‌ଆରଇଜିଏସ୍ ଦୁର୍ନୀତିର ହେଉନି ତଦନ୍ତ

ଲୋଇସିଂହା,୧୬।୪(ଡି.ଏନ.ଏ)

**ବଡଟିକା ଗ୍ରାମ ପଞ୍ଚାୟତ**

- ମେ ୧ରୁ ପଞ୍ଚାୟତ କାର୍ଯ୍ୟାଳୟରେ ଧାରଣା ଦେବାକୁ ଚେତାବନୀ

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବଡଟିକା ପଞ୍ଚାୟତରେ ଗତ ୫ବର୍ଷ ମଧ୍ୟରେ ଏମ୍‌ଜିଏନ୍‌ଆଇରଜିଏସ୍ ସମେତ ବିଭିନ୍ନ ଯୋଜନାରେ ଅନିୟମିତତା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମବାସୀ ବ୍ଲକ ଅଫିସଠାରୁ ୫ଟି ସଚିବଙ୍କ ଯାଏ ଅଭିଯୋଗ କରିଛନ୍ତି। ୧ମାସାରୁ ଉର୍ଦ୍ଧ୍ୱ କାଳ ବିତିଯାଇଥିଲେ ବି କାର୍ଯ୍ୟାନୁଷ୍ଠାନ ଦୂରେ ଥାଉ ତଦନ୍ତ ମଧ୍ୟ କରାଯାଇନାହିଁ। ଏହାର ପ୍ରତିବାଦରେ ଆସନ୍ତା ମେ ୧ ତାରିଖରୁ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ପଞ୍ଚାୟତବାସୀ ନିଷ୍ପତ୍ତି ନେଇଛନ୍ତି। ଏନେଇ ଲୋଇସିଂହା ଥାନା ଅଧିକାରୀଙ୍କୁ ସେମାନେ ଲିଖିତ ଭାବେ ଅବଗତ କରିଥିବା କହିଛନ୍ତି।

ଅଭିଯୋଗ ଅନୁଯାୟୀ, ପଞ୍ଚାୟତର ବନ୍ଧ, କଟାଁ ପୁନରୁଦ୍ଧାର, ଖେଳପଡିଆ ଉନ୍ନତିକରଣ, କାମ ଶ୍ରମିକ ବଦଳରେ ଜେସିବିରେ କରାଯାଇଛି। ଜମି ଉନ୍ନତୀକରଣ ପାଇଁ ଚାଷୀ ପିଛା ୨ରୁ ୩ ହଜାର ଟଙ୍କା ଡିଜେଲ ଖର୍ଚ୍ଚ ନିଆଯାଇଛି। ୨୦ ଘଣ୍ଟା କାମ ବଦଳରେ ୪ରୁ ୫ ଘଣ୍ଟା ମେଶିନରେ କାମ କରି ସାରି ଦିଆଯାଇଛି। ମେଶିନରେ କାମ କରାଯାଇ ଜବକାର୍ଡଧାରୀ ଶ୍ରମିକଙ୍କ ନାମରେ କାମ ଦର୍ଶାଇ ଟଙ୍କା ଆତ୍ମସାତ କରାଯାଇଛି। ଏମ୍‌ଜିଏନ୍‌ଆଇରଜିଏସ୍ କାମ କରୁ ନ ଥିବା ଅନେକଙ୍କ ନାମରେ ଜବ୍‌କାର୍ଡ କରାଯାଇଛି। ସେହି ଜବକାର୍ଡଧାରୀଙ୍କ ଆକଉଣ୍ଟରେ ଏମ୍‌ଜିଏନ୍‌ଆରଇଜିଏସ୍ ଟଙ୍କା ପକାଇ ହଡ଼ପ କରାଯାଇଛି। ରାସ୍ତାଘାଟ, ଆବାସ, ଗୁହାଳ ଯୋଜନାରେ ବହୁ ଦୁର୍ନୀତି ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ବିଡିଓ ଶଙ୍କର କେରକେଟାଙ୍କୁ ପଚାରିବାରୁ ଏନେଇ ଏକ ଟିମ୍ କରି ଅଭିଯୋଗର ତଦନ୍ତ କରାଯିବ ବୋଲି କହିଛନ୍ତି।

## କ୍ୟାରିୟର ପଏଣ୍ଟର ଆଞ୍ଚଳିକ ଶାଖା ଉଦ୍‌ଘାଟିତ

ବରଗଡ଼ ଅଫିସ୍,୧୬।୪

ବରଗଡ଼ ଗଣପତି ହୋଟେଲରେ ରବିବାର ସନ୍ଧ୍ୟାରେ କ୍ୟାରିୟର ପଏଣ୍ଟ, କୋଟାର ଏକ ଆଞ୍ଚଳିକ ଶାଖାର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ଏଭଳି ଏକ ସୁଖ୍ୟାତି ସମ୍ପନ୍ନ ଅନୁଷ୍ଠାନର ଆଞ୍ଚଳିକ କେନ୍ଦ୍ରର ସଦୁପଯୋଗ କରିବା ସକାଶେ ଅଞ୍ଚଳର ଛାତ୍ରୀଛାତ୍ର, ଅଭିଭାବକଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି କ୍ୟାରିୟର ପଏଣ୍ଟ, କୋଟାରୁ ଆସିଥିବା ବରିଷ୍ଠ ପରିଚାଳକ ମହାବୀର ମୀନା, ଗଣିତ ବିଭାଗୀୟ ମୁଖ୍ୟ ସୁନୀଲ କୁମାର ଗୁପ୍ତା ଅନୁଷ୍ଠାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଉକ୍ତ କେନ୍ଦ୍ରରେ କୋଟା ସ୍ଥିତ ମୁଖ୍ୟକେନ୍ଦ୍ରର ସମସ୍ତ ଫାକୁଲ୍ଟି ଶିକ୍ଷାଦାନରେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହିବେ ବୋଲି ବରିଷ୍ଠ ପରିଚାଳକ ମୀନା ସୂଚନା ଦେଇଥିଲେ। ଉକ୍ତ ଅନୁଷ୍ଠାନର ୨୯ବର୍ଷର ଇତିହାସରେ ୪ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଇଞ୍ଜିନିୟରିଂ, ମେଡ଼ିକାଲ, ଆଇଆଇଟି ଆଦି କ୍ଷେତ୍ରରେ ଉପକୃତ ହୋଇ ସମାଜର ବିଭିନ୍ନ ସ୍ତରରେ ଅବସ୍ଥାପିତ ହୋଇଥିବା ସୂଚନା ଦିଆଯାଇଥିଲା। ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି, ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଛପ ଅନୁଷ୍ଠାନର ଉପାଦେୟତା ଉପରେ ଆଲୋକପାତ କରି ସମଗ୍ର ପଶ୍ଚିମ ଓଡ଼ିଶାର ଶୈକ୍ଷିକ ବିକାଶ ନିମିତ୍ତ ଏହା ଏକ ଆଶୀର୍ବାଦ ବୋଲି କହିଥିଲେ। ଲରମ୍ଭା କଲେଜର ପୂର୍ବତନ ଅଧ୍ୟକ୍ଷ ନେପାଳ ପ୍ରଧାନଙ୍କ ସମେତ ବହୁ ଶିକ୍ଷାବିତ୍ ଉପସ୍ଥିତ ରହି ଅନୁଷ୍ଠାନର ଶୈକ୍ଷିକ ସୁଯୋଗ ଉପରେ ବକ୍ତବ୍ୟ ରଖିଥିଲେ। ଅମିତ କୁମାର ସୋନୀ ଧନ୍ୟବାଦ ଅର୍ପଣ କରିଥିଲେ।



ଉଦ୍‌ଘାଟନୀ ସମାରୋହରେ ବରଗଡ଼ ବିଧାୟକ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

## ଡକାୟତ ଭାବି ଅବକାରୀ ପୋଲିସ ଗାଡି ଭଙ୍ଗାରୁଜା

ପଦ୍ମପୁର,୧୬।୪(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ଡକାୟତ ଭାବି ଅବକାରୀ ପୋଲିସ ଗାଡି ଭଙ୍ଗାରୁଜା ହୋଇଥିବା ସୂଚନା ମିଳିଛି। ଏହି ଉପଖଣ୍ଡର ଖୁଣ୍ଟପାଲି ଜମଲା ରୋଡ୍‌ରେ ଶୁକ୍ରବାର ରାତିରେ ଅବକାରୀ ଜିନିଷ ଜବତ ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭାଗୀୟ କର୍ମଚାରୀ ସାଦା ପୋଷାକରେ ବାଡି ଧରି ଛପି ରହିଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ରାକେଶ ଦେବତା ଓ ଟିଙ୍କୁ ହୋତା ବାଇକ୍‌ରେ ସେହି ବାଟ ଦେଇ ଯାଉଥିଲେ। ସେମାନେ ଠେଙ୍ଗା ସହ ସାଦା ପୋଷାକଧାରୀଙ୍କୁ ଦେଖି ଜୋର୍‌ରେ ବାଇକ ଚଲାଇଥିଲେ। ଅନ୍ୟପକ୍ଷେ ସାଦା ପୋଷାକଧାରୀ ଅବକାରୀ ପୋଲିସ ଉଭୟଙ୍କୁ ଅଭିଯୁକ୍ତ ଭାବି ପିଛା କରିଥିଲେ। ବାଇକ୍ ଆରୋହୀ ରାକେଶ ଓ ଟିଙ୍କୁ ଡକାୟତ ଆକ୍ରମଣ କରୁଛି ବୋଲି ଚିତ୍କାର କରିବା ପରେ ଅଇଁଳାଭଟା, ଚିକ୍ରାପଡା ଗ୍ରାମବାସୀ ଠେଙ୍ଗା ବାଡି ଧରି ଘଟଣାସ୍ଥଳକୁ ଆସିଥିଲେ। ଫଳରେ ଅବକାରୀ ପୋଲିସ ପ୍ରାଣଭୟରେ କାର୍‌କୁ ପଛକୁ ବୁଲାଇ ଚାଲିଯାଉଥିଲେ। ଆଗରେ ନଦୀ ଥିବାରୁ ସେମାନେ କାର୍ ଛାଡି ଫେରାର ହୋଇଯାଇଥିଲେ। ଗ୍ରାମବାସୀ ଡକାୟତଙ୍କ ଗାଡି ଭାବି ଭଙ୍ଗାରୁଜା କରିଥିଲେ। ଶନିବାର ସକାଳେ ସ୍ଥାନୀୟ ପୋଲିସ ସେଠାକୁ ଯାଇ କାର୍‌କୁ ଉଦ୍ଧାର କରିଥିଲା। ତେବେ ଅବକାରୀ ବିଭାଗ ଉଚ୍ଚପଦସ୍ଥ ଅଧିକାରୀ, ପୋଲିସ, ଗ୍ରାମବାସୀ, ବାଇକ୍ ଆରୋହୀଙ୍କ ମଧ୍ୟରେ ଆଲୋଚନା ହେବା ପରେ ଘଟଣାର ସମାଧାନ ହୋଇଥିବା ଜଣାପଡିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଆଠବର୍ଷ ହେଲା ନିଖୋଜ ଯୁବକ ଅଚାନକ ଘରକୁ ଫେରିଲେ


ନିଜ ଘରେ କ୍ଷୀରୋଦ ମେହେର।

ଅମରପାଲି,୧୬।୪(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତ ଅନ୍ତର୍ଗତ ଆମ୍ବସରଭଟା ଗ୍ରାମର ଜଣେ ଯୁବକ ଦୀର୍ଘ ଆଠ ବର୍ଷ ହେଲା ନିଖୋଜ ଥିଲେ। ଶନିବାର ସେ ହଠାତ୍ ଘରକୁ ଆସିଲେ। ଫଳରେ ପରିବାର ଓ ପୋଡଶୀ ମହଲରେ ଖୁସିର ଲହରି ଖେଳି ଯାଇଛି। ଯୁବକ ଜଣକ ହେଲେ ଆମ୍ବସରଭଟା ଗ୍ରାମର ଲିଙ୍ଗରାଜ ମେହେରଙ୍କ ବଡ ପୁଅ କ୍ଷୀରୋଦ ମେହେର(୨୯)। ଲିଙ୍ଗରାଜଙ୍କ ଦୁଇ ପୁଅ ମଧ୍ୟରୁ କ୍ଷୀରୋଦ ଆଠ ବର୍ଷ ତଳେ କହାକୁ କିଛି ନ ଜଣାଇ ଘରୁ କୁଆଡେ ପଳାଇ ଯାଇଥିଲେ। ସେ ପ୍ରଥମେ ଆନ୍ଧ୍ରପ୍ରଦେଶର ବିଜୟୱାଡାକୁ ଯାଇ ସେଠାରେ ଦାଦନ ଶ୍ରମିକଭାବେ କାମ କରୁଥିଲେ। ପରବର୍ତ୍ତୀ ସମୟରେ ସେ ନିଜ ଘର କଥା ଭୁଲି ଯାଇଥିବା ଯୁବକ ଜଣକ ପ୍ରକାଶ କରିଛନ୍ତି। ସେଠାରୁ ସେ କୋଲକତା ଓ ପରେ ବେଙ୍ଗାଲୁର ଯାଇ କାମ କରୁଥିଲେ। ଦୀର୍ଘଦିନ ହେଲା ଯୁବକ ଜଣକ ଘରକୁ ନ ଆସିବା ସହିତ ପରିବାର ଓ ସମ୍ପର୍କୀୟଙ୍କ ସହିତ କୌଣସି ଯୋଗାଯୋଗରେ ନ ଥିଲେ। ମାତ୍ର ଯୁବକ ଜଣଙ୍କୁ ହଠାତ ଘର କଥା ମନେ ପଡିଯିବାରୁ ସେ ଆଜି ନିଜ ଘରକୁ ଆସିଛନ୍ତି।

## ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ବଲାଙ୍ଗୀର ଅଫିସ, ୧୬।୪

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଯୁକ୍ତତିନି ପ୍ରଥମ ବର୍ଷ ଛାତ୍ରଙ୍କ ଏକ ଭଡାଘର ମେସ୍‌ରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ବୌଦ୍ଧ ଜିଲା ପଲସାଗୋରା ଗ୍ରାମର ଅନୀଲ କୁମାର ଗିରି (୧୮)। ଉକ୍ତ ମେସ ବାଥ୍‌ରୁମ୍ ଭିତର ରେଲିଂରେ ଅନୀଲଙ୍କ ମୃତଦେହ ଝୁଲୁଥିବା ଶନିବାର ସକାଳେ ଦେଖାଯାଇଥିଲା। ତାଙ୍କୁ ସହପାଠୀମାନେ ସେଠାରୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ବିନ୍ ଆରମ୍ଭ କରିଛି।

ମିଳିଥିବା ସୂଚନା ମୁତାବକ ଛାତ୍ର ଜଣକ ଶୁକ୍ରବାର ନିଜ ଗାଁରୁ ବଲାଙ୍ଗୀର ଶ୍ରୀରାମ ନଗରପଡା ଭଡାଘର ମେସକୁ ଆସିଥିଲେ। ତେବେ ସକାଳୁ ବାଥ୍‌ରୁମ୍ ଭିତର ଝରକା ରେଲିଂରେ ଅନୀଲ ଝୁଲୁଥିବା ଦେଖି ମେସ୍‌ରେ ଥିବା ସହପାଠୀମାନେ ତାଙ୍କୁ ସେଠାରୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇବା ପରେ ଟାଉନ୍ ଥାନା ପୋଲିସ ଟିମ୍ ଓ ସାଇଣ୍ଟିଫିକ୍ ଟିମ୍ ଛାନବିନ୍ ଆରମ୍ଭ କରିଛନ୍ତି। ଅନୀଲ ଆତ୍ମହତ୍ୟା କରିଥିବା କୁହାଯାଉଥିବାବେଳେ କେଉଁ କାରଣରୁ ସେ ଏଭଳି ଚରମ ପଦକ୍ଷେପ ନେଲେ ତାହା ସ୍ପଷ୍ଟ ହୋଇନାହିଁ। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସଦର ଏସ୍‌ଡିପିଓ ତୋଫାନ୍ ବାଗ ସୂଚନା ଦେଇଛନ୍ତି।

## ଜମିଲା କବିତା ଆସର

ପାଟଣାଗଡ, ୧୬।୪ (ଡି.ଏନ.ଏ.)

ମହାବିଷୁବ ମିଳନ ଅବସରରେ ପାଟଣାଗଡ ସାଂସ୍କୃତିକ ପରିଷଦ ତରଫରୁ କବିତା ଆସର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଗଙ୍ଗାଧର ପାର୍କଠାରେ ଅନୁଷ୍ଠିତ ସାହିତ୍ୟ ଆସରରେ ସାଂସ୍କୃତିକ ପରିଷଦ ସଭାପତି ଅରୁଣ କୁମାର ପଟ୍ଟନାୟକ ଅଧକ୍ଷତା କରିଥିଲେ। ମୁଖ୍ୟବକ୍ତାଭାବେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡ. ଜ୍ୟୋତିର୍ମୟୀ ସାହୁ ଯୋଗଦେଇ ବିଷୁବ ମିଳନର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ବଲାଙ୍ଗୀର ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଆଶିଷ କୁମାର ଚନ୍ଦନ ସ୍ୱାଗତ ଭାଷଣ, ପରିଷଦ ସମ୍ପାଦକ ଦିଲୀପ କୁମାର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବହୁ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ।

## ଖେଳପଡ଼ିଆ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ରାଜଗାଙ୍ଗପୁର, (ଡି.ଏନ୍.ଏ.): ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ କୁକୁଡା ଗ୍ରାମରେ ଏକ ଗୋଚର ଜମିରେ ଖେଳ ପଡିଆ କାର୍ଯ୍ୟ ଆରମ୍ଭ ହୋଇଛି। ଏହାକୁ ଉକ୍ତ ଗ୍ରାମର ବାସିନ୍ଦାମାନେ ବିରୋଧ କରି ଏହା ଏକ ଅବୈଧ କାମ ଓ ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ଶନିବାର ଦାବିପତ୍ର ରାଜଗାଙ୍ଗପୁର ତହସିଲଦାର ପିୟୁସ ଲୁହାରଙ୍କୁ ଦେଇଛନ୍ତି। ଉକ୍ତ ଖେଳପଡିଆ ଯୋଗୁ ଗ୍ରାମବାସୀ ପ୍ରଭାବିତ ହେବେ। ସେମାନଙ୍କର ପଶୁଧନ ମଧ ପ୍ରଭାବିତ ହେବେ ଯାହା ଦ୍ୱାରା ସେମାନଙ୍କର ସାମ୍ବିଧାନିକ ଅଧିକାରକୁ ସେମାନଙ୍କ ଠାରୁ ଛଡେଇ ନିଆଯାଉଛି ବୋଲି ଦର୍ଶାଇଛନ୍ତି। ଏହି ଦାବିପତ୍ର ଦେବାସମୟରେ ଗ୍ରାମର ମୁଖ୍ୟ ତଃ ବିରବଲ ଟପ୍ପୋ, ମୋହର ଟପ୍ପୋ, ମନୋଜ ଟପ୍ପୋ, ରମାନୁସ ଟପ୍ପୋ ଓ ଅନ୍ୟମାନେ ରହିଥିଲେ ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ରେମେଡ ଛକ, ସକାଳ ସାଢ଼େ ୮ଟା।
- ମେଡିକାଲ ଟ୍ରେଡ ଫେୟାର, ହୋଟେଲ ରୟାଲ ରିଟ୍ରିଟ, ପୂର୍ବାହ୍ନ ୯ଟା।
- ଯୁଯୁମୁରା ବ୍ଲକ ବିଜେଡି ପକ୍ଷରୁ ରକ୍ତଦାନ ଶିବିର, ଯୁଯୁମୁରା କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ସାଢ଼େ ୯ଟା।
- ସମ୍ବଲପୁର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ପ୍ରଶାନ୍ତ ମହାନ୍ତି ହଲ୍ ଉଦ୍‌ଘାଟନ, ମ୍ୟୁନିସିପାଲିଟି ଛକ ନିକଟ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଅରଣ୍ୟା ପକ୍ଷରୁ ବିଷୁବ ମିଳନ, କବିତା ଆସର

ସୁନ୍ଦରଗଡ଼,୧୬।୪(ଡି.ଏନ.ଏ.): ଭାଷା ଓ ସଂସ୍କୃତି ଗୋଟିଏ ଜାତିର ପରିଚୟ। ଓଡ଼ିଆ ଭାଷାର ଏକ ସ୍ୱତନ୍ତ୍ରତା ରହିଛି। ହେଲେ ବର୍ତ୍ତମାନ ଏହି ଭାଷା ବିଭିନ୍ନ ସଙ୍କଟ ଦେଇ ଗତି କରୁଥିବା ବେଳେ ଏହାକୁ ବଞ୍ଚାଇ ରଖିବା ଦିଗରେ ପ୍ରତ୍ୟେକ ଓଡିଆଙ୍କ ଧେୟ ହେବା ଆବଶ୍ୟକ ବୋଲି ଗୁରୁବାର ସନ୍ଧ୍ୟାରେ ଅରଣ୍ୟା ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ବୀରମିତ୍ର କ୍ଲବ ପ୍ରାଙ୍ଗଣରେ ଆୟୋଜିତ ବିଷୁବ ମିଳନ ଓ କବିତା ଆସରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ତଥା ବିଶିଷ୍ଟ ଗାଳ୍ପିକ ଗିରିଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ଝାରସୁଗୁଡା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଚିରବ୍ରତ ଦତ୍ତ ସମ୍ମାନିତ ବକ୍ତା ରୂପେ ଯୋଗଦେଇଥିଲେ। ପ୍ରାରମ୍ଭରେ ଅରଣ୍ୟା ଅନୁଷ୍ଠାନର ସମ୍ପାଦକ ଗାଳ୍ପିକ ରାଜକିଶୋର ଷଡ଼ଙ୍ଗୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଯୁବ ଗାଳ୍ପିକ ବିବିଧ ବିଶ୍ୱ ସଭା ସଞ୍ଚାଳନ କରିଥିଲେ। ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। କବି ଗୋପକୃଷ୍ଣ ନାୟକ ଓ ସୌମ୍ୟରଞ୍ଜନ ମହାକୁଡ଼ କବିତା ଗୁଡିକୁ ସଯୋଜନା କରିଥିଲେ।

### ଦ୍ୱିତୀୟ ଏମ୍‌ସ ପ୍ରତିଷ୍ଠା ନେଇ ରାଉରକେଲାରୁ ଭୁବନେଶ୍ୱର ପଦଯାତ୍ରା

ସୁନ୍ଦରଗଡ, ୧୬।୪ (ଡି.ଏନ୍.ଏ): ସୁନ୍ଦରଗଡ଼ଠାରେ ଓଡିଶାର ଦ୍ୱିତୀୟ ଏମ୍‌ସ ପ୍ରତିଷ୍ଠା ଦାବିନେଇ ପଶ୍ଚିମ ଓଡିଶା ଯୁବା ମଞ୍ଚ ତରଫରୁ ସୁମିତ ଦାସ ରାଉରକେଲାରୁ ଭୁବନେଶ୍ୱରକୁ ପଦଯାତ୍ରାରେ ବାହାରିଛନ୍ତି। ଗତ ୧୪ ତାରିଖ ଠାରୁ ସୁମିତ ଏହି ପଦଯାତ୍ରାରେ ବାହାରିଥିବାବେଳେ ୨୭ରେ ଭୁବନେଶ୍ୱରରେ ପହଞ୍ଚି ୨୮ରେ ଭୁବନେଶ୍ୱର ଏମସ୍ ନିର୍ଦ୍ଦେଶିକାଙ୍କୁ ଭେଟି ଏନେଇ ଦାବି ଜଣାଇବେ ବୋଲି କହିଛନ୍ତି। ସୁମିତ ସୁନ୍ଦରଗଡରେ ପହଞ୍ଚିବା ପରେ ପଶ୍ଚିମ ଓଡିଶା ଯୁବା ମଞ୍ଚ ସୁନ୍ଦରଗଡ଼ ନାଗରିକ ଓ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ତାଙ୍କୁ ସ୍ୱାଗତ ଜଣାଇ ଏହି ପଦଯାତ୍ରାର ସଫଳତା କାମନା କରିଥିଲେ। ସୁମିତ ସୁନ୍ଦରଗଡ ଜିଲା ପ୍ରଶାସନ ଓ ପୋଲିସ-ପ୍ରଶାସନଙ୍କୁ ଭେଟି ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେ କହିଛନ୍ତି ସୁନ୍ଦରଗଡ଼ଠାରେ ନବନିର୍ମିତ ଏନଟିପିସି ମେଡିକାଲ କଲେଜ ଓ ହସ୍ପିଟାଲରେ ସମସ୍ତ ଭିତ୍ତିଭୂମି ଥିବାରୁ ଏଠାରେ ଓଡିଶାର ଦ୍ୱିତୀୟ ଏମସ ପ୍ରତିଷ୍ଠା କରାଯାଉ।

# ସାମାଜିକ ଗଣମାଧ୍ୟମକୁ ଏସ୍‌ୟୁର ଫୋକସ୍

- ୪ ପ୍ଲାଟଫର୍ମ ପାଇଁ ୪ ସୁଇଟ ଛାତ୍ର ନିଯୁକ୍ତ
- ଆଲୁମ୍‌ନି, ଜନସାଧାରଣ, ଛାତ୍ରୀଛାତ୍ର ଏକାଠି

ସମ୍ବଲପୁର,୧୬।୪ (ବ୍ୟୁରୋ)



ସମ୍ବଲପୁର ବିଶ୍ୱବିଦ୍ୟାଳୟ ।

ବର୍ତ୍ତମାନ ସମାଜରେ ସାମାଜିକ ଗଣମାଧ୍ୟମର ଗୁରୁତ୍ୱ ବୃଦ୍ଧି ପାଇଛି। ଏହା ମାଧ୍ୟମରେ ସୂଚନା ଆଦାନପ୍ରଦାନଠାରୁ ଆରମ୍ଭ କରି ସାରା ଦୁନିଆର ଖବର ସହଜରେ ମିଳିପାରୁଛି। ହାତ ପାଆନ୍ତାରେ ମୋବାଇଲରେ ସବୁ ତଥ୍ୟ ଉପଲବ୍ଧ ହେଉଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ମଧ ଏହି ସାମାଜିକ ଗଣମାଧମ ଉପରେ ଫୋକସ୍ କରିଛି। ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମ, ଟୁଇଟର, ଲିଙ୍କଦେନ ଭଳି ୪ ଗୋଟି ପ୍ଲାଟଫର୍ମରେ ବ୍ୟବହାର କରୁଛି। ଏଥିରେ ବିଶ୍ୱବିଦ୍ୟାଳୟର ଗତିବିଧି, କାର୍ଯ୍ୟକ୍ରମ, ସଫଳତା ଭଳି ସମସ୍ତ ସୂଚନା ଦିଆଯିବ। ଏଥିପାଇଁ ସୁଇଟ୍‌ର ୫ଜଣ ଆଇଟି ଛାତ୍ରଙ୍କୁ ନିୟୋଜିତ କରାଯାଇଛି। ସେମାନେ ଏହି ପ୍ଲାଟଫର୍ମ ଗୁଡିକ ପରିଚାଳନା କରିବେ। ସେମାନଙ୍କୁ ମାସିକ ୫ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯିବ।

ଏ ସମ୍ପର୍କରେ ଏସ୍‌ୟୁ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ କହିଛନ୍ତି, ସାମାଜିକ ଗଣମାଧମରେ ପ୍ରାୟ ସମସ୍ତେ ଯୋଡି ହୋଇଛନ୍ତି। ତେଣୁ ଏସ୍‌ୟୁର ସମସ୍ତ ସୂଚନା ପ୍ରଦାନ ସହ ପ୍ରଚାରପ୍ରସାର ପାଇଁ ଯୋଜନା କରାଯାଇଛି। ୪ଜଣ ଛାତ୍ର ନିତିଦିନ କାମ କରିବେ। ଏହା ଦ୍ୱାରା ଜନସାଧାରଣ ସୁବିଧାରେ ଏସ୍‌ୟୁର ଆବଶ୍ୟକ ସୂଚନା ପାଇପାରିବେ। ଫେସ୍‌ବୁକ ଓ ଟୁଇଟରରେ ଏସ୍‌ୟୁର ସମସ୍ତ କାର୍ଯ୍ୟ ସମ୍ପର୍କରେ ସୂଚନା ଦିଆଯିବ। ଇନ୍‌ଷ୍ଟାଗ୍ରାମରେ କେବଳ ଫଟୋ ପୋଷ୍ଟ କରି ସୂଚନା ଦିଆଯିବ। ସେହିପରି ଲିଙ୍କଦେନ ପ୍ଲାଟଫର୍ମରେ ବିଭିନ୍ନ ଶିଳ୍ପ ଓ କଳାକାରଖାନା ସହିତ ଯୋଡି ରହିବ। ଛାତ୍ରୀଛାତ୍ର ଶିଳ୍ପସଂସ୍ଥାରେ ନିଯୁକ୍ତି ଓ ଅନ୍ୟ ସମ୍ପର୍କରେ ସୂଚନା ପାଇପାରିବେ। ଏହା ସହ ଏହି ସାମାଜିକ ପ୍ଲାଟଫର୍ମରେ ପୁରାତନ ଛାତ୍ର, ବୁଦ୍ଧିଜୀବୀ, ଅଭିଭାବକ ସମସ୍ତେ ଏକାଠି ହୋଇପାରିବେ। ବାହାରେ ରହୁଥିବା ପୁରାତନ ଛାତ୍ରୀଛାତ୍ର ସୁବିଧାରେ ଏସ୍‌ୟୁର ସମସ୍ତ ସୂଚନା ପାଇପାରିବେ। ଏସ୍‌ୟୁ ବିଭିନ୍ନ ଶିକ୍ଷାନୁଷ୍ଠାନ ସହିତ ଏମ୍‌ଓୟୁ ସ୍ୱାକ୍ଷର କରୁଛି। ସେମାନେ ପାଠ୍ୟକ୍ରମ, ଶିକ୍ଷାଦାନ ଉପରେ ଜାଣିବା ପରେ ଏସ୍‌ୟୁରେ ପଢିବା ପାଇଁ ଛାତ୍ରୀଛାତ୍ରଙ୍କ ଆଗ୍ରହ ବଢିବ ବୋଲି ଆଶା କରାଯାଉଛି।

# ନବୀକରଣ ହେବ ଦୁଇ ପୁରାତନ ସ୍କୁଲ



ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବା ବାଳକ ଉଚ୍ଚ ପ୍ରାଥମିକ ସ୍କୁଲକୁ ଏନ୍‌ଏସି ଅଧ୍ୟକ୍ଷ ପରିଦର୍ଶନ କରିବା ସହ ସମସ୍ୟା ବୁଝୁଛନ୍ତି।

ଖଡ଼ିଆଳ ୧୬।୪ (ଡି.ଏନ୍.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ଏନ୍‌ଏସିର ଅଧ୍ୟକ୍ଷ ଦାୟୀତ୍ୱ ଗ୍ରହଣ କରିବା ପରେ ଏନ୍‌ଏସିର ବିକାଶ ଧାରାକୁ ଆଗେଇ ନେବାର ସଂକଳ୍ପ ନେଇ ଅଧ୍ୟକ୍ଷ ଉଜ୍ଜଳ ଗୁପ୍ତା ସହରର ଦୁଇ ପୁରାତନ ପ୍ରାଥମିକ ସ୍କୁଲ ପରିଦର୍ଶନ କରିଛନ୍ତି। ଏଥିସହ ଉଭୟ ସ୍କୁଲର ପରିଚାଳନା କମିଟି ସଦସ୍ୟ, କାର୍ଯ୍ୟରତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କୁ ସ୍କୁଲର ସମସ୍ୟା ସମ୍ପର୍କରେ ପଚାରିବୁଝିଥିଲେ। ସ୍କୁଲର ପୁନଃରୁଦ୍ଧାର କରି ନବୀକରଣ ଦିଗରେ ଏନ୍‌ଏସି ପକ୍ଷରୁ ପଦକ୍ଷେପ ନିଆଯିବା ଦିଗରେ ଗୁରୁତ୍ୱାରୋପ କରିଛନ୍ତି। ଖଡିଆଳ ସହର ୱାର୍ଡ ନଂ. ୮ରେ ଥିବା ୧୯୩୮ର ବାଳିକା ଉଚ୍ଚ ପ୍ରାଥମିକ ସ୍କୁଲ ଏବଂ ୱାର୍ଡ ନଂ.୧୦ ରେ ଥିବା ୧୮୭୫ର ବାଳକ ଉଚ୍ଚ ପ୍ରାଥମିକ ସ୍କୁଲ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଅସରାଏ ବର୍ଷା ହେଲେ ଛାତରୁ ପାଣି ଗଳୁଥିବାବେଳେ ସ୍କୁଲ ଛାତରେ ଲାଗିଥିବା କାଠ ନଷ୍ଟ ହେବାକୁ ବସିଲାଣି। ଫଳରେ ସର୍ବପୁରାତନ ଏହି ଦୁଇ ସ୍କୁଲ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବାବେଳେ ଏହାର ପୁନଃରୁଦ୍ଧାର କରି ନବୀକରଣ କରିବା ଦିଗରେ ଅଣ୍ଟାଭିଡିଛି ଏନ୍‌ଏସି ପ୍ରଶାସନ। ଏନ୍‌ଏସି ପକ୍ଷରୁ ଉଭୟ ସ୍କୁଲ ପରିଦର୍ଶନ ପରେ ଏହାର ପୁନରୁଦ୍ଧାର ପାଇଁ ଜିଲା ପ୍ରଶାସନ ସହ ରାଜ୍ୟ ସରକାରଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରାଯିବ। ସ୍କୁଲଗୁଡିକର ନବୀକରଣ କରାଯିବ ବୋଲି ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜଳ ଗୁପ୍ତା କହିଛନ୍ତି। ଉକ୍ତ ପରିଦର୍ଶନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ୫ନଂ. ୱାର୍ଡର କାଉନସିଲର୍ ସୁନିଲ ସାହୁ, ୮ନଂ. ୱାର୍ଡ଼ର କାଉନସିଲର୍ ସୁବେର ସିଂଦେଓ, ୯ନଂ.ର କାଉନସିଲର୍ ବଜରଙ୍ଗ ଭୋଇ, ୧୦ନଂ.ର କାଉନସିଲର୍ ଚନ୍ଦନ କୁମାର ସାହୁଙ୍କ ସମେତ ବିଭାଗୀୟ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କ ଗଳିତ ମୃତଦେହ ଜବତ

ନାକଟିଦେଉଳ,୧୬।୪ (ଡ଼ି.ଏନ.ଏ.)

## ହତ୍ୟାକାରୀ ସ୍ୱାମୀ ଗିରଫ

ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ପୋଲିସ ପୋତାଯାଇଥିବା ଜଣେ ମହିଳାଙ୍କ ଗଳିତ ମୃତଦେହ ଜବତ କରିବା ସହ ହତ୍ୟାକାରୀ ସ୍ୱାମୀ ମାଧବ ଶବର(୪୫)ଙ୍କୁ ଗିରଫ କରିଛି। ପ୍ରାପ୍ତ ସୂଚନା ଅନୁସାରେ ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ଅନ୍ତର୍ଗତ କଣ୍ଡପଡ଼ାର ମୂଳ ବାସିନ୍ଦା ମାଧବ ଶବର, ସ୍ତ୍ରୀ ବିମଳା ଶବର ଓ ୨ ପିଲାଙ୍କୁ ଧରି ୯ମାସ ହେଲା ମଙ୍ଗଳପୁର ଗ୍ରାମରେ ରହିଆସୁଥିଲେ। ଗତ ୧୦ତାରିଖ ସନ୍ଧ୍ୟାରେ କୌଣସି କାରଣକୁ ନେଇ ମାଧବ ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରିଥିଲେ। ୧୧ତାରିଖ ସକାଳେ ପୁଣି ଥରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ମାଧବ ଏକ ଲାଠିରେ ବିମଳାଙ୍କୁ ପିଟିଥିଲେ। ପରେ ମାଧବ ନିକଟସ୍ଥ ଜଙ୍ଗଲକୁ ମହୁ ସଂଗ୍ରହ କରିବାକୁ ଯାଇ ଅପରାହ୍ନରେ ଘରକୁ ଫେରି ଦେଖିଲା ବେଳକୁ ବିମଳାର ମୃତ୍ୟୁ ଘଟିଛି। ସନ୍ଧ୍ୟାରେ ମାଧବ ନିକଟସ୍ଥ ଜଙ୍ଗଲରେ ବିମଳାଙ୍କ ମୃତଦେହ ପୋତିଦେଇଥଲେ। ଏବଂ ୧୨ତାରିଖରେ ସେ ୨ ପିଲାଙ୍କୁ ଧରି ଫେରାର ହୋଇଯାଇଥିଲେ। ଗ୍ରାମର ମହରମ ଲାକ୍ରା ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୫ତାରିଖରେ ଘଟଣାସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ନାକଟିଦେଉଳ ଅତିରିକ୍ତ ତହସିଲଦାର ସୁବାସ ଚନ୍ଦ୍ର ମହାନ୍ତିଙ୍କ ଉପସ୍ଥିତିରେ ମାଟିତଳୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୋଲିସ ଏ ନେଇ କେସ୍ ନଂ.୩୨/୨୨ରେ ଏକ ମାମଲା ରୁଜୁ କରି ମାଧବଙ୍କୁ ରେଢାଖୋଲ କୋର୍ଟ ଚାଲାଣ କରିଛି। ତାଙ୍କର ଦୁଇ ଝିଅପୁଅଙ୍କୁ ଚାଇଲ୍ଡ ୱେଲଫେୟାର କମିଟିରେ ଜିମା ଦିଆଯାଇଛି ବୋଲି କିସିଣ୍ଡା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି।

## ୫-ଟି ସଚିବଙ୍କୁ ଭେଟିଲେ ପୌର ପରିଷଦ ଅଧ୍ୟକ୍ଷା



ଦେବଗଡ଼ ୧୬।୪(ଡି.ଏନ୍.ଏ.)

ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭିକେ ପାଣ୍ଡିଆନଙ୍କୁ ଶନିବାର ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଦେବଗଡ଼ ସହରର ସାମଗ୍ରିକ ବିକାଶ ତଥା ସରକାରଙ୍କ ସଫଳ ରୂପାୟନ ନେଇ ଆଲୋଚନା ହୋଇଥିଲା। ଏଥିସହିତ ପୌରପରିଷଦର କେତେକ ସମସ୍ୟାର ସମାଧାନ ପାଇଁ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପାଣ୍ଡିଆନ ନବନିର୍ବାଚିତ ପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଇ ଦେବଗଡ଼ ସହରକୁ ଏକ ସୁଦୃଢ଼ ସହର ପରିଣତ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ସମସ୍ତ ସରକାରୀ ଯୋଜନାର ଲାଭ ଲୋକେ ଯେପରି ଉଠାଇପାରିବେ ସେ ଦିଗରେ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ସହରର କେତେକ ସମସ୍ୟାର ସମାଧାନ ନେଇ ୫ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ଦେଶୀ ବନ୍ଧୁକ ସହ ୩ ଶିକାରୀ ଗିରଫ

ନାକଟିଦେଉଳ,୧୬।୪(ଡ଼ି.ଏନ.ଏ.)

ନାକଟିଦେଉଳ ବନ ବିଭାଗ ପକ୍ଷରୁ ଚଢାଉ କରାଯାଇ ଗୋଟିଏ ଦେଶୀ ବନ୍ଧୁକ ଜବତ ସହ ୩ ଶିକାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନାକଟିଦେଉଳ ଗ୍ରାମର ଭାଗ୍ୟସୁରୀ ହୋମୁଣ୍ଡା(୪୭), କେଶବ ପ୍ରଧାନ (୨୫) ଓ ପେଣ୍ଡବାହାଳ ଗ୍ରାମର ନିରାକାର ପେଣ୍ଟେଇ(୬୭)। ଏମାନଙ୍କୁ ଶନିବାର ରେଢାଖୋଲ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁସାରେ ନାକଟିଦେଉଳ ଅଞ୍ଚଳରେ ବାର୍‌ହା ଶୀକାର କରାଯାଇ ମାଂସ ବିକ୍ରି କରାଯାଉଥିବା ନେଇ ବନ ବିଭାଗକୁ ଖବର ମିଳିଥିଲା। ପରେ ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ନାକଟିଦେଉଳ ଫରେଷ୍ଟର ଅନୀଲ କୁମାର କିସାନ, ସଦାଶିବ ନାଏକ, ଘୋଷରାମାଳ ଫରେଷ୍ଟର ଠାକୁର ଚରଣ ପ୍ରଧାନ,



ଗିରଫ ଅଭିଯୁକ୍ତ ଓ ଜବତ ବନ୍ଧୁକ।

ଫରେଷ୍ଟଗାର୍ଡ଼ ଅଜୟ ହରୋ ପ୍ରମୁଖ ଚଢାଉ କରିଥିଲେ। ଏହି ସମୟରେ କେଶବ ଓ ଭାଗ୍ୟସୁରୀ ରୋଷେଇ କରୁଥିବା ବେଳେ ସେମାନଙ୍କଠାରୁ ୫ଶହ ଗ୍ରାମ ରନ୍ଧା ବାର୍‌ହା ମାଂସ ଜବତ କରି ଗିରଫ କରିଥିଲେ। ତଦନ୍ତ ସମୟରେ ନିରାକାର ପେଣ୍ଟେଇ ବନ୍ଧୁକ ସାହାଯ୍ୟରେ ଜନ୍ତୁ ଶୀକାର କରିଥିବା ପ୍ରମାଣ ମିଳିବା ପରେ ତାଙ୍କୁ ବନ ବିଭାଗ ଗିରଫ କରି ଦେଶୀ ବନ୍ଧୁକ ଜବତ କରିଥିଲା।

# ଦୁର୍ଗମ ଅଞ୍ଚଳରେ ପହଞ୍ଚିଲେ ଆମେରିକାର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଟିମ୍

ବୌଦ୍ଧ,୧୬।୪(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବଣ ପାହାଡ ଘେରା ଦୁର୍ଗମ ଅଞ୍ଚଳରେ ଶନିବାର ଦିନ ଆମେରିକାର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଟିମ୍ ପହଞ୍ଚି ଥିବା ଜଣାପଡିଛି । ମିଳିଥିବା ସୂଚନା ମୁତାବକ, ଏହି ଟିମ୍ ହରଭଙ୍ଗା ବ୍ଲକ ଆଡେଣୀଗଡ ପଞ୍ଚାୟତର ବଣ ପାହାଡ ଘେରା ଆଦିବାସୀ ଗାଁ ଲେଙ୍ଗେରପାଜ, ସୁଲୁଙ୍ଗା, ଛତ୍ରପଡା, ମାଣ୍ଡାଲି ଗ୍ରାମକୁ ଯାଇ ମ୍ୟାଲେରିଆ ନିରାକରଣ ଅଭିଯାନ କିପରି ଚାଲିଛି ତାର ଅନୁଧ୍ୟାନ କରିଥିଲେ । ଏହି ଟିମ୍‌ରେ ଆମେରିକାରୁ ଆସିଥିବା ଡା. ମାଲା ରାଓ, ଡ.ସଞ୍ଜୀବ ମହାନ୍ତି , ଡ.ପ୍ରଭାକର ସାହୁ, ଡ.ଏଚ.ଏହାକୁଭ, ଡ.ତିମିର କୁମାର ପ୍ରଧାନ, ଅସିତ କୁମାର ସାମଲ, ସତ୍ୟ ପାଣିଗ୍ରାହୀ, ଯୋହାନ ପିଲାକର ସାମିଲ ଥିଲେ । ଏହି ଟିମ୍



ଆମେରିକାର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ଗ୍ରାମବାସୀ ପାଛୋଟି ନେଉଛନ୍ତି ।

ସହ ଜିଲା ସ୍ୱାସ୍ଥ୍ୟ ବିଭାଗର ଏଡିପିଏଚଓ ଏମ.ଏମ ପ୍ରଧାନ, ଆଡେଣୀଗଡ ସ୍ୱାସ୍ଥ୍ୟକେନ୍ଦ୍ରର ରବିନ କୁମାର ପ୍ରଧାନ, ମହିଳା ସ୍ୱାସ୍ଥ୍ୟ କର୍ମୀ ସାବିତ୍ରୀ, ଅଙ୍ଗନୱାଡି କର୍ମୀ ଜ୍ୟୋସ୍ନା ଜାନୀ, ଆଶାକର୍ମୀ ଜେମାରାଣୀ ଜାନୀ ପ୍ରମୁଖ ଯାଇଥିଲେ । ଗ୍ରାମଗୁଡିକର ମହିଳା ଓ ପୁରୁଷମାନେ ଉକ୍ତ ଟିମ୍‌କୁ ଭବ୍ୟ ସମ୍ବର୍ଦ୍ଧନା ଦେଇ ପାଛୋଟି ନେଇଥିଲେ। ଉକ୍ତ ଟିମ୍ ଆଦିବାସୀମାନେ ଗ୍ରାମଗୁଡିକରେ କିପରି ରହୁଛନ୍ତି, କ'ଣ ଖାଉଛନ୍ତି , ମଶାରି ବ୍ୟବହାର କରୁଛନ୍ତି କି ନାହିଁ ସେ ନେଇ ଅନୁଧ୍ୟାନ କରିଥିଲେ ।

## ଯୁବକଙ୍କ ମୃତଦେହ ଜବତ

ଭବାନୀପାଟଣା,୧୬।୪(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ସହରର ମୁଖ୍ୟ ବସଷ୍ଟାଣ୍ଡ ସମ୍ମୁଖରେ ଥିବା ଏକ ଟିଫିନ ଦୋକାନ ଠେଲା ଉପରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି । ମୃତକ ହେଲେ ସହରର କାଳୀମନ୍ଦିରପଡାର କାଳିଆ ମାଝି । ସକାଳେ ଦୋକାନ ମାଲିକ ଠେଲାକୁ ଆସି ଜଣେ ଯୁବକଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ବର୍ତ୍ତମାନ ସୁଦ୍ଧା ଯୁବକଙ୍କ ମୃତ୍ୟୁର କାରଣ ଜଣାପଡିନାହିଁ । ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# କାମ କରିବାକୁ ଯାଇ ଯୁବକଙ୍କ ହାତ କଟିଲା

ଭବାନୀପାଟଣା,୧୬।୪(ସ୍ୱ.ପ୍ର.)

କଳାହାଣ୍ଡି ଜିଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକ ପାଡେପଦର ପଞ୍ଚାୟତ ଅଧୀନ ଦୁରେସପଦର ଗ୍ରାମର ଜଣେ ଯୁବକ ପେଟପାଟଣା ପାଇଁ ଜିଲା ବାହାରକୁ ଯାଇଥିବାବେଳେ ଦୁର୍ଘଟଣାରେ ତାଙ୍କ ହାତ କଟିଛି। ତାଙ୍କ ନାମ ମହେନ୍ଦ୍ର ଗଉଡ(୩୫) । ଗତ ୩ ମାସ ତଳେ ଗଞ୍ଜାମ ଜିଲା ଆସ୍କା ଥାନା ଅନ୍ତର୍ଗତ ଚାରିମାଇଲି ଛକ ନିକଟରେ ଥିବା ଏକ କ୍ରସରକୁ ନିଜ ଗ୍ରାମର ଜଣେ ବ୍ୟକ୍ତିଙ୍କ ସହିତ କାମ କରିବାକୁ ଯାଇଥିଲେ । ଗୁରୁବାର ସକାଳେ କାମ କରୁଥିବା ସମୟରେ କ୍ରସରର ବେଲ୍ଟ ଲାଗିଯିବା ଫଳରେ ତାଙ୍କ ବାମ ହାତ ସମ୍ପୂର୍ଣ୍ଣ କଟି ଯାଇଥିଲା। ଗୁରୁତର ଅବସ୍ଥାରେ ମହେନ୍ଦ୍ରଙ୍କୁ ଆସ୍କା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ଚିକିତ୍ସା ପାଇଁ ନିଆ ଯାଇଥିଲା। ବର୍ତ୍ତମାନ ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି।

# ଯାଜପୁରରୁ ନାବାଳିକା ଉଦ୍ଧାର

ଭବାନୀପାଟଣା,୧୬।୪(ସ୍ୱ.ପ୍ର.)

## ଚାକିରି ପ୍ରଲୋଭନ ଦେଖାଇ ନାବାଳିକା ବନ୍ଧକ ରଖିବା ଘଟଣା

- ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

କଳାହାଣ୍ଡି ଜିଲା ଥୁଆମୁଳ ରାମପୁର ବ୍ଲକର ଜଣେ ନାବାଳିକାଙ୍କୁ ଚାକିରି ପ୍ରଲୋଭନ ଦେଖାଇ ଯାଜପୁରରେ ବନ୍ଧକ ରଖିବା ଘଟଣା ଜିଲାରେ ଆଲୋଡନ ସୃଷ୍ଟି କରିଥିଲା। ବୁଧବାର ପୀଡିତାଙ୍କ ବାପା ଏ ନେଇ ଥୁଆମୁଳ ରାମପୁର ଥାନାରେ ଏତଲା ଦେବା ପରେ କଳାହାଣ୍ଡି ପୋଲିସର ଆକ୍ସନ ମୁଡ ଦେଖିବାକୁ ମିଳିଛି। ଭବାନୀପାଟଣା ସଦର ଏସ୍‌ଡିପିଓ ସୁନାରାମ ହେମ୍ବ୍ରମଙ୍କ ନେତୃତ୍ୱରେ ଏକ ଟିମ୍ ଯାଜପୁରକୁ ଯାଇ ସେଠାରୁ ନାବାଳିକାଙ୍କୁ ଉଦ୍ଧାର କରିଛି। ପରେ ପୋଲିସ ସମ୍ପୃକ୍ତ ନାବାଳିକାଙ୍କୁ ପରିବାରବର୍ଗଙ୍କୁ ହସ୍ତାନର କରିଛି । ଏହି ଘଟଣାରେ ଗଞ୍ଜାମ ଜିଲା ଧରାକୋଟ ଥାନା ଜଗମୋହନ ଗ୍ରାମର ଗୋବିନ୍ଦ ଚନ୍ଦ୍ର ସାହୁ(୩୧)ଙ୍କୁ ପୋଲିସ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଏ ନେଇ କଳାହାଣ୍ଡି ଏସ୍‌ପି ଡ.ଶ୍ରବଣ ବିବେକ ଏମ୍ ସୁଚନା ଦେଇଛନ୍ତି।

# ଭାନୁପ୍ରତାପ ଜାତୀୟସ୍ତରୀୟ ପାୱାରଲିଫ୍ଟିଂ ଚାମ୍ପିୟନଶିପ୍‌କୁ ଉନ୍ନୀତ

ଝାରସୁଗୁଡ଼ା ଅଫିସ,୧୬।୪

ସର୍ବଭାରତୀୟ ପାୱାରଲିଫ୍ଟିଂ ଫେଡେରେଶନ ସହବନ୍ଧିତ ଓଡ଼ିଶା ପାୱାରଲିଫ୍ଟିଂ ଆସୋସିଏଶନ ତରଫରୁ ଭୁବନେଶ୍ୱର ମଞ୍ଚେଶ୍ୱରଠାରେ ୨ଦିନିଆ ଦ୍ୱିତୀୟ ରାଜ୍ୟସ୍ତରୀୟ ପାୱାରଲିଫ୍ଟିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ସଂଘ ତରଫରୁ ଆୟୋଜିତ ଚାମ୍ପିୟନଶିପ୍‌ରେ ରାଜ୍ୟର ୨୦ଜିଲାର ୩୧୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କୁ ସବ୍ ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର ବର୍ଗରେ ବିଭକ୍ତ କରାଯାଇଥିଲା। ଚାମ୍ପିୟନଶିପ୍‌ରେ ଝାରସୁଗୁଡ଼ା ଜିଲାରୁ ୩ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରେ ଭାନୁ ପ୍ରତାପ ସିଂହ ୮୩ କେଜି କ୍ୟାଟେଗୋରୀ ସିଲଭର୍‌ରେ ପାୱାର ଲିଫ୍ଟିଂ ଓ ଓପନ ବେଞ୍ଚ ପ୍ରେସ୍‌ରେ ଦ୍ୱିତୀୟ ସ୍ଥାନରେ ବିଜୟୀ ହୋଇ ଜାତୀୟ ସ୍ତରୀୟ ପାୱାରଲିଫ୍ଟିଂ ଚାମ୍ପିୟନଶିପ୍‌କୁ ଉନ୍ନୀତ ହୋଇଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ମାସ ୧୪ ଓ ୧୫ତାରିଖରେ ଛତିଶଗଡରେ ହେବ ବୋଲି ଜଣାପଡିଛି । ଏହି ଖବର ଜଣାପଡିବା ପରେ ଭାନୁ ପ୍ରତାପଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି ।



ଭାନୁ ପ୍ରତାପ ସିଂହ

# ପ୍ରକୃତିର ଉପାସନା କଲେ ଆଦିବାସୀ

ରାଉରକେଲା ଅଫିସ,୧୬।୪

## ସାରହୁଲ ମହୋତ୍ସବ ପାଳିତ

ରାଉରକେଲା ଉଦିତନଗର ସ୍ଥିତ ସାରନାପୂଜା ସ୍ଥଳରେ ରାଜୀ ପାଡ୍‌ହା ସାରନା ପ୍ରାର୍ଥନା ସଭା ଓ ସାରନା ସମିତି ରାଉରକେଲା ପକ୍ଷରୁ ଆଦିବାସୀଙ୍କ ପ୍ରକୃତିର ପର୍ବ ସାରହୁଲ ମହୋତ୍ସବ ଶନିବାର ପାଳିତ ହୋଇଛି। ଏହି ପୂଜାରେ ପ୍ରକୃତି ଓ ପରିବେଶ ମଧ୍ୟରେ ସମନ୍ୱୟ ବଜାଇ ରଖିବା ପାଇଁ ବିଭିନ୍ନ ଆଦାବାସୀ ସମ୍ପ୍ରଦାୟ ଲୋକମାନେ ଏକତ୍ରିତ ହୋଇ ଗଛ, ଲତା, ଜଳ, ସୂର୍ଯ୍ୟ ଦେବତାଙ୍କ ସହ ପୃଥିବୀର ପଞ୍ଚତତ୍ତ୍ୱକୁ ପୂଜା କରି ବିଶ୍ୱର ଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ।

ରାଉରକେଲା ତଥା ଆଖପାଖ ଅଞ୍ଚଳରେ ବସବାସ କରୁଥିବା ହଜାର ହଜାର ଆଦିବାସୀ ସାରନା ପୂଜାସ୍ଥଳରେ ଉପସ୍ଥିତ ରହି ସାମୂହିକ ପୂଜାପାଠ କରିଥିଲେ। ଏହି ପୂଜାକୁ ସମାଜର ମୁଖ୍ୟ ପୂଜକ ଉମ୍ବରୁଧର ତିର୍କୀ, ମାଙ୍ଗନାଥ ଖାଲ୍‌କୋ, ସୋମା ଲାକ୍ରା ଉପସ୍ଥିତ ରହି ଯଥାବିଧି ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। ଶ୍ରଦ୍ଧାଳୁମାନେ ଜଳାଭିଷେକ, ଇଷ୍ଟଦେବତାଙ୍କୁ ନୂତନ ଫୁଲ, ଫଳ, ଅରୁଆ ଚାଉଳ ସମର୍ପଣ ସହ ନିଜ ନିଜ ଘରୁ ଆଣିଥିବା ଜଳକୁ ଇଷ୍ଟଦେବତାଙ୍କ ଉପରେ ଅଭିଷେକ କରି ପରସ୍ପରକୁ ଓଡ଼ିଆ ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସାରହୁଲ ପର୍ବ ଆଦିବାସୀ ସମାଜରେ ଚେତନା ସଞ୍ଚାର, ସମାନତା, ପ୍ରେମ ଓ ଭାଇଚାରା ସହ ଅନ୍ୟର ଭାବନା ଆଉ ସଦ୍‌ଭାବନାକୁ ସମ୍ମାନ କରିବାରେ ପ୍ରେରଣା ପ୍ରଦାନ କରିଥାଏ ବୋଲି ସାରନା ସମିତିର ସଭାପତି ମଣିଲାଲ କେରକେଟ୍ଟା ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମିତିର ଉପସଭାପତି ଧନେଶ୍ୱର ତିର୍କୀ, ସୁଶୀଲ ଲାକ୍ରା, ଗୁଡୁ କେରକେଟ୍ଟା, ଧର୍ମଗୁରୁ ବନ୍ଦନ ଟିଗା, ରାଞ୍ଚୁ ଓରାମ, ମୀନା ତିର୍କୀ, ଲକ୍ଷ୍ମୀ ଖାଲକୋ, ଡି. ଡି ତିର୍କୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଝାରିଓ କେରକେଟ୍ଟା ଧନ୍ୟବାଦ ଅର୍ପଣ କରିଥିଲେ।



ସାରହୁଲ ମହୋତ୍ସବରେ ଆଦିବାସୀମାନେ ପୂଜାର୍ଚ୍ଚନା କରୁଛନ୍ତି।

**ଟ୍ରେନରେ କଟି ଯୁବକ ମୃତ**

କଣ୍ଟାବାଞ୍ଜି,(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି-ମୁରିବାହାଲ ରେଳ ସେକ୍ସନ ମଝିରେ ଟ୍ରେନରେ କଟି ଜଣେ ଯୁବକ ଶନିବାର ମୃତ୍ୟୁ ଘଟିଛି । ମୃତକ କଣ୍ଟାବାଞ୍ଜି ଥାନା ଅଧୀନ କୁକୁଡାହାଡ ଗାଁର ରାଧେଶ୍ୟାମ ଜାଲ (୪୫) ବୋଲି ଚିହ୍ନଟ କରାଯାଇଛି । ଏ ନେଇ କଣ୍ଟାବାଞ୍ଜି ଜିଆରପିରେ ଏକ ମାମଲା ରୁଜୁ ହୋଇଛି।

# ଖଇରମାଳ ବ୍ୟାରେଜ୍ ନିର୍ମାଣ ଦାବି ତେଜିଲା

ସୋନପୁର,୧୬।୪(ନି.ପ୍ର.)



ବୈଠକରେ ସାହିତ୍ୟ ସଂସ୍କୃତି ଏକାଡେମୀ ଓ ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ବୃନ୍ଦ।

ମହାନଦୀର ଖଇରମାଳଠାରେ ବ୍ୟାରେଜ୍ ନିର୍ମାଣ ଦାବି ତେଜିବାରେ ଲାଗିଛି। ରାଜ୍ୟ ସରକାର ଏହି ବ୍ୟାରେଜ୍ ନିର୍ମାଣ କରିବାକୁ ସରକାରୀଭାବେ ଘୋଷଣା କରି ଚୁପ୍ ବସିଥିବାରୁ ସୁବର୍ଣ୍ଣପୁର ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ସରକାରଙ୍କ ଦୃଷ୍ଟି ଆକର୍ଷଣ ସକାଶେ ଆସନ୍ତା ମଙ୍ଗଳବାର ସୋନପୁରରେ ଶୋଭାଯାତ୍ରା ଆୟୋଜନ ହେବ। କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ଓ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଶନିବାର ଆୟୋଜିତ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସୋନପୁର ସହର ଦେଶର ସବୁଠାରୁ ଉତ୍ତପ୍ତ ସହରଭାବେ ପରିଗଣିତ ହେବା ପରେ ସମସ୍ୟାର ସମାଧାନ ପାଇଁ ଜିଲାରେ ବ୍ୟାପକ ବୃକ୍ଷରୋପଣ ପାଇଁ ବୁଦ୍ଧିଜୀବୀମାନେ ଏହି ଅବସରରେ ଦାବି କରିଛନ୍ତି।

ବର୍ଷାଋତୁରେ ମହାନଦୀର ଜଳ ସମୁଦ୍ରକୁ ବହି ଯାଉଛି। ପଡୋଶୀ ରାଜ୍ୟ ଏହି ଜଳକୁ ସଂରକ୍ଷଣ କରି ରଖୁଥିବା ବେଳେ ଓଡିଶାରେ ଏ ଦିଗରେ କୌଣସି ଉଦ୍ୟମ ହେଉନାହିଁ। ମହାନଦୀରେ ଜଳ ଉପଯୋଗ ଯୋଜନାକୁ ନେଇ ମାଷ୍ଟରପ୍ଲାନ ପ୍ରସ୍ତୁତ ହୋଇଥିବା ରାଜ୍ୟ ସରକାର ଘୋଷଣା କରିଥିଲେ। ମହାନଦୀ-ତେଲନଦୀର ସଙ୍ଗମସ୍ଥଳୀ ରାମେଶ୍ୱରଠାରୁ ସାଢେ ୩କିଲୋମିଟର ଦୂର ଖଇରମାଳରେ ବ୍ୟାରେଜ୍ ନିର୍ମାଣ କରିବା ପାଇଁ ରାଜ୍ୟ ସରକାର ୫ବର୍ଷ ପୂର୍ବରୁ କହିଥିଲେ। ଖଇରମାଳଠାରେ ୫.୫ ମିଟର ଉଚ୍ଚତା ବିଶିଷ୍ଟ ବ୍ୟାରେଜ୍ ନିର୍ମାଣ ପାଇଁ ପ୍ରାଥମିକସ୍ତରରେ ଜଳସେଚନ ବିଭାଗ ପକ୍ଷରୁ ସର୍ଭେ ହୋଇଥିଲା। ଟେକ୍ନିକାଲ ଆଡଭାଇଜର କମିଟି(ଟିଏସି)ରେ ଅନୁମୋଦନ ହୋଇଥିଲା। ଏହି ବ୍ୟାରେଜ୍ ନିର୍ମାଣ ହୋଇଥିଲେ ଜଳସେଚନ, ମତ୍ସ୍ୟ ଚାଷ ସହ ଜଳ ପର୍ଯ୍ୟଟନର ସମ୍ଭାବନା ସୃଷ୍ଟି ହୋଇଥାନ୍ତା। ସୋନପୁର ସହରକୁ ତିନିପଟୁ ଘେରି ରହିଥିବା ମହାନଦୀ ଓ ତେଲନଦୀରେ ବର୍ଷ ସାରା ଜଳ ଭରି ରହିଥାନ୍ତା। ବ୍ୟାରେଜ୍ ନିର୍ମାଣ ଫଳରେ ଉତ୍ତପ୍ତ ସହର ସୋନପୁରର ତାପମାତ୍ରା ହ୍ରାସ ପାଇଥାନ୍ତା । ସରକାରଙ୍କ ଘୋଷଣା ପରେ ଜିଲାବାସୀ ଖୁସି ହୋଇଥିଲେ। ମାତ୍ର ସରକାର ବଜେଟ୍‌ରେ ଏଥିପାଇଁ ବ୍ୟୟବରାଦ୍ କରୁନାହାନ୍ତି। କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀର ସମ୍ପାଦକ ଗୋରେଖନାଥ ସାହୁ, ଅଧାପକ ନାରାୟଣ ପ୍ରସାଦ ରାୟଗୁରୁ, ଡ.

## ୧୯ରେ ସୋନପୁରରେ ରାଲି

ଜ୍ୟୋତିରଞ୍ଜନ ବହିଦାର, ଶିକ୍ଷାବିତ୍ ବ୍ରଜମୋହନ ଦାନୀ, ମଦନମୋହନ ଦାନୀ ପ୍ରମୁଖ ସରକାରଙ୍କ ଆଭିମୁଖ୍ୟକୁ ନେଇ ସମାଲୋଚନା କରିଛନ୍ତି। ବ୍ୟାରେଜ୍ ନିର୍ମାଣ ପାଇଁ ସରକାରୀ ଏବଂ ରାଜନୈତିକ ସ୍ତରରେ ଅବହେଳାକୁ ବୈଠକରେ ନିନ୍ଦା କରାଯାଇଥିଲା। ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଜଳସମ୍ପଦ ମନ୍ତ୍ରୀ ଥିବା ବେଳେ ସରକାର ଖଇରମାଳ ବ୍ୟାରେଜ୍ ନିର୍ମାଣ ସକାଶେ ଘୋଷଣା କରିଥିଲେ। ସୋନପୁର ବିଧାୟକ ପୂଜାରୀ ଏବେ ରାଜ୍ୟର ଅର୍ଥମନ୍ତ୍ରୀ ଅଛନ୍ତି। କିନ୍ତୁ ରାଜ୍ୟ ବଜେଟ୍‌ରେ ଏହି ପ୍ରକଳ୍ପ ପାଇଁ ସେ ଅର୍ଥ ବରାଦ୍ କରି ନ ପାରିବାରୁ ବୁଦ୍ଧିଜୀବୀମାନେ ସମାଲୋଚନା କରିଛନ୍ତି । ଆଇନଜୀବୀ ବ୍ୟୋମକେଶ ଦାଶ, ଗଦାଧର ବାରିକ୍, ଆର୍ତ୍ତତ୍ରାଣ ବାବୁ, ଶ୍ରୀଧର ବାଗ, ଆଇନଜୀବୀ ପ୍ରଫୁଲ୍ଲ ସାହୁ, ରଶ୍ମିରଞ୍ଜନ ଦାଶ, ହେମନ୍ତ ସା ଓ ସତ୍ୟନାରାୟଣ ବଡ଼ିଆ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

# ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ବିଦାୟ ସମ୍ବର୍ଦ୍ଧନା ସମାରୋହ


ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ବିଦାୟ ସମ୍ବର୍ଦ୍ଧନା ସମାରୋହ।

ବରଗଡ଼ ଅଫିସ୍,୧୬।୪

ବରଗଡ଼ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ, ଚେୟାରମ୍ୟାନ ସୁମନ ସାୱାଡ଼ିଆ, ଭାଇସ୍ ଚେୟାରମ୍ୟାନ ରୋଶନ ସାୱାଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସପାଲ କରନ ସାହୁ, ବବିତା ସାୱାଡ଼ିଆ ଏବଂ ସ୍କୁଲ ପରିଚାଳନା କମିଟିର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଶ୍ଳୋକପାଠ କରି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ସ୍କୁଲର ଶିକ୍ଷୟିତ୍ରୀ ସୀମା ସାହୁ, ରୀତା ନାୟକ, ମମତା ସିହ୍ନା, ଜଗଦୀଶ ସା, ମୟୂର ଧଇତଙ୍କ ସମେତ ଛାତ୍ରୀଛାତ୍ରମାନେ ବକ୍ତବ୍ୟ ରଖି ବିଦ୍ୟାଳୟ ଜୀବନ ଉପରେ ଆଲୋକପାତ କରିଥିଲେ। ସ୍କୁଲର ଚେୟାରମ୍ୟାନ, ଭାଇସ୍ ଚେୟାରମ୍ୟାନ, ଡାଇରେକ୍ଟର, ପ୍ରିନ୍ସପାଲ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ପ୍ରୀତିଶା ସୀଲ ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଙ୍ଗୀତ ଶିକ୍ଷକ କମଳେଶ ଚକ୍ରବର୍ତ୍ତୀ, ସୁରେନ୍ଦ୍ର ଦୀପ, ନୃତ୍ୟ ଶିକ୍ଷକ କରନ ଦାଶ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନେ ସ୍କୁଲକୁ ସ୍ମୃତି ସ୍ୱରୂପ ଏକ ଥିଏଟର ପ୍ରଦାନ କରିଥିଲେ। ସ୍କୁଲ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ମାନପତ୍ର, ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭିଭାବକମାନେ ଉପସ୍ଥିତ ଥିଲେ।

# ବୌଦ୍ଧ ବ୍ଲକସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ

**ବୌଦ୍ଧ,୧୬।୪(ସ୍ୱ.ପ୍ର.):** ବୌଦ୍ଧ ବ୍ଲକସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହଠାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧ୍ରୁବଚରଣ ଘିବେଲାଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସିଆରସିସିମାନଙ୍କ ଦ୍ୱାରା ଶିକ୍ଷକମାନଙ୍କ ଲେସନ ନୋଟ ଦେଖିବା, ବିଦ୍ୟାଳୟ ପାଚେରି, ରୋଷେଇ ଘର, ପାନୀୟଜଳ,ବିଦ୍ୟୁତ୍ ବ୍ୟବସ୍ଥା, ବିଦ୍ୟାଳୟ ମନିଟରିଂ, ବିଦ୍ୟାଳୟ ବିକାଶ ଓ ସୁରକ୍ଷା ଯୋଜନା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ସହଗୋଷ୍ଠୀ ଶିକ୍ଷା ଅଧିକାରୀ କମଳକାନ୍ତ ଦଳବେହେରା ଶିକ୍ଷା ସଚେତନତା ରଥ ଭ୍ରମଣ, ପ୍ରି ମାଟ୍ରିକ ସ୍କଲାରସିପ, ଅବସର ନେଉଥିବା ଶିକ୍ଷକମାନେ ମଧ୍ୟାହ୍ନ ଭୋଜନ କ୍ଲିୟରାନ୍ସ ଦେବେ, ସହଯୋଗ ତାଲିମ ଆଦି ସମ୍ପର୍କରେ ସୂଚନା ଦେଇଥିଲେ । ଏହାଛଡା ବ୍ଲକସ୍ତରୀୟ ମୋ ସ୍କୁଲ ଆଲୁମିନି ବୈଠକ ଆସନ୍ତା ସପ୍ତାହରେ କରାଯିବାକୁ ସୂଚନା ଦିଆଯାଇଥିଲା। ମଧ୍ୟାହ୍ନ ଭୋଜନ କେୱାଇସି ଏବଂ ଏକାଉଣ୍ଟ ଖାଲି କରିବା ତଥ୍ୟ ୧୨ ଗୋଟି କ୍ଲଷ୍ଟର ଦେଇଛନ୍ତି, ଅନ୍ୟ କ୍ଲଷ୍ଟରଗୁଡିକ ଶୀଘ୍ର ଦେବାକୁ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ଅଖିଳ କୁମାର ପ୍ରଧାନ କହିଥିଲେ। ସିଆରସିସି ରାଜକୁମାର ପ୍ରଧାନ ଘରୋଇ ନାମରେ ଥିବା ସ୍କୁଲ ଜମିର ରିପୋର୍ଟ ଦେବାକୁ କହିଥିଲେ। ସିଆରସିସି ସଞ୍ଜୟ ଦେହୁରୀ, ଶେଷଦେବ ପ୍ରଧାନ, ଲବକିଶୋର ପ୍ରଧାନ, ସନ୍ତୋଷ କୁମାର ଶତପଥୀ, ସନ୍ତୋଷ କୁମାର କର୍ଣ୍ଣ, ସନତ କୁମାର ବାରିକ, ଅନାଦି ଚରଣ ବେହେରା, ବିଜୟ କୁମାର ଭୋଇ, ଅରବିନ୍ଦ ମହାଲିକ ଓ କାହ୍ନୁ ଚରଣ ସେଠୀ ପ୍ରମୁଖ ବ୍ଲକର ସମସ୍ତ ସିଆରସିସି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୧୮ରୁ ବରଗଡ଼ ଜିଲାବ୍ୟାପୀ ସ୍ୱାସ୍ଥ୍ୟମେଳା

ବରଗଡ଼ ଅଫିସ୍,୧୬।୪

ବରଗଡ଼ ଜିଲାରେ ଆସନ୍ତା ୧୮ତାରିଖରୁ ୨୨ତାରିଖ ପର୍ଯ୍ୟନ୍ତ ଜିଲାବ୍ୟାପୀ ସ୍ୱାସ୍ଥ୍ୟମେଳା ହେବ। ଜିଲାର ୧୨ଟି ବ୍ଲକରେ ଏହା ଅନୁଷ୍ଠିତ ହେବ। ଏହି ସ୍ୱାସ୍ଥ୍ୟମେଳାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହିତ ସରକାରଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ଲୋକାଭିମୁଖୀ ଯୋଜନାଗୁଡ଼ିକ ଉପରେ ଲୋକମାନଙ୍କୁ ସୂଚନା ଦିଆଯିବ। ମୁଖ୍ୟତଃ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞଙ୍କ ସମେତ ଅନ୍ୟ ଡାକ୍ତରମାନେ ମେଳାରେ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିବେ। ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା କରାଯାଇ ସୁନେତ୍ର ଯୋଜନାରେ ଚଷମା ବଣ୍ଟନ କରାଯିବ। ଏହା ସହିତ ଆୟୁଷ୍ମାନ ଭାରତ ଡିଜିଟାଲ ସ୍ୱାସ୍ଥ୍ୟସେବା ଅନ୍ତର୍ଗତ ଏକ ସ୍ୱାସ୍ଥ୍ୟ ଆଇଡ଼ି ପ୍ରତ୍ୟେକଙ୍କ ପାଇଁ ପ୍ରସ୍ତୁତ କରାଯିବ। ଏଥିପାଇଁ ଆଧାର କାର୍ଡ଼, ମୋବାଇଲ ନମ୍ବର ରହିବା ଜରୁରୀ। ସେହିପରି ପ୍ରତି ସ୍ୱାସ୍ଥ୍ୟମେଳାରେ ୧୦ରୁ ୧୫ଟି ଷ୍ଟଲ ସହିତ ପାନୀୟଜଳ, ଅଂଶୁଘାତ ଚିକିତ୍ସା ପାଇଁ ଶୀତତାପ ନିୟନ୍ତ୍ରିତ କୋଠରୀ ଏବଂ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ। ଦିବ୍ୟାଙ୍ଗ ରୋଗୀଙ୍କ ପାଇଁ ହୁଇଲ୍ ଚେୟାର ସହିତ ଆମ୍ବୁଲାନ୍ସ ସେବା ମଧ୍ୟ ରହିବ। ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ସ୍ଥାନୀୟ ବ୍ଲକ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ଏହି ସ୍ୱାସ୍ଥ୍ୟମେଳା ସକାଳ ୮ଟାରୁ ୫ଟା ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି। ଶନିବାର ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉକ୍ତ ସୂଚନା ଦିଆଯାଇଛି।

ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବୃଜବତୀ ସାହୁ ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି ସ୍ୱାସ୍ଥ୍ୟମେଳା ଉପରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଆସନ୍ତା ୧୮ତାରିଖରେ ସୋହେଲା ବ୍ଲକର କେନ୍ଦୁମୁଣ୍ଡି ପ୍ରାଥମିକ ସ୍କୁଲ, ପଦ୍ମପୁର ବ୍ଲକର ଜମଲା ଯୁକ୍ତ ଦୁଇ କଲେଜ, ୧୯ରେ ଅତାବିରା ବ୍ଲକର ଲରମ୍ବା କଲେଜ, ଭେଡ଼େନ ବ୍ଲକର ଜାଣ୍ଡୋଲ ପ୍ରାଥମିକ ସ୍କୁଲ, ଭଟଲି ବ୍ଲକର କମଗାଁ ଯୁକ୍ତ ଦୁଇ କଲେଜ, ୨୦ରେ ବରଗଡ଼ ବ୍ଲକର ସରସରା ଯୁକ୍ତଦୁଇ କଲେଜ, ଅମ୍ବାଭୋନା ବ୍ଲକର ଡୁଙ୍ଗୁରୀ ସ୍ଥିତ ସ୍ୱାମୀ ବିବେକାନନ୍ଦ କଲେଜ, ୨୧ରେ ବରପାଲି ବ୍ଲକର କଦଳୀପାଲି ସ୍ଥିତ ଜଗବନ୍ଧୁ ଦାଶ ମହିଳା କଲେଜ, ବିଜେପୁର ବ୍ଲକର ଜାରିଂ ସ୍ଥିତ ଉନ୍ନୀତ ଉଚ୍ଚ ପ୍ରାଥମିକ ସ୍କୁଲ, ଗାଇସିଲେଟ ବ୍ଲକର ସ୍ଥାନୀୟ ପଞ୍ଚାୟତ ସମିତି ସେକେଣ୍ଡାରୀ ସ୍କୁଲ, ପାଇକମାଳ ବ୍ଲକ ଲଖମରା କଲେଜ ଏବଂ ୨୨ରେ ଝାରବନ୍ଧ ବ୍ଲକର ସ୍ଥାନୀୟ ପଞ୍ଚାୟତ ସମିତି ଯୁକ୍ତ ଦୁଇ କଲେଜରେ ଏହି ମେଳା ଅନୁଷ୍ଠିତ ହେବ ବୋଲି ଡା. ସାହୁ ସୂଚନା ଦେଇଥିଲେ।

**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852
E-mail: serifedodisha@gmail.com, Website: www.serifedodisha.in
Letter No. VII - 1(21)/SERIFED/2021-22-459 Date: 11.04.2022
**EXPRESSION OF INTEREST**
**SELECTION OF ADVERTISING FOR PUBLICITY & BRANDING ACTIVITIES OF SERIFED LTD.**
Odisha Co-Operative Tasar & Silk Federation (SERIFED) Ltd., under the control of Handlooms, Textiles & Handicrafts Dept., Govt. of Odisha invites quotations from advertising agencies having experience in Advertising, Branding, Publicity & Events for selection in SERIFED for a period of two years (2022-23 & 2023-24). The detailed EOI can be seen / downloaded from Govt. website **www.tendersodisha.gov.in** during the period of **Dt.18.04.2022 to Dt.27.04.2022 up to 05:00 PM** Online bid shall be received up to 05:00 P.M. dt. 27.04.2022. **The Authority reserves the right to accept or reject any or all quotations at any time without assigning any reason thereof.**
Sd/-
MANAGING DIRECTOR

**OFFICE OF THE SUPERINTENDING ENGINEER, RWS & S DIVISION, BARGARH**
Email: eerwss_bgh@nic.in, Ph. (O): 06646 233220, FAX: 06646 234626
No.1717 / Dt.13.4.2022
**CANCELATION OF BID ID NO. 19 OF 2021-22 & TENDER CALL NOTICE NO. 1613 DT.05.04.2022**
No.O-73:- The bid identification 19 of 2021-22 & tender call notice No.1613 dated 05.04.2022 of the Executive Engineer, RWS&S Division, Bargarh is hereby cancelled.
**Sd./- Executive Engineer, RWSS**
OIPR-25157/11/0002/2223

idco Your power to grow | ODISHA NEW OPPORTUNITIES
No.CAD-198
File No.- HO/Civil/T&E-E-4522/04/2021/9124 Dt.13.04.22
**OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR**
Bid Identification No. Civil/EST-08/2021-22
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
1. **Name of the Work :** Supply of Non Modular Fixed Items and Modular Furniture (Loose Items) for Accommodation Building (Hostel) for players & support staffs in BPUT Campus, Rourkela.
2. **Value of the Work:** Rs.1450.00 Lakhs (Approx.)
3. **Period of Completion:** 04 (Four) Calendar Months
4. **Availability of tender online for Bidding:**
   I. **Start Date** : 18.00 Hours of dt.25.04.2022.
   II. **End Date** : 17.00 Hours of dt.09.05.2022.
   III. **Opening Date** : 11.30 Hours of dt.10.05.2022.
   IV. **Prebid Meeting** : 12.00 Noon of dt. 30.04.2022.

Tender details can be seen from the e-procurement portal. www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
**Sd./- Chief General Manager (Civil), IDCO, Bhubaneswar**
OIPR-14003/11/0026/2223

**OFFICE OF THE DISTRICT MAGISTRATE & COLLECTOR, SAMBALPUR**
EOI No. 904/SS Dtd.16.04.2022
**Notice Inviting Expression of Interest for Selection of Agency/Agencies for running of Old Age Home, Destitute Home, Special Schools for VI/HI & ID in IIC, Sambalpur**
District Administration, Sambalpur invites proposals from reputed agency/agencies for running of Old Age Home, Destitute Home, Special Schools fo VI/HI & ID in IIC, Sambalpur under as specified in this EOI document. The detailed EOI document can be downloaded from **www.sambalpur.nic.in** w.e.f. 16.04.2022 onwards. The last date & time for submission of EOI document by Speed Post/Registered Post/Courier etc. in all working days at the District Social Security Office, Sambalpur shall be 18.05.2022 till 1 P.M. Based on eligibility criteria as mentioned in the EOI, the applicant agency will be selected. The undersigned reserves the right to accept or reject any application without assigning any reason thereof.
**Sd./- Collector, Sambalpur**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
AT/PO- NAYABAZAR, CUTTACK-753004, Tel.No. 0671-2444488, Email-serw_kpd@yahoo.com
Letter No.853 Date: 11.04.2022
No.O-77:-
**1st Corrigendum Notice**
1st Corrigendum to Bid Identification No Tender Online RCK-8/22 invited this office Letter No. - 781, Dt.- 04.04.2022
The changes as detailed below are hereby made in the above N.I.T.:-
1. Clause No.-06 of NIT modified below:

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-8/22 | 18.04.22 at 11.00 A.M. | 03.05.22 to 5.00 P.M. | 02.05.22 upto 1.00 P.M. | 04.05.22 at 11.30 A.M. | Will be intimated later |

Sd./- Chief Construction Engineer, Rural Works Circle, Kendrapara-Jajpur
OIPR-25129/11/0006/2223

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮**
**ଭୁବନେଶ୍ୱର-୭୫୧୦୧୨**
ସଂଖ୍ୟା 6212/IND-II-PH-1006 ତାରିଖ: 13.04.2022
No.CAD-203
**ବିଜ୍ଞାପନ**
ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ଶ୍ରୀ ଅମନ କୁମାର ଶର୍ମା ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା, ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ଖେରୁଆଲ ଗ୍ରାମରେ ୬.୦୭୦ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ଭେଡ଼େନ୍ ନଦୀ ଶଯ୍ୟାରେ ସ୍ଥିତ ତୁମ୍ବେକେଲା ବାଲୁକା ଖଣି** ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।
ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪.୦୯.୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।
ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୦.୦୫.୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ଖେରୁଆଲ ଗ୍ରାମରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯.୦୬.୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।
ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।
୧. ଜିଲାପାଳଙ୍କ କାର୍ଯ୍ୟାଳୟ, **ଝାରସୁଗୁଡ଼ା** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଝାରସୁଗୁଡ଼ା**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଝାରସୁଗୁଡ଼ା**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଝାରସୁଗୁଡ଼ା** ।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।
ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ ମିଳିପାରିବ।
ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ଝାରସୁଗୁଡ଼ା**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।
ସ୍ୱା./- ସଦସ୍ୟ ସଚିବ
OIPR-08012/11/0025/2223

idco Your power to grow | ODISHA NEW OPPORTUNITIES
No. CAD-195
**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**
Tender Call Notice No. BBSR/ELECT/E-4243/21-22/876 Date: 11.04.22
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
**Name of the Work** :- Supply and installation of Fire Pump, Jockey Pump & Diesel engine with accessories for OAT Building, Cuttack. (Balance work).

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower-2000, 4th Floor, Mancheswar I/E, Bhubaneswar | Bid ID No. BBSR/ ELECT/e-02/ 22-23 | 20.04.2022 at 17.00 hrs. | 27.04.2022 at 17.00 hrs. |

**Further details can be seen from the e-Procurement Portal www.tendersorissa.gov.in.** Corrigendum or Addendum if any will not be published in newspapers and can only be seen in the e-**procurement portal as well as as in IDCO website.**
**Sd./- Divisional Head (Elect.)**
OIPR-14003/11/0024/2223 **IDCO, Bhubaneswar**

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)
**NATIONAL COMPETITIVE BIDDING THROUGH e-Procurement**
**No. O-79** Bid Identification No. Online Tender / 06-2022-23/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 06-2022-23/BPR | Bridge Works (BSY) | 03 Nos. | From Rs.257.14 lakhs to Rs.649.14 lakhs | "B" Class, "A" Class, "Special" & "Super" Class as applicable | 11 (Eleven) & 18 (Eighteen) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 06-2022-23/BPR | 20.04.2022 at 10.00 A.M. | 04.05.2022 upto 3.00 P.M. |

(i) No EMD is required as per O.M. No. 8484 Dt.05.04.2022 of Finance Department, Govt. of Odisha, But Bid Security declaration should be furnished by the bidders as mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: **www.tendersodisha.gov.in**.
**OIPR-25071/11/0010/2223** **Sd./- P.K. Jena, Chief Construction Engineer, R.W. Circle, Berhampur**

idco Your power to grow | ODISHA NEW OPPORTUNITIES
No. CAD-192
**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, BHUBANESWAR-751022**
Tender Call Notice No. H.O./P&C/EST-E-1748/01/2021-8999 Date: 12.04.2022
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of Work | Value of Work (Approx.) | Period of Completion |
|---|---|---|---|
| 1. | "Laying of treated water rising main from MEIL pumping main- Chandaka I/E and Odisha Biotech farm and its Peripheral at Bhubaneswar". | ₹ 923.37 lakh | 09 (Nine) Calendar Months |

**I. Other details**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar-751022 | Bid ID No. PC-EST-E-04/2022-23 | 17.00 hours of dt.20.04.2022 | 17.00 hours of dt.05.05.2022 |

**Further details can be seen from the e-Procurement Portal www.tendersodisha.gov.in.** Corrigendum or addendum if any will not be published in newspapers and can only be seen in the e-procurement portal www.tenderodisha.gov.in as well as IDCO website www.idco.in.
**OIPR-14003/11/0021/2223** **Sd./- Chief General Manager (P&C), IDCO, Bhubaneswar**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR**
**e Procurement Notice for PMGSY Phase-III (Batch-III) works (2021-22)**
**PRADHAN MANTRI GRAM SADAK YOJANA**
**Bid Identification No. PMGSY-Online-BLGR-03/2022-23**
No. O-74: **The Chief Construction Engineer, R. W. Circle, Bolangir on behalf of Odisha State Rural Road Agency invites the percentage rate bids** in electronic tendering system for construction of roads under Pradhan Mantri Gram Sadak Yojana in the districts of **Bolangir for 9 (nine)** number of packages with approximate estimated cost totaling to **Rs.48.62 Cr.** including their maintenance for five years from the eligible contractors registered with **State PWD / CPWD / MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.
Date of release of Invitation for Bids through e-procurement dt (12.04.2022).
**Availability of Bid Documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with Chief Construction Engineer, Rural Works Circle, Bolangir, on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non- responsive.
**Last Date/ Time for receipt of bids through e-procurement: 04.05.2022 upto 5.00 P.M.**
For further details please log on to **www.pmgsytenders.gov.in**.
**Sd./- D.K.Seth**
**Chief Construction Engineer**
**R. W. Circle, Bolangir**
**OIPR-25118/11/0004/2223**

## ଶସ୍ତା ହୋଇପାରେ ଖାଇବା ତେଲ

ନୂଆଦିଲ୍ଲୀ: ଗତ କିଛି ମାସ ହେବ ଦରବୃଦ୍ଧିକୁ ନେଇ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଛି। ଆଗାମୀ କିଛିଦିନ ମଧ୍ୟରେ ଖାଇବା ତେଲ ଦର ଶସ୍ତା ହୋଇପାରେ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏପରିକି ସରକାର ଖାଇବା ତେଲ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ଯୋଜନା କରୁଛନ୍ତି। ମିଳିଥିବା ସୂଚନା ଅନୁସାରେ ଖାଇବା ତେଲ ଉପରେ ଲାଗୁ ହେଉଥିବା ୨ଟି ସେସ୍‌ରେ ପରିମାଣ ହ୍ରାସ କରିବାକୁ ସରକାର ଯୋଜନା ରଖିଛନ୍ତି। ଏହାଛଡ଼ା ସରକାର ଖାଇବା ତେଲର ଆମଦାନୀ ଶୁଳ୍କ ଉପରେ ବର୍ତ୍ତମାନର ହ୍ରାସକୁ ସେପ୍ଟେମ୍ବର ପର୍ଯ୍ୟନ୍ତ ବଢ଼ାଇବାକୁ ଯୋଜନା କରୁଛନ୍ତି। ଖାଇବା ତେଲ ଆମଦାନୀ ଉପରେ ବର୍ତ୍ତମାନ ୫.୫% ଶୁଳ୍କ ରହିଛି।

## ସଂକ୍ଷେପରେ

### କ୍ରମ୍ପ୍ଟନର ନୂତନ କୁଲର ସିରିଜ

ଭୁବନେଶ୍ୱର,୧୬।୪ : ଚଳିତ ବର୍ଷ ଗ୍ରୀଷ୍ମଋତୁ ଅବସରରେ କ୍ରମ୍ପ୍ଟନ ଗ୍ରୀଭ୍‌ସ କଞ୍ଜୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ ପକ୍ଷରୁ ନୂତନ କୁଲର ସିରିଜର ଶୁଭାରମ୍ଭ କରାଯାଇଛି। ଦୀର୍ଘ ୮୦ ବର୍ଷର ବଜାର ଅଭିଜ୍ଞତା ସହ କ୍ରମ୍ପ୍ଟନର କୁଲବ୍ରିଜ୍ ଡେଜର୍ଟ କୁଲର ବର୍ଗ ସହିତ ନିଜର ଶୀତଳୀକରଣ ପରିବ୍ୟବସ୍ଥାରେ ଆଉ ଏକ ନବସୃଜନ ଯୋଗ କରିଛି। ଏ ସମ୍ପର୍କରେ କ୍ରମ୍ପ୍ଟନ ଗ୍ରୀଭସ କଞ୍ଜୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ୍‌ର ଭାଇସ ପ୍ରେସିଡେଣ୍ଟ, ଆପ୍ଲାଏନ୍ସ ବିଜ୍‌ନେସ ସଚିନ ଫାରଟିୟାଲ କହିଛନ୍ତି, ଗ୍ରୀଷ୍ମଋତୁଗୁଡିକ ପୂର୍ବାପେକ୍ଷା ଉତ୍ତପ୍ତ ହେବାକୁ ଲାଗିଥିବାବେଳେ ଉତ୍ତାପରୁ ତତ୍‌କ୍ଷଣାତ ଆଶ୍ୱସ୍ତି ଲାଭ କରିବା ସମ୍ପ୍ରତି ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ଉତ୍ତାପ ପ୍ରବାହ ଏକ ନୂତନ ସ୍ୱାଭାବିକତା ହେଉଛି ଏବଂ ଆଧୁନିକ ଯୁଗର ଗ୍ରାହକ ବାହାରେ କ୍ଳାନ୍ତ ଶ୍ରାନ୍ତ ସମୟ ବିତାଇବା ପରେ ଘର ଭିତରେ ତତ୍‌କ୍ଷଣାତ ଶୀତଳ ପରିବେଶ ଆବଶ୍ୟକ କରୁଛନ୍ତି।

### ସେନ୍‌ହାଇଜର ନୂତନ ସ୍ପିକର

ନୂଆଦିଲ୍ଲୀ,୧୬।୪ : ସେନ୍‌ହାଇଜର ପକ୍ଷରୁ ମାଇକ୍ରୋସଫ୍ଟ ଟିମ୍ ପାଇଁ ଏକ ଇଣ୍ଟେଲିଜେଣ୍ଟ ସ୍ପିକର ସର୍ଟିଫାଏଡ୍, ଦି ଟିମ୍ କନେକ୍ଟ ଇଣ୍ଟେଲିଜେଣ୍ଟ ସ୍ପିକରର ଶୁଭାରମ୍ଭ କରାଯାଇଛି। ଟିମ୍ କନେକ୍ଟ ଇଣ୍ଟେଲିଜେଣ୍ଟ ସ୍ପିକର ସହିତ ଦୂରରେ ଥିବା କିମ୍ବା ଏକ ରୁମ୍‌ରେ ଥିବା ପାଖାପାଖି ୧୦ଜଣ ଲୋକଙ୍କ ପାଇଁ ସେନ୍‌ହାଇଜର ସ୍ମାର୍ଟ କେନ୍ଦ୍ରିତ ଏବଂ ସମାବେଶୀ ମିଟିଂ ପାଇଁ ସମାଧାନ ପ୍ରଦାନ କରୁଛି। ଯାହା ୩.୫ମି. ବ୍ୟାସାର୍ଦ୍ଧ ପର୍ଯ୍ୟନ୍ତ କଭର କରିଥାଏ ଏବଂ ଏଥିରେ ୭ଟି ବିମ୍‌ଫର୍ମିଙ୍ଗ ମାଇକ୍ରୋଫୋନ ରହିଛି। ସେନ୍‌ହାଇଜର ଇଣ୍ଡିଆର ସେଲ୍‌ସ ବିଜ୍‌କମ୍ ନିର୍ଦ୍ଦେଶକ ମ୍ରିଦୁଲ ଜୈନ କହିଛନ୍ତି, ସେନ୍‌ହାଇଜର ଆମ ଉଦ୍ୟୋଗର ଅଗ୍ରଣୀ ଟିମ୍ କନେକ୍ଟ ସିଲିଂ ୨ମାଇକ୍ରୋଫୋନ ସହିତ ଟୁଭଏସ୍ ଲିଫ୍ଟ ପାଇଁ ପରିଚିତ। ଆମ୍ଭମାନଙ୍କର ଟିମ୍ କନେକ୍ଟ ପରିବାର ସହିତ ଏହି ନୂତନ ମିଶ୍ରଣ ଆମ୍ଭମାନଙ୍କୁ ଏକ ଭିନ୍ନ ପ୍ରକାର ସାକ୍ଷାତ୍‌କାର ଗୃହକୁ ଏପରି ଏକ ମୂଲ୍ୟରେ ସମ୍ପ୍ରସାରଣ ହେବା ପାଇଁ ସୁଯୋଗ ପ୍ରଦାନ କରୁଛି।

# ମହଙ୍ଗା ହୋଇପାରେ ବିମାନଯାତ୍ରା

- ଏଟିଏଫ ମୂଲ୍ୟ ୦.୨% ବୃଦ୍ଧି
- ଚଳିତ ବର୍ଷରେ ୮ ଥର ବଢ଼ିଲାଣି

ନୂଆଦିଲ୍ଲୀ,୧୬।୪



ଚଳିତ ବର୍ଷ ଆରମ୍ଭରୁ ବିମାନ ଇନ୍ଧନ ମୂଲ୍ୟ ବଢ଼ିଚାଲିଛି। ଏପରିକି ପ୍ରତି ମାସରେ ୨ ଥର ଏପରିକି ଗତ ୪ ମାସରେ ୮ ଥର ପାଇଁ ଏହାର ମୂଲ୍ୟ ବୃଦ୍ଧି ହୋଇସାରିଛି। ଗୋଟିଏ ପଟରେ କ୍ରମାଗତ ଭାବେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ପାଉଛି। ଅପରପକ୍ଷରେ ତୈଳ ଦର ବୃଦ୍ଧି ଯୋଗୁ ବିମାନ ସେବା ଯୋଗାଇଥିବା କମ୍ପାନୀଗୁଡିକ ବ୍ୟାପକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ପରିସ୍ଥିତିରେ କମ୍ପାନୀଗୁଡିକ ସେହି ଅନୁସାରେ ମୂଲ୍ୟ ବୃଦ୍ଧି କରିବାକୁ ଯୋଜନା କରୁଛନ୍ତି।

ଗତ କିଛିଦିନର ବିରତି ପରେ ପୁଣି ଥରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ପାଇବାରେ ଲାଗିଛି। ଏହାର ପ୍ରଭାବ ଭାରତ ବଜାର ଉପରେ ପଡୁଛି। ଏପରିକି ବିମାନରେ ଇନ୍ଧନ ରୂପେ ବ୍ୟବହାର କରାଯାଉଥିବା ଏଟିଏଫ୍ (ଆଭିଏଶନ ଟର୍ବାଇନ ଫୁଏଲ) ର ମୂଲ୍ୟ ମଧ୍ୟ ୦.୨% ବୃଦ୍ଧି ପାଇଛି। ବିମାନ ଇନ୍ଧନ ଯୋଗାଇଥିବା ତୈଳ କମ୍ପାନୀଗୁଡିକର ସୂଚନା ଅନୁସାରେ ଶନିବାର ଏଟିଏଫ୍ ମୂଲ୍ୟ କିଲୋଲିଟର ପିଛା ୨୭୭.୫ ଟଙ୍କା ଅର୍ଥାତ୍ ୦.୨% ବୃଦ୍ଧି ଘଟିଛି। ଏହି ମୂଲ୍ୟ ବୃଦ୍ଧି ଫଳରେ ନୂଆଦିଲ୍ଲୀରେ ଏଟିଏଫ୍ ମୂଲ୍ୟ ୧,୧୩,୨୦୨.୩୩ ଟଙ୍କାରେ ପହଞ୍ଚିଛି।

ଏହା ପୂର୍ବରୁ ପ୍ରାୟ ୨ସପ୍ତାହ ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲ ପ୍ରାୟ ୧୧ ଟଙ୍କା ପ୍ରତି ଲିଟର ପିଛା ବୃଦ୍ଧି ପାଇଥିଲା।

ସୂଚନାଯୋଗ୍ୟ, ପ୍ରତି ମାସର ୧ ଏବଂ ୧୬ ତାରିଖରେ ବିମାନ ଇନ୍ଧନ ମୂଲ୍ୟ ସଂଶୋଧନ କରାଯାଇଥାଏ। ଅପରପକ୍ଷରେ ପ୍ରତିଦିନ ଉଭୟ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ପରିବର୍ତ୍ତନ ତୈଳ ବିପଣନ କମ୍ପାନୀଗୁଡିକ କରିଥାନ୍ତି।

ଚଳିତ ବର୍ଷ ମାର୍ଚ୍ଚ ୧୬ ରେ ଏଟିଏଫ୍ ମୂଲ୍ୟରେ ୧୮.୩% ସହ ବଡ଼ ମୂଲ୍ୟ ବୃଦ୍ଧି ହୋଇଥିଲା। ଏହାପରେ ଏପ୍ରିଲ ୧ରେ ମଧ୍ୟ ଏହାର ମୂଲ୍ୟରେ ୨% ବୃଦ୍ଧି ଘଟିଥିଲା। ବର୍ତ୍ତମାନର ବୃଦ୍ଧି ପରେ ମୁମ୍ବାଇର ଏଟିଏଫ୍ ମୂଲ୍ୟ କିଲୋଲିଟର ପିଛା ୧,୧୧,୯୮୧.୯୯ ଟଙ୍କା ହୋଇଛି। ଏହା କୌଣସି ବିମାନ କମ୍ପାନୀର ପରିଚାଳନା ଖର୍ଚ୍ଚରେ ପ୍ରାୟ ୪୦%ର ଅଂଶ ରଖୁଥିବା କୁହାଯାଇଛି।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ କଲ୍ ସେଣ୍ଟର ଶୁଭାରମ୍ଭ



ଭୁବନେଶ୍ୱର,୧୬।୪

ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ୍ ବିତରଣ ପାଇଁ ଗଠିତ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ବ୍ରହ୍ମପୁରର ଆମ୍ବଗଡ଼ାଠାରେ ଏକ ୫୦ ସିଟ୍ ବିଶିଷ୍ଟ କଲ୍ ସେଣ୍ଟରର ଶୁଭାରମ୍ଭ କରାଯାଇଛି। ଏହି ସେଣ୍ଟରରେ ଏକ ସମନ୍ୱିତ ଇଣ୍ଟରଆକ୍ଟିଭ୍ ଭଏସ୍ ରେସ୍‌ପନ୍ସ ସିଷ୍ଟମ୍ (ଆଇଭିଆର୍‌ଏସ୍), କମ୍ପ୍ୟୁଟର ଟେଲିଫୋନି ଇଣ୍ଟିଗ୍ରେସନ (ସିଟିଆଇ) ଓ ଗ୍ରାହକ ସମ୍ପର୍କ ପରିଚାଳନା (ସିଆର୍‌ଏମ୍) ର ବ୍ୟବସ୍ଥା ସହିତ ସମସ୍ତ ଗ୍ରାହକ ଅଭିଯୋଗର ଯତ୍ନ ନେବା ପାଇଁ ଉଚ୍ଚ ତାଲିମପ୍ରାପ୍ତ ପେସାଦାରମାନେ ରହିଛନ୍ତି। ସେହିଭଳି ବିଭାଗ ସମ୍ବନ୍ଧୀୟ ବିଭିନ୍ନ ପ୍ରକାର ସେବା ପାଇଁ ଏକ ଦେୟମୁକ୍ତ (ଟୋଲ୍ ଫ୍ରି) ନମ୍ବର ୧୮୦୦-୩୪୫-୭୭୯୭,୧୯୧୨ ସହ ୨୪/୭ ଘଣ୍ଟିଆ ସେବା ଜାରି ରହିବ। ଏହି ଦେୟମୁକ୍ତ ନମ୍ବରକୁ ଉଭୟ ମୋବାଇଲ ଓ ଲ୍ୟାଣ୍ଡଲାଇନରେ ଯୋଗାଯୋଗ କରିହେବ।

ଏ ସମ୍ପର୍କରେ ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍‌ର ସିଇଓ, ଅରବିନ୍ଦ ସିଂହ କହିଛନ୍ତି, ବହୁ ଅଭିଯୋଗ ପାଇଁ ଗୋଟିଏ ସମାଧାନ କେନ୍ଦ୍ର ଭାବେ ଆମେ କଲ୍ ସେଣ୍ଟର ସେବାର ଶୁଭାରମ୍ଭ କରିଛୁ। ଆମ ମୂଲ୍ୟବାନ୍ ଗ୍ରାହକଙ୍କ ପ୍ରଶ୍ନଗୁଡ଼ିକୁ ସ୍ୱଳ୍ପ ସମୟ ଭିତରେ ସମାଧାନ କରିବାରେ ଏହା ସହାୟକ ହେବ। ଗ୍ରାହକମାନଙ୍କ ଅସୁବିଧାକୁ ଚିହ୍ନଟ କରିବା ଏବଂ ନୂଆ ଓ ଅଭିନବ ସମାଧାନ ଜରିଆରେ ସେଗୁଡ଼ିକର ସମାଧାନ କରିବା ଲାଗି ଆମେ ପଦକ୍ଷେପ ଗ୍ରହଣ କରିବା ଜାରି ରଖିବୁ।

# ସ୍ୱତନ୍ତ୍ର ଅନୁଭୂତି ଦେବ ଅଡି କ୍ୟୁ ଡ୍ରାଇଭ୍

ନୂଆଦିଲ୍ଲୀ,୧୬।୪



ଦେଶର ପ୍ରମୁଖ ସୌଖୀନ କାର୍ ଅଡି ଇଣ୍ଡିଆ ପକ୍ଷରୁ ଏହାର ସମ୍ଭାବ୍ୟ ଗ୍ରାହକ ଓ ଅଫ୍ ରୋଡିଂରେ ଗାଡ଼ିଚାଳନା ପାଇଁ ଉତ୍ସାହୀ ମାଲିକମାନଙ୍କୁ ଏକ ସ୍ୱତନ୍ତ୍ର ଅନୁଭୂତି ଦେବାକୁ ପ୍ରୟାସ ଆରମ୍ଭ କରାଯାଇଛି। ବିଶେଷକରି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଅଡି ଭୁବନେଶ୍ୱର ଜରିଆରେ 'କ୍ୟୁ ଡ୍ରାଇଭ' ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଓଡ଼ିଶାର ଅଡି ପ୍ରେମୀମାନେ ଏହାର ସର୍ବୋଚ୍ଚ ମାନର ଷ୍ଟାଇଲ, ପ୍ରଦର୍ଶନ ଆଦିର ଅନୁଭୂତି ହାସଲ କରିବାକୁ ସୁଯୋଗ ପାଇବେ। ଅଡି ଚାଳନା ଅନୁଭୂତି ଅଧୀନରେ ଅଡି କ୍ୟୁ ଡ୍ରାଇଭ ସର୍ବାଧିକ ପରିବ୍ୟାପ୍ତ କାର୍ଯ୍ୟକ୍ରମ ହୋଇଛି। ଅଡି କ୍ୟୁ ଡ୍ରାଇଭ ସ୍ୱତନ୍ତ୍ର ଭାବେ ନିର୍ମିତ ଅଫ୍ ରୋଡିଂ ଟ୍ରାକ୍‌ରେ କାର୍ଯ୍ୟକାରୀ କରାଯାଉଛି। ଏହାକୁ ଅଡିର କିମ୍ବଦନ୍ତୀ କ୍ୱାଟ୍ରୋ ଟେକ୍ନୋଲୋଜି ଓ ନୂତନ ବ୍ୟବସ୍ଥା ସମେତ ଅଡି କ୍ୟୁ ବର୍ଗର ପ୍ରମୁଖ ଅଂଶ ଏବଂ ବୈଶିଷ୍ଟ୍ୟକୁ ମନ ମଧ୍ୟରେ ରଖି ଏହାର ଡିଜାଇନ କରାଯାଇଛି। ଏ ସମ୍ପର୍କରେ ଅଡି ଭୁବନେଶ୍ୱରର ପରିଚାଳନା ନିର୍ଦ୍ଦେଶକ ଦେବଜ୍ୟୋତି ପଟ୍ଟନାୟକ କହିଛନ୍ତି, ଗ୍ରାହକମାନଙ୍କୁ ଏହି ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟରେ ସେମାନଙ୍କର ବାସ୍ତବ ସାମର୍ଥ୍ୟ ସମ୍ପର୍କରେ ଅନୁଭୂତି ପ୍ରଦାନ ଓ ହାସଲ କରିବା ବ୍ୟତୀତ ଅଡି କ୍ୟୁ ବର୍ଗ ସମ୍ପର୍କରେ ମଧ୍ୟ ଏହାର ବିଶେଷଜ୍ଞ ଦଳ ବିସ୍ତୃତ ଭାବେ ବର୍ଣ୍ଣନା କରାଇ ସେମାନଙ୍କ ଜ୍ଞାନରେ ଉନ୍ନତି ଘଟାଇବା ନିମନ୍ତେ ଏଭଳି ପ୍ରୟାସ କରାଯାଇଛି। ଏପରିକି କିମ୍ବଦନ୍ତୀ କ୍ୱାଟ୍ରୋର ଅତୀବ ସାମର୍ଥ୍ୟ ଓ ଗତିଶୀଳତା ପ୍ରଦର୍ଶନ କରିବା ନିମନ୍ତେ ଅଡି କ୍ୟୁ ଡ୍ରାଇଭ ଆମକୁ ଏକ ସୁଯୋଗ ଯୋଗାଇ ଦେଇଛି। ଏହା ସବୁଠାରୁ ଆହ୍ୱାନପୂର୍ଣ୍ଣ ଭୌଗୋଳିକ ପରିବେଶରେ ମଧ୍ୟ ପ୍ରଦର୍ଶନ କରିବାକୁ ଡିଜାଇନ ପ୍ରସ୍ତୁତ କରାଯାଇଛି। ଅଡି କ୍ୟୁ ଡ୍ରାଇଭ୍‌ର ସଫଳତା ପାଇଁ ଅଡି ଭୁବନେଶ୍ୱରରେ ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ଏବଂ ଅଡି କ୍ୟୁ ଡ୍ରାଇଭ୍‌ରେ ଅଂଶଗ୍ରହଣ କରିବା ପାଇଁ ମୁଁ ଆମର ପୃଷ୍ଠପୋଷକ ଏବଂ ସମସ୍ତ ଅଡିପ୍ରେମୀଙ୍କୁ ଧନ୍ୟବାଦ ଜଣାଉଛି ବୋଲି ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି।

## ଇଲେକ୍ଟ୍ରୋନିକ୍ସ ଶିଳ୍ପକୁ ପୁନର୍ଜୀବିତ କରିବ ଇପିଆଇସି

ନୂଆଦିଲ୍ଲୀ,୧୬।୪

ଜାତୀୟସ୍ତରରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ବଜାରରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଭାରତୀୟ ଉତ୍ପାଦ ଓ ଭାରତୀୟ ବ୍ରାଣ୍ଡ ସୃଷ୍ଟି କରି ଦେଶରେ ଇଲେକ୍ଟ୍ରୋନିକ୍ସ ଶିଳ୍ପକୁ ପୁନର୍ଜୀବିତ କରାଇବା ଲକ୍ଷ୍ୟରେ ଏଚ୍‌ସିଏଲ୍ ପ୍ରତିଷ୍ଠାତା ଡ. ଅଜୟ ଚୌଧୁରୀ ଏବଂ ସହପ୍ରତିଷ୍ଠାତା ଅର୍ଜୁନ ମାଲହୋତ୍ରା ଏବଂ ସେମିକଣ୍ଡକ୍ଟର ଶିଳ୍ପର ଅଭିଜ୍ଞ ସଦସ୍ୟ ଡ. ସତ୍ୟ ଗୁପ୍ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ଅଣ ଲାଭକାରୀ ସଂସ୍ଥା ଇପିଆଇସି ଫାଉଣ୍ଡେଶନ। ଏ ସମ୍ପର୍କରେ ଏହାର ଚେୟାରମ୍ୟାନ୍ ଡ. ଅଜୟ ଚୌଧୁରୀ କହିଛନ୍ତି, ଫାଉଣ୍ଡେଶନର ଶୁଭାରମ୍ଭ କରି ଆମେ ବହୁ ଉତ୍ସାହିତ। ଆମର ଉଦ୍ଦେଶ୍ୟ ହେଉଛି ଇଲେକ୍ଟ୍ରୋନିକ୍ସ ଉତ୍ପାଦଗୁଡିକର ଡିଜାଇନଠାରୁ ଆରମ୍ଭକରି ଉତ୍ପାଦନ ପର୍ଯ୍ୟନ୍ତ ଓ ସେମିକଣ୍ଡକ୍ଟର ଚିପ୍ସ ଡିଜାଇନ ଏବଂ ଉତ୍ପାଦନ କ୍ଷେତ୍ରରେ ଭାରତୀୟ ଇଲେକ୍ଟ୍ରୋନିକ୍ସ ଶିଳ୍ପକୁ ବାସ୍ତବରେ ଆତ୍ମନିର୍ଭର କରେଇବା।

# କାରିଗରଙ୍କୁ ଜୀବିକା ଯୋଗାଉଛି ବେଦାନ୍ତ

ନୂଆଦିଲ୍ଲୀ,୧୬।୪

ବେଦାନ୍ତ ଆଲୁମିନିୟମ ଉଭୟ ଓଡ଼ିଶା ଓ ଛତିଶଗଡ଼ କାର୍ଯ୍ୟକ୍ଷେତ୍ର ଅଞ୍ଚଳ ତଥା ସ୍ଥାନୀୟ କାରିଗରମାନଙ୍କୁ ଜୀବିକା ଓ ସମର୍ଥନ ଯୋଗାଇ ଦେଉଆସୁଛି। ବିଶେଷକରି ଦେଶରେ ସମୃଦ୍ଧ ସାଂସ୍କୃତିକ ଓ କଳାତ୍ମକ ଐତିହ୍ୟକୁ ଉଜ୍ଜୀବିତ କରିବା ଲାଗି ବେଦାନ୍ତ ସ୍ଥାୟୀ ଜୀବିକା ନିର୍ବାହକୁ ପରାମର୍ଶ ଦେଉଛି। ଏପରିକି ଜାତୀୟ ଓ ଅନ୍ତର୍ଜାତୀୟ ପ୍ଲାଟ୍‌ଫର୍ମରେ ସେମାନଙ୍କ କଳାକୃତିର ବିକାଶ ପାଇଁ ବଜାର ଲିଙ୍କେଜ୍ ଜରିଆରେ ଆବଶ୍ୟକ ସହଯୋଗ ପ୍ରଦାନ କରୁଛି। ଅପରପକ୍ଷରେ କମ୍ପାନୀର କଳାହାଣ୍ଡି ଲାଞ୍ଜିଗଡ଼ଠାରେ ଥିବା ଆଲୁମିନିୟମ ରିଫାଇନେରି ନିକଟରେ ଅବସ୍ଥିତ କାଙ୍କେରୀ ଗ୍ରାମର ଡୋକ୍ରା କାରିଗରଙ୍କ ସହିତ ମିଶି କାମ କରୁଛି। କଳାହାଣ୍ଡି ଜଙ୍ଗଲ ମଧ୍ୟରେ ଏହିସବୁ କାରିଗରମାନଙ୍କ ଘର, ଯେଉଁମାନେ ପ୍ରାୟ ୫୦୦ବର୍ଷ ଧରି ଭାରତର ସମୃଦ୍ଧ ହସ୍ତତନ୍ତ କାରିଗର ଭାବେ ନିଜର ପରିଚୟ ଦେଇ ଆସିଛନ୍ତି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାହୁଲ ଶର୍ମା କହିଛନ୍ତି, ଭାରତ କଳା ସଂସ୍କୃତିରେ ସମୃଦ୍ଧ। ଡୋକ୍ରା ଓ ମୂର୍ତ୍ତି ଚିତ୍ରକଳାର ସଂରକ୍ଷଣ ଏବଂ ଏହାକୁ ମୁଖ୍ୟ ସ୍ରୋତକୁ ଫେରାଇ ଆଣି ପାରିଥିବାରୁ ଆମେ ଗର୍ବିତ। ଏହି ପ୍ରକ୍ରିୟାରେ ଆମେ ସମ୍ପୃକ୍ତ କାରିଗରମାନଙ୍କ ସମୃଦ୍ଧି ପାଇଁ ଉପଯୁକ୍ତ ପଥ ଦେଖାଇ ପାରିଛୁ। ବିଶ୍ୱ କଳା ଦିବସରେ କଳା ଓ ସଂସ୍କୃତିରେ ଅଧିକ ସ୍ଥାୟୀ ଜୀବିକା ନିର୍ବାହ ଲାଗି ପ୍ରୟାସକୁ ଅଧିକ ମଜଭୁତ କରିଛୁ ଯାହା ଦେଶର ଆତ୍ମନିର୍ଭରଶୀଳ ଅଂଶଗ୍ରହଣକାରୀଙ୍କ ସ୍ୱପ୍ନକୁ ସାକାର କରିପାରିବ।

## ଫୁରସତ୍

# ସଚେତନତା ହିଁ ନିଦାନ

## ବିଶ୍ୱ ହେମୋଫିଲିଆ ଦିବସ



ପ୍ରତିବର୍ଷ ଏପ୍ରିଲ ୧୭କୁ ବିଶ୍ୱ ହେମୋଫିଲିଆ ଦିବସ ଭାବେ ପାଳନ କରାଯାଏ। ହେମୋଫିଲିଆ ଏକ ରକ୍ତସ୍ରାବଜନିତ ଶାରୀରିକ ସମସ୍ୟା। ସଚେତନତା ହିଁ ପ୍ରକୃତ ନିଦାନ। ଏଭଳି ଏକ ସମସ୍ୟାର ସମାଧାନ ଲାଗି ସଚେତନତା ଗୁରୁତ୍ୱପୂର୍ଣ୍ଣ। ଅନ୍ତର୍ଜାତୀୟ ସଚେତନତା ଦିବସ ଏବଂ ୱାର୍ଲ୍ଡ ଫେଡେରେଶନ ଅଫ୍ ହେମୋଫିଲିଆର ପ୍ରତିଷ୍ଠାତା ଫ୍ରାଙ୍କ ସ୍କ୍ନାବେଲଙ୍କ ଜନ୍ମବାର୍ଷିକୀ ଅବସରରେ ଏହି ଦିବସ ପାଳିତ ହୋଇଥାଏ।

୧୯୮୯ଠାରୁ ଏହି ଦିବସ ପାଳିତ ହୋଇଆସୁଛି। ଇତ୍ୟବସରରେ ହେମୋଫିଲିଆ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ବ୍ୟାପକ ଜନସାଧାରଣଙ୍କ ଯୋଗଦାନ ଉପରେ ଗୁରୁତ୍ୱାରୋପ କରାଯାଇଥାଏ। ଏଭଳି ସମସ୍ୟା କ୍ଷେତ୍ରରେ ଉପଯୁକ୍ତ ଯତ୍ନ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥାଏ।

ଦଶମ ଶତାବ୍ଦୀରେ ହେମୋଫିଲିଆ ସମସ୍ୟା ଚିହ୍ନଟ ହୋଇଥିଲା। ଏହା ମୁଖ୍ୟତଃ ପୁରୁଷମାନଙ୍କଠାରେ ଦେଖିବାକୁ ମିଳିଥାଏ। ମହିଳାମାନେ ଏହି ସମସ୍ୟାର କ୍ୟାରିୟର ହୋଇଥା'ନ୍ତି। ଏହି ରୋଗ ସେତେବେଳେ ଅବୁଲକସିସ ନାମରେ ଜଣାଶୁଣା ଥିଲା। ୧୯୩୭ରେ, ହେମୋଫିଲିଆ ଜେନେଟିକ୍ ସମସ୍ୟା ଦୁଇ ପ୍ରକାରରେ ବିଭକ୍ତ ହେଲା– ଯଥା ଏ ଏବଂ ବି। ଏହି ସମସ୍ୟାର କୌଣସି ଉପଯୁକ୍ତ ଚିକିତ୍ସା ନାହିଁ। ଲୋକଙ୍କ ମଧ୍ୟରେ ଏହି ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏହା ଉପରେ ସଠିକ ଧ୍ୟାନ ଦେବା ଆବଶ୍ୟକତାକୁ ଲୋକଙ୍କୁ ବୁଝାଇବାକୁ ନିଷ୍ପତ୍ତି ନିଆଗଲା ୧୯୬୩ରେ। ସମସ୍ତ ହେମୋଫିଲିଆ ଆକ୍ରାନ୍ତଙ୍କ ଚିକିତ୍ସା ଏବଂ ଯତ୍ନର ବିକାଶ ପାଇଁ ଡବ୍ଲ୍ୟୁଏଫଏମ୍ ପ୍ରତିଷ୍ଠା କରାଯାଇଥିଲା । ଏହି ଦିବସ ପାଳନ ଅବସରରେ ସଚେତନତା ଅଭିଯାନ, ଆଲୋଚନାଚକ୍ର, କର୍ମଶାଳା ଇତ୍ୟାଦି ବିଭିନ୍ନ ସଂସ୍ଥା ଏବଂ ଲୋକମାନଙ୍କ ଦ୍ୱାରା ଆୟୋଜିତ ହୋଇଥାଏ। ହେମୋଫିଲିଆ ସମସ୍ୟା ବିଷୟରେ ସାଧାରଣ ଜନତାଙ୍କୁ ଅବଗତ କରାଇବା ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ବିଶ୍ୱ ହେମୋଫିଲିଆ ଦିବସ ପାଳନ ଅବସରରେ ଅଷ୍ଟ୍ରେଲିଆ ସମେତ କେତେକ ଦେଶରେ ବିଭିନ୍ନ ଲ୍ୟାଣ୍ଡମାର୍କ ଏବଂ ସ୍ମାରକୀକୁ ରାତିରେ ଲାଲ ରଙ୍ଗ ଆଲୋଗରେ ଆଲୋକିତ କରାଯାଇଥାଏ।

# ଛବି କର୍କଟ ଆକ୍ରାନ୍ତ



ମୁମ୍ବାଇ: ହିନ୍ଦୀ ଟେଲିଭିଜନ୍ ଜଗତର ଜଣେ ଜଣାଶୁଣା ଅଭିନେତ୍ରୀ ହେଉଛନ୍ତି ଛବି ମିତ୍ତଲ। ଛବି ଏବେ ସ୍ତନ କର୍କଟରେ ଆକ୍ରାନ୍ତ। ଏ ସମ୍ପର୍କରେ ଶନିବାର ସେ ଇନ୍‌ଷ୍ଟାଗ୍ରାମରେ ଏକ ଭାବବିହ୍ୱଳ ପୋଷ୍ଟ ଶେୟାର କରିଛନ୍ତି। ଯେଉଁଥିରେ ସେ ସ୍ତନ କର୍କଟ ବିଷୟରେ ଉଲ୍ଲେଖ କରିଛନ୍ତି। ମହିଳାଙ୍କ ଶରୀରରେ ସ୍ତନ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଥିବାବେଳେ ଏହା ଉଭୟ ସୌନ୍ଦର୍ଯ୍ୟ ଏବଂ ଶିଶୁଙ୍କୁ ଖାଦ୍ୟ ଯୋଗାଇବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିବା ସେ ଶେୟାର କରିଥିବା ପୋଷ୍ଟରେ ଲେଖିଛନ୍ତି। ରୋଗ ଚିହ୍ନଟ ପାଇଁ ତାଙ୍କୁ ୨୦ ଦିନ ଲାଗିଥିଲା। ଯେତେବେଳେ ଡାକ୍ତର ତାଙ୍କୁ ବାୟୋପ୍ସି କରିବାକୁ କହିଥିଲେ ସେତେବେଳେ ସ୍ୱାସ୍ଥ୍ୟଗତ ତ୍ରୁଟି ନେଇ ତାଙ୍କ ମନରେ ଆଶଙ୍କା ଉପୁଜିଥିଲା। ତେବେ ଗତ ସୋମବାର ରିପୋର୍ଟ ଆସିବା ପରେ ସେ ଜାଣିବାକୁ ପାଇଥିଲେ ଯେ, ତାଙ୍କୁ ସ୍ତନ କର୍କଟ ହୋଇଛି ବୋଲି। ସତ ଜାଣିବା ପରେ ସେ ଭାଙ୍ଗି ପଡ଼ିଥିଲେ। ପ୍ରତ୍ୟେକ ସମସ୍ୟାର ସମାଧାନ ରହିଥିବାବେଳେ ଏ ପ୍ରକାର ରୋଗର ସମାଧାନ ଖୋଜିବା ସେ ଆରମ୍ଭ କରିଦେଲେ। ଏ ସମ୍ପର୍କରେ ଛବି ବହୁ ପ୍ରକାର ଲୋକଙ୍କ ସହ ଆଲୋଚନା କରିଥିଲେ। ଆଉ ଏହାପରେ ସେ ଏକ ନିର୍ଯ୍ୟାଶରେ ଉପନୀତ ହୋଇଥିଲେ। ବହୁ ବାଧାବିଘ୍ନ ସତ୍ତ୍ୱେ ଜୀବନରେ ତାଙ୍କୁ ଆଗକୁ ବଢ଼ିବାର ଅଛି। ସେଥିପାଇଁ ଏ ପ୍ରକାର ଲଢ଼େଇ ତାଙ୍କୁ ଲଢ଼ିବା ସହ ଜିତିବାର ଅଛି ବୋଲି ଛବି କହିଛନ୍ତି। ତିନ ବହୁରୋନିୟା ଘର କି ଲକ୍ଷ୍ମୀ, ବେଟିଆ ଓ କୃଷ୍ଣଦାସୀ ଭଳି ଏକାଧିକ ହିନ୍ଦୀ ଧାରାବାହିକରେ ସେ ପ୍ରମୁଖ ଭୂମିକାର ଅଭିନୟ କରିଛନ୍ତି। ଏଥିସହ ସୋସିଆଲ ମିଡିଆରେ ବ୍ଲଗିଂ ସାଙ୍ଗକୁ ଛୋଟ ଛୋଟ ସୋସିଆଲ ମେସେଜ୍ ଭିଡିଓ ମଧ୍ୟ ସେ ତିଆରି କରନ୍ତି।

# ଘାଟରେ ଚାଲିଛି ଚାକିରି ପ୍ରସ୍ତୁତି



ପାଟନା

## ରାଜ୍ୟରୁ ବେକାରି ସମସ୍ୟା ଦୂର କରିବା ଲକ୍ଷ୍ୟ

ହଜାର ହଜାର ସଂଖ୍ୟାରେ ଯୁବତୀଯୁବକ କାଗଜ, କଲମ ଧରି ଘାଟ କୂଳରେ ବସି ପାଠ ପଢୁଥିବାର ଏକ ଚିତ୍ର ସାମ୍ନାକୁ ଆସିଛି। ବିହାର ପାଟନା ୟୁନିଭର୍ସିଟି ନିକଟରେ ଥିବା ଏନ୍‌ଆଇଟି ଘାଟର ଏହି ଦୃଶ୍ୟ। ଯେଉଁଠାରେ ସରକାରୀ ଚାକିରି ପାଇଁ ଆଶାୟୀ ଯୁବପିଢ଼ି ବସି ପାଠ ପଢୁଛନ୍ତି। ଏସ୍‌କେ ଝା ନାମକ ଜଣେ ଇଂଜିନିୟରିଂ ଡିଗ୍ରୀ ପ୍ରାପ୍ତ ଯୁବକ, ଚାକିରି ଛାଡ଼ି ବର୍ତ୍ତମାନ ଯୁବତୀଯୁବକଙ୍କୁ ମାଗଣାରେ ଶିକ୍ଷାଦାନ କରୁଛନ୍ତି। ରେଲୱେ, ୟୁପିଏସ୍‌ସି ଏବଂ ଶର୍ଟ ସର୍ଭିସ କମିଶନର (ଏସ୍‌ଏସ୍‌ସି) ଭଳି ସରକାରୀ ଚାକିରି କରିବାକୁ ଚାହୁଁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଉକ୍ତ ସୁବିଧା ଉପଲବ୍ଧ। ପ୍ରତ୍ୟେକ ଶନିବାର ଓ ରବିବାର ଦୁଇଦିନ ଅଭ୍ୟାସ ମୂଳକ ପରୀକ୍ଷା କରାଯାଉଥିବାବେଳେ ପିଲାମାନେ ଘାଟରେ ବସି ପରୀକ୍ଷା ଦେଉଥିବା ଝା କହିଛନ୍ତି, ଯେଉଁଥିରେ ପାଖାପାଖି ୧୨ ହଜାରରୁ ୧୪ ହଜାର ପିଲା ଯୋଗ ଦେଉଛନ୍ତି। ଗତ ଦୁଇମାସ ହେବ ଝା ଏହି ସେବା ଆରମ୍ଭ କରିଛନ୍ତି। ରାଜ୍ୟରେ ବେକାରି ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଥିବାବେଳେ ଏହାର ମୂଳପୋଛ ଏକମାତ୍ର ଲକ୍ଷ୍ୟ ବୋଲି ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟା ଦେଇ ସେ କହିଛନ୍ତି।

## ମଞ୍ଜୁ ସିଂଙ୍କ ପରଲୋକ



ମୁମ୍ବାଇ: ହିନ୍ଦୀ ସିରିଏଲ୍ ପ୍ରଯୋଜକ ତଥା ଅଭିନେତ୍ରୀ ମଞ୍ଜୁ ସିଂଙ୍କ ପରଲୋକ ହୋଇଯାଇଛି। ଗୁରୁବାର ସକାଳେ ହୃଦ୍‌ଘାତରେ ତାଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। ପ୍ରଯୋଜନା, ଅଭିନୟ ଏବଂ ଆଙ୍କରିଂ କ୍ଷେତ୍ରରେ ମଞ୍ଜୁ ଜଣେ ଦକ୍ଷ ବ୍ୟକ୍ତି ବିଶେଷ ଅଟନ୍ତି। ଟେଲିଭିଜନ ଜଗତରେ ତାଙ୍କୁ ସମସ୍ତେ ଦିଦି ବୋଲି ସମ୍ବୋଧନ କରନ୍ତି। ଦୂରଦର୍ଶନରେ ପ୍ରସାରଣ ଏକ କାହାନୀ, ଶୋ ଟାଇମ୍ ଭଳି ଅନେକ କାର୍ଯ୍ୟକ୍ରମ ସେ କରିଛନ୍ତି।

# ବନ୍ଦ କୋଠରିରେ ୧୦ ବର୍ଷ

## ଅଲୋଡ଼ା ହେଲେ ମା'

ଚେନ୍ନାଇ



ତାମିଲନାଡୁର ଥାନଜାଭୁରରୁ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ଦ୍ୱାରା ଜଣେ ୭୨ ବର୍ଷୀୟ ମହିଳା ଉଦ୍ଧାର କରାଯାଇଛି। ଦୀର୍ଘ ୧୦ ବର୍ଷ ଧରି ଦୁଇପୁଅ ବୃଦ୍ଧାଙ୍କୁ ଗୋଟିଏ କୋଠରୀରେ ବନ୍ଦ କରି ରଖିଥିଲେ। ଉଦ୍ଧାର ସମୟରେ ବୃଦ୍ଧା ଜଣକ ଚଟାଣରେ ବିନାବସ୍ତ୍ରରେ ପଡ଼ି ରହିଥିବା ଦେଖିବାକୁ ମିଳିଥିଲା। ପଡ଼ୋଶୀଙ୍କ ଅଭିଯୋଗକ୍ରମେ ସମାଜ ମଙ୍ଗଳ ଅଧିକାରୀ ଦେଠାକୁ ଯାଇଥିଲେ। ଉଦ୍ଧାରବେଳେ ମହିଳା ଜଣଙ୍କ ସେମାନଙ୍କ ଉପରେ ରାଗିଯାଇଥିଲେ। ଦୀର୍ଘ ୧୦ ବର୍ଷ ଧରି ଅନ୍ଧାର ଘରେ ରହିବା କାରଣରୁ ବୃଦ୍ଧା ଚିଡ଼ା ସ୍ୱଭାବର ହୋଇଯାଇଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଉଦ୍ଧାର ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବୃଦ୍ଧାଙ୍କ ନାମ ଗ୍ନାନାଜୋଥି। ତାଙ୍କର ଦୁଇ ପୁଅଙ୍କ ମଧ୍ୟରୁ ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ହୋଇଥିବାବେଳେ ଆଉ ଜଣେ ଦୂରଦର୍ଶନରେ କାର୍ଯ୍ୟରତ। ମା'ଙ୍କ ସେବା କରିବାକୁ ଚାହୁଁ ନଥିବା ପୁଅମାନେ ତାଙ୍କୁ ଗୋଟିଏ କୋଠରୀରେ ବନ୍ଦ କରି ରଖିଥିଲେ। ସପ୍ତାହରେ ଗୋଟିଏ ଦିନ ତାଙ୍କୁ ଖାଇବାକୁ ଦେବା ସହ ପିଇବା ପାଣି ଦେଉ ନ ଥିଲେ। ୨୦୦୯ରେ ଦୂରଦର୍ଶନରେ ଚାକିରି କରିଥିବା ଗ୍ନାନାଜୋଥିଙ୍କ ସ୍ୱାମୀଙ୍କ ବିୟୋଗ ହୋଇଥିଲା , ଯାହାପରେ ତାଙ୍କ ଝିଅ ମା'ଙ୍କ ଦେଖାରଖା କରୁଥିଲେ। ସ୍ୱାମୀଙ୍କ ମୃତ୍ୟୁର ୨ ବର୍ଷ ପରେ ତାଙ୍କ ଝିଅ ମଧ୍ୟ ଆଖିବୁଜି ଦେଇଥିଲେ। ପୁଅମାନେ ମା'ଙ୍କୁ ନିଜ ପାଖରେ ରଖିବାକୁ ଚାହେଁ ନଥିବାବେଳେ ସେମାନେ ତାଙ୍କୁ ଏକ ବନ୍ଦ କୋଠରୀରେ ରଖୁଥିଲେ। ଦୁଇ ପୁଅଙ୍କ ବିରୋଧରେ ତାମିଲ ୟୁନିଭର୍ସିଟି ପୋଲିସ ଷ୍ଟେଶନରେ ଅଭିଯୋଗ ହୋଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୭ ଏପ୍ରିଲ, ୨୦୨୨



## ବନ୍ଧପଡା ଫାଣ୍ଡି ଅଞ୍ଚଳରେ ଗୁଳି ଫୁଟିଲା

ଦେଓଗାଁ,(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ତାଲପାଲି-ଟେପ୍ରେନ ରାସ୍ତାରେ ଶନିବାର ସନ୍ଧ୍ୟାରେ ୨ଜଣ ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କ ଉପରେ ଗୁଳି ଚଳାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ତନାଘନା ଚଳାଇଥିବା ଫାଣ୍ଡି ଅଧିକାରୀ କମଲ ଲୋଚନ ମାଝୀ ତଥା ଦେଓଗାଁ ଥାନାଧିକାରୀ ବାମଦେବ ଶଙ୍ଖୁଆଲ କହିଛନ୍ତି। ସୂଚନା ଅନୁସାରେ ସନ୍ଧ୍ୟାରେ ସିଂଗାମୁଣ୍ଡାର ଅଶୋକ ଶତପଥୀ ଏକ ସ୍କୁଟିରେ ଆସୁଥିବାବେଳେ ତାଲପାଲି-ଟେପ୍ରେନ ରାସ୍ତାରେ ଦୁଇଜଣ ଯୁବକ ତାଙ୍କୁ ଅଟକାଇ ଥିଲେ । ସେ ନ ଅଟକିବାରୁ ଏକ ରାଉଣ୍ଡ ଗୁଳି ଚଳାଇଥିଲେ । ଦୁଇ ମାସ ତଳେ ଏହି ଅଞ୍ଚଳରେ ଗୁଳି ଫୁଟିଥିବା ଥାନାରେ ଅଭିଯୋଗ ହୋଇଥିଲା ।

## ସଂକ୍ଷେପରେ

### ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍‌ରେ ଅଗ୍ନିସେବା ଦିବସ

ସମ୍ବଲପୁର,୧୬।୪(ବ୍ୟୁରୋ): ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପକ୍ଷରୁ ଜାତୀୟ ଅଗ୍ନି ସେବା ଦିବସ ପାଳିତ ହୋଇଯାଇଛି। କମ୍ପାନୀର ଉପସଭାପତି ଗିରିଶ ନାଏକ, ଉପସଭାପତି ନରେଶ ରାଘବ, ଫ୍ୟାକ୍ଟ୍ରି ମ୍ୟାନେଜର ଉମେଶ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। କାର୍ଯ୍ୟରତ ଥିବା ସମୟରେ ପ୍ରାଣ ହରାଇଥିବା ଅଗ୍ନିଶମ ବିଭାଗର କର୍ମଚାରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରାମର୍ଶଦାତା ଡ. ଟି.ଯୋଗେଶ୍ୱର, ମହାପ୍ରବନ୍ଧକ ଅଶୋକ ବିଶ୍ୱାଳ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଅତିଥି ଓ କର୍ମଚାରୀମାନେ ୧୨୭ଟି ଚାରା ରୋପଣ କରିଥିଲେ। ଅଗ୍ନିସେବା ମ୍ୟାନେଜର ବରୁଣ ଚାଙ୍ଗେଲ ଧନ୍ୟବାଦ ଦେଇଥିଲେ।

### ପ୍ରୋଜେକ୍ଟ ଜଳବାହିନୀ ଶୁଭାରମ୍ଭ

ସମ୍ବଲପୁର,୧୬।୪(ବ୍ୟୁରୋ): ଆଦିତ୍ୟ ଆଲୁମିନିୟମ କମ୍ପାନୀ ପକ୍ଷରୁ ପ୍ରୋଜେକ୍ଟ ଜଳବାହିନୀ ଶୁଭାରମ୍ଭ ହୋଇଛି। ଏହା ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକର ୬ଟି ଗ୍ରାମ ପଞ୍ଚାୟତରେ ପାନୀୟ ଜଳ ଆବଶ୍ୟକତା ପୂରଣ କରିବ। ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ସମେତ କମ୍ପାନୀ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ନୂଆଁ ଝରନ୍‌ର ବାର୍ଷିକୋତ୍ସବ

ବରପାଲି,୧୬।୪(ଡି.ଏନ.ଏ): ବରଗଡ଼ ଜିଲା ବରପାଲିରେ ସମ୍ବଲପୁରୀ ସାହିତ୍ୟ ପତ୍ରିକା ନୂଆଁ ଝରନ୍‌ର ବାର୍ଷିକୋତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ଓକିଲ ଦେହେରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାରସ୍ୱତ ଉତ୍ସବରେ ଅନୁଷ୍ଠାନର ସମ୍ପାଦକ କିଶୋର କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯୁବନେତା ସୁବ୍ରତ ସିଂ ମୁଖ୍ୟଅତିଥି, କବି ନୀତିଶ ଚନ୍ଦ୍ର ଆଚାର୍ଯ୍ୟ, ଘରଯୁଗି ବାରିକ, ସୀତାରାମ ପାତ୍ର, ଅହଲ୍ୟା ସେଠ ସମ୍ମାନିତ ଅତିଥି ଏବଂ ମୋହିତ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। କଳା, ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ କଣ୍ଠଶିଳ୍ପୀ ପଦ୍ମିନୀ ଦୋରା, ଶାନ୍ତନା ଷଡ଼ଙ୍ଗୀ, ମନ ଲୁହା, ଅଜିତ ପାଣିଗ୍ରାହୀ, ଚୈତନ୍ୟ ପାଇକ, ଡା. ଗୁଣନିଧି ଦେହେରୀଙ୍କୁ ନୂଆଁ ଝରନ୍ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଅତିଥିବୃନ୍ଦ ନୂଆଁ ଝରନ୍‌ର ବାର୍ଷିକ ବିଶେଷାଙ୍କ ଉନ୍ମୋଚନ କରିଥିଲେ। ସମ୍ବଲପୁରର ପଶ୍ଚିମାଞ୍ଚଳ ଏକତା ମଞ୍ଚକୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଗୋବିନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### କୁଲତା ସମାଜର ବନ୍ଧୁମିଳନ

ଜାମଟିକ୍ରା,୧୬।୪(ଡି.ଏନ.ଏ): ଅତାବିରା ଏନଏସି ଅଧୀନ ଲାଦରପାଲି ରାମଚଣ୍ଡୀ କଲ୍ୟାଣ ମଣ୍ଡପରେ ଶନିବାର ପୂର୍ବାହ୍ନରେ ବ୍ଲକ ଜନକଲ୍ୟାଣ କୁଲତା ସମାଜର ବାର୍ଷିକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ସମାଜର ସଭାପତି ଦିବାକର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ କୁଲତା ସମାଜର ଶତାଧିକ ଭଉଣୀଭାଇ ଯୋଗ ଦେଇଥିଲେ। ସମ୍ପାଦକ ଦଖିଲ ପଧାନ ବାର୍ଷିକ ବିବରଣୀ ପଠନ କରିଥିଲେ। ସୁରେନ୍ଦ୍ର ସ୍ୱାଇଁ ଓ ଜୟ ପଧାନ ମଞ୍ଚାସୀନ ଥିଲେ।

# ଗାଁକୁ ମଦମୁକ୍ତ ପାଇଁ ଅଣ୍ଟା ଭିଡ଼ିଲେ ମହିଳା

**କୋକସରା,୧୬।୪(ଡି.ଏନ.ଏ.)**

ଗାଁକୁ ମଦମୁକ୍ତ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଆଗେଇ ଆସିଛନ୍ତି । ଏପରି ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା କୋକସରା ବ୍ଲକ ମୂଷାପାଲି ପଞ୍ଚାୟତ ଖପରାମାଲ ଗ୍ରାମରେ। ଏହି ଗ୍ରାମର ମା' ମାଉଳି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଗାଁରେ ମଦ କାରବାର ବନ୍ଦ କରିବାକୁ ଶନିବାର ଏକତ୍ରିତ ହୋଇ ସ୍ଥାନୀୟ ମୂଷାପାଲି ସରପଞ୍ଚ ଅକ୍ଷୟ ନାଏକଙ୍କୁ ଭେଟିବା ସହ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ । ଏଥିସହ ବେହେରା ମଦଭାଟିକୁ ଯାଇ କର୍ମଚାରୀଙ୍କୁ ଗାଁରେ ଥିବା କୁଟିଆ ମଦ ବେପାରୀଙ୍କୁ ମଦ ଦେବାକୁ ମନା କରିଛନ୍ତି। ମହିଳାଙ୍କ



ମହିଳାମାନେ ସରପଞ୍ଚଙ୍କୁ ଭେଟି ମଦ କାରବାର ବନ୍ଦ ଲାଗି ଆଲୋଚନା କରୁଛନ୍ତି ।

ଅଭିଯୋଗ ମୁତାବକ, ପୁରୁଷମାନେ ଦୈନିକ ଯାହା ରୋଜଗାର କରୁଛନ୍ତି ସେଥିରୁ ଅଧା ଟଙ୍କା ମଦ ଭାଟିରେ ଖର୍ଚ୍ଚ କରୁଛନ୍ତି। ଫଳରେ ପରିବାରରେ ଅଶାନ୍ତି ବୃଦ୍ଧି ପାଉଛି। କୌଣସି ପର୍ବପର୍ବାଣୀ ହେଲେ କିମ୍ବା ଯାନିଯାତ୍ରାରେ ମଦ ପିଇ ଯୁବକ ମାନେ ଗାଁରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ମଦ୍ୟପମାନଙ୍କ ଦୌରାତ୍ମ୍ୟ ଯୋଗୁ ଗାଁର ଝିଅ ବୋହୂମାନେ ନିଜକୁ ନିରାପଦ ମନେ କରୁନାହାନ୍ତି। ଏମିତି କି ଗାଁର କେତେଜଣ ନାବାଳକ ମଧ୍ୟ ମଦ ପିଇବା ଆରମ୍ଭ କଲେଣି। ଯଦି ଆଗାମୀ ଦିନରେ ପଞ୍ଚାୟତ ସରପଞ୍ଚ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯାଏ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ମହିଳା ଗୋଷ୍ଠୀର ସଭାପତି କ୍ଷୀରାବ୍ଧି ରାଉତ, ଉପ ସଭାନେତ୍ରୀ ଉମା ନାଏକ, ସମ୍ପାଦକ ମଥୁରା ରାଉତ, ସୁମନ କନ୍ଦ ପାନ, ଗ୍ରୁପ ଲିଡ଼ର କୁନି ଚଳାନ, ସମ୍ପାଦକ କୁମାରୀ ଚନ୍ଦନ,ଅମ୍ବିକା ବାଗ, ଲଳିତା ଶଗଡିଆ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ମୂଷାପାଲି ସରପଞ୍ଚ ଅକ୍ଷୟ ନାଏକଙ୍କୁ ପଚାରିବାରେ ଗାଁକୁ ମଦମୁକ୍ତ କରିବା ପାଇଁ ଯାହା ସମ୍ଭବ କରିବାକୁ ପ୍ରସ୍ତୁତ ଅଛି ବୋଲି କହିଛନ୍ତି।

# ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ



ଜିଲାସ୍ତରୀୟ ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀବୃନ୍ଦ।

**ଭବାନୀପାଟଣା,୧୬।୪(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଚଳିତ ରବିଋତୁ ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ଼.ଗାଭାଲି ପରାଗ ହର୍ଷଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଳାହାଣ୍ଡି ଲୋକସଭା ଏମପି ବସନ୍ତ ପଣ୍ଡା, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂହଦେଓ, ଭବାନୀପାଟଣା, ଧର୍ମଗଡ ତଥା ଲାଞ୍ଜିଗଡ ବିଧାୟକଙ୍କ ପ୍ରତିନିଧି, ଭବାନୀପାଟଣା ଉପଜିଲ୍ଲାପାଳ ଡ ବିଶ୍ୱଜିତ୍ ଦାସ,ଜିଲାସ୍ତରୀୟ ଅଧିକାରୀ, ଆର୍‌ଏମସି ସମ୍ପାଦକ, ଚାଷୀ ପ୍ରତିନିଧି,ମିଲର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ଆରମ୍ଭରେ ଜିଲା ଯୋଗାଣ ଅଧିକାରୀ ପବିତ୍ର ସାହୁ କାର୍ଯସୂଚୀ ଅନୁଯାୟୀ ବିଶଦ ସୂଚନା ପ୍ରଦାନ କରିଥିଲେ। ଚଳିତବର୍ଷ ରବି ଋତୁରେ ଜିଲାରେ ସମୁଦାୟ ୧୬,୩୧୯ ଜଣ ଚାଷୀ ଧାନ ବିକ୍ରୟ କରିବା ନିମନ୍ତେ ପଞ୍ଜୀକୃତ ହୋଇଛନ୍ତି। ସମୁଦାୟ ୫୪ ଗୋଟି ପ୍ରାଥମିକ ସେବା ସମବାୟ ସମିତି ଓ ୧୭ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ୧୦୨ ଗୋଟି ମଣ୍ଡି ଖୋଲାଯିବା ପାଇଁ ସ୍ଥିର କରାଯାଇଛି । ସରକାରଙ୍କ ନିର୍ଦ୍ଦେଶ ମୁତାବକ ଚାଷୀମାନଙ୍କ ସମସ୍ତ ପଞ୍ଜୀକୃତ ଜମି ରାଜସ୍ୱ ନିରୀକ୍ଷକ, ଭିଏଲ୍ଲ୍ୟୁ, ପ୍ୟାକ୍ସ କର୍ମଚାରୀଙ୍କ ଦ୍ୱାରା ଶତ ପ୍ରତିଶତ ତଦାରଖ କରାଯାଉଛି। ସମସ୍ତ ମଣ୍ଡିରେ ପ୍ରତ୍ୟେକ ସ୍ଥିରୀକୃତ ଦିନରେ ଟୋକନ ପାଇଥିବା ଚାଷୀମାନେ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ମଣ୍ଡିକୁ ଧାନ ଆଣି ଧାନ ବିକ୍ରୟ କରିପାରିବେ।

ପ୍ରତ୍ୟେକ ମଣ୍ଡିଗୁଡିକରେ ପାନୀୟ ଜଳ, ବିଶ୍ରାମ ଗୃହ, ଶୌଚାଳୟ ଇତ୍ୟାଦି ବ୍ୟବସ୍ଥା କରିବା ନିମନ୍ତେ ଆର୍‌ଏମସି କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡା ଆବଶ୍ୟକ ମୁତାବକ ତାର୍ପୋଲିନ,ପଲିଥିନ ପ୍ରତ୍ୟେକ ମଣ୍ଡିରେ ଯୋଗାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଏମ୍‌ପି ପଣ୍ଡା ଚାଷୀମାନଙ୍କ ସୁବିଧା ନିମନ୍ତେ ପ୍ରତ୍ୟେକ ଦିନ କ୍ରୟ ହୋଇଥିବା ଧାନକୁ ସେହି ଦିନ ମିଲରମାନେ ଉଠାଣ ନିମନ୍ତେ କହିଥିଲେ। ଏଥିରେ ମିଲର ମାନେ ମଧ୍ୟ ସମ୍ମତି ପ୍ରକାଶ କରିଥିଲେ। ମିଲର ପ୍ରତିନିଧିମାନେ ଏଫସିଆଇ ଠିକ ସମୟରେ ଚାଉଳ ଉଠାଣ କରୁ ନ ଥିବାରୁ ମିଲ ନିୟମିତ ଚାଲି ପାରୁନାହିଁ । ଏହି ପରିପେକ୍ଷୀରେ ଜିଲାପାଳ ଏଫସିଆଇ ଅଧିକାରୀଙ୍କୁ ଚାଉଳ ଉଠାଣ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଧାନକ୍ରୟ ଆରମ୍ଭ କରିବାର ତାରିଖ ଧାର୍ଯ୍ୟ ଲାଗି ପ୍ରତିନିଧିମାନଙ୍କ ସହ ଆଲୋଚନା କରାଯାଇ ପର୍ଯ୍ୟାୟକ୍ରମେ ବିଭିନ୍ନ ବ୍ଲକରେ ମେ ମାସ ୨୦ ତାରିଖରୁ ୨୫ ତାରିଖ ମଧ୍ୟରେ ମଣ୍ଡି ଖୋଲାଯିବା ପାଇଁ ସ୍ଥିର କରାଯାଇଥିଲା। ଶେଷରେ ଜିଲା ଯୋଗାଣ ଅଧିକାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୫-ଟି ସଚିବଙ୍କୁ ଭେଟିଲେ ବଲାଙ୍ଗୀର ପୌରାଧ୍ୟକ୍ଷା, ଉପାଧ୍ୟକ୍ଷା

**ବଲାଙ୍ଗୀର ଅଫିସ, ୧୬।୪**

ବଲାଙ୍ଗୀର ପୌର ପରିଷଦର ପୌରାଧ୍ୟକ୍ଷା ଲିକା ସାହୁ ଓ ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭିକେ ପାଣ୍ଡିଆନ୍‌ଙ୍କୁ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ସାକ୍ଷାତ ସମୟରେ ବଲାଙ୍ଗୀର ମ୍ୟୁନିସିପାଲିଟିର ଡ୍ରେନେଜ୍ ବ୍ୟବସ୍ଥା, ସହରର ମାଷ୍ଟର ପ୍ଲାନ୍, ପାନୀୟ ଜଳଯୋଗାଣ ସୁବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଉଭୟ ନବନିର୍ବାଚିତ



ଭି.କେ.ପାଣ୍ଡିଆନ୍‌ଙ୍କ ସହ ବଲାଙ୍ଗୀର ପୌରାଧ୍ୟକ୍ଷା ଓ ଉପାଧ୍ୟକ୍ଷା ଆଲୋଚନା କରୁଛନ୍ତି।

ପୌରାଧ୍ୟକ୍ଷା ସାହୁ ଏବଂ ଉପାଧ୍ୟକ୍ଷା ଭୋଇଙ୍କୁ ୫-ଟି ସଚିବ ପାଣ୍ଡିଆନ୍ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ସମସ୍ୟାଗୁଡିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅବଗତ କରି ଏହାର ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି କହିଥିଲେ।

## ଆଞ୍ଚଳିକ କୈବର୍ତ୍ତ ସମାଜର ବୈଠକ

**ଦେଓଗାଁ,୧୬।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବାହାଲ ପଞ୍ଚାୟତ କେନ୍ଦୁଘାଟଠାରେ ଆଞ୍ଚଳିକ କୈବର୍ତ୍ତ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୋପାଳ ଚନ୍ଦ୍ର ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ମନଖାଇ ଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ମୁଖ୍ୟ ଅତିଥିଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ଜିଲା ପରିଷଦ ସଭ୍ୟ ସୁମତୀ ସେଠ, ବଡବାହାଲ ସମିତି ସଭ୍ୟ ସୀତାଂଶୁ ମିଶ୍ର, ଗୌରଗୋଠ ସମିତି ସଭ୍ୟ ଟଙ୍କଧର ବେରିଆ, ଯୁବନେତା ଶୈଳେନ୍ଦ୍ର ସାହୁ, ପ୍ରମୋଦ କୁମାର ବହିଦାର, ଜୟ ରଣା, ପ୍ରମୁଖ ମଞ୍ଚାସୀନ ଥିଲେ । ଏ ଅବସରରେ କୈବର୍ତ୍ତ ସମାଜର ବିକାଶ, ସମାଜ ସଂସ୍କାର ଉପରେ ଆଲୋଚନା କରାଯାଇଥିଲା। ସମାଜ ପକ୍ଷରୁ ଏକ ମନ୍ଦିର ନିର୍ମାଣର ସମ୍ପୂର୍ଣ୍ଣକରଣ ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଗୌରଗୋଠ, ଗୁଡଖାପଲା, ଅର୍ଜୁନପୁର, କୁଲତାପଡା ଓ ବଡବାହାଲ ଆଦି ୫ଟି ପଞ୍ଚାୟତର କୈବର୍ତ୍ତ ସମାଜର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଖୋଲିନି ଜଳଛତ୍ର, କାର୍ଯ୍ୟକ୍ଷମ ହୋଇନି ଅମୃତଧାରା ପ୍ରକଳ୍ପ

**ବିନିକା,୧୬।୪(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକରେ ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି। ଖାଞ୍ଜି ପବନ ଯୋଗୁ ଜୀବନଯାତ୍ରା ଦୁର୍ବିସହ ହୋଇ ପଡୁଛି। ଏପରିସ୍ଥଳେ ବିନକା ବ୍ଲକର ୧୬ପଞ୍ଚାୟତ ମଧ୍ୟରୁ ଅଦ୍ୟାବଧି ୧୩ଟି ପଞ୍ଚାୟତରେ ଏ ଯାଏ ଜଳଛତ୍ର ଖୋଲିନାହିଁ। ଏହା ମଧ୍ୟରେ ବାଙ୍କିଘିର୍ଡି ପଞ୍ଚାୟତର ସାରଙ୍ଗପାଲି, ଅରିଗାଁ, ବାଙ୍କିଘିର୍ଡି ଓ ଅରିଗାଁ ଗାଁ ଛକରେ ନିର୍ମିତ ଅମୃତଧାରା ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିନାହିଁ । ଫଳରେ ପଥାଚାରୀ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟାକୁ ଉପଲବ୍ଧି କରି ଅବିଳମ୍ବେ ବିନିକା ଗ୍ରାମାଞ୍ଚଳର ଜନବହୁଳ ଛକରେ ଜଳଛତ୍ର ଖୋଲିବା ସହିତ ନିର୍ମାଣାଧୀନ ଅମୃତଧାରା ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।

## ନାବାଳିକାଙ୍କୁ ଗଣବଳାତ୍କାର: ୩ ଅଟକ

**ଲହୁଣୀପଡ଼ା,୧୬।୪(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଦର୍ଜାଂ ପଞ୍ଚାୟତର ଏକ ନାଳ ନିକଟରେ ଜଣେ ନାବାଳିକାଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଗଣବଳାତ୍କାର କରାଯାଇଛି। ନାବାଳିକା ଏକୁଟିଆ ଯାଉଥିବାର ସୁଯୋଗ ନେଇ ଏକାଧିକ ଯୁବକ ତାଙ୍କୁ ନାଳ ନିକଟକୁ ଟେକିନେଇ ବଳାତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଶନିବାର ଲହୁଣୀପଡ଼ା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଅଭିଯୋଗକୁ ଗମ୍ଭୀରତାର ସହ ନେଇ ଘଟଣାର ତଦନ୍ତ ଚଳାଇଛି। ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

## ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗ: ଅଭିଯୁକ୍ତ ଗିରଫ

**କୁଚିଣ୍ଡା,୧୬।୪(ଡି.ଏନ.ଏ.)**

ସମ୍ବଲପୁର ଜିଲା ବାମରା ବ୍ଲକ ମହୁଲପାଲି ଥାନା ଅଞ୍ଚଳରେ ଏକ ୫ବର୍ଷର ଶିଶୁକନ୍ୟାକୁ ବଳାତ୍କାର ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସୁରେନ୍ଦ୍ର ବାଘ(୩୪)। ସୂଚନା ଅନୁଯାୟୀ ଗତ ୭ତାରିଖରେ ସୁରେନ୍ଦ୍ର ଶିଶୁକନ୍ୟା ଏକୁଟିଆ ଥିବା ଦେଖି ତାଙ୍କ ଘରକୁ ଯାଇଥିଲେ। ସେଠାରେ ସେ ମୋବାଇଲରେ ଆପତ୍ତିଜନକ ଭିଡିଓ ଦେଖାଇ ଶିଶୁକନ୍ୟାକୁ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାରି ଆଗରେ ପ୍ରକାଶ ନ କରିବାକୁ ମଧ୍ୟ ଧମକ ଦେଇଥିଲେ। ଘଟଣାର କିଛିଦିନ ପରେ ପୀଡିତାଙ୍କ ସମସ୍ୟା ହେବାରୁ ତାଙ୍କ ମାତାପିତା ଡାକ୍ତରଙ୍କ ପାଖକୁ ନେଇ ଚିକିତ୍ସା କରାଇଥିଲେ। ଶନିବାର ପରିବାର ଲୋକେ ଏ ନେଇ ମହୁଲପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଆଇପିସି ଦଫା ୩୭୬(ଏବି), ୫୦୬ରେ ମାମଲା (ନଂ୬୯/୨୨) ରୁଜୁକରି ସୁରେନ୍ଦ୍ରଙ୍କୁ ପୋକ୍ସୋ ଆକ୍ଟରେ ଗିରଫ କରିଛି। ଉଭୟଙ୍କ ଡାକ୍ତରୀ ପରୀକ୍ଷା ପରେ ଅଭିଯୁକ୍ତଙ୍କୁ ସମ୍ବଲପୁର ଜିଲା ଦୌରାଜଜ୍ କୋର୍ଟକୁ ଚାଲାଣ କରାଯାଇଛି।

## ମାହେଶ୍ୱରୀ ଖମ୍ବ ପ୍ରତିଷ୍ଠାରେ ପୋଢ଼ ବଳି

**ଅତାବିରା,୧୬।୪(ଡି.ଏନ.ଏ)**

ଏବେ ମଧ୍ୟ ଲୋକଙ୍କ ମନରେ ଅନ୍ଧବିଶ୍ୱାସ ରହିଛି। ଏହାର ବଶବର୍ତ୍ତୀ ହୋଇ ବଳିପ୍ରଥା ଭଳି କୁସଂସ୍କାରକୁ ଲୋକେ ଆଦରି ନେଉଛନ୍ତି। ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବକଟୀ ଗ୍ରାମରେ ରବିବାର ଏଭଳି ଏକ ଘଟଣା ଘଟିଛି । ଉକ୍ତ ଗ୍ରାମର ମାହେଶ୍ୱରୀ ମନ୍ଦିର ଖମ୍ବ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ପୂଜାବିଧି ସହିତ ୩ଟି ପୋଢ଼ ବଳି ଦିଆଯାଇଥିଲା। ତେବେ ପୋଢ଼ ବଳି ବନ୍ଦ କରିବା ପାଇଁ ଅଞ୍ଚଳର କିଛି ସଚେତନ ନାଗରିକ ପୂର୍ବରୁ ପୋଲିସକୁ ଜଣାଇଥିଲେ। ପୋଲିସ ଏଭଳି ଏକ କୁସଂସ୍କାରକୁ ରୋକିବ ବୋଲି ସମସ୍ତେ ଆଶା କରିଥିଲେ। ମାତ୍ର ପୋଲିସ ତାହା ରୋକି ପାରିନାହିଁ। ସୂଚନା ଅନୁଯାୟୀ, ବକଟୀ ଗ୍ରାମରେ ବଳି ପାଇଁ ୩ଟି ପୋଢ଼ ଆଣି ଖମ୍ବରେ ବନ୍ଧା ଯାଇଥିଲା। ଖବର ପାଇ ପୋଲିସ ଗ୍ରାମକୁ ପହଞ୍ଚି ପୋଢ଼ ବଳି ନ ଦେବାକୁ ପରାମର୍ଶ ଦେଇଥିଲା। ସେହି ସମୟରେ କିଛି ଲୋକ ଖମ୍ବରେ ବନ୍ଧା ଯାଇଥିବା ପୋଢ଼କୁ ଖୋଲି ଦେବାକୁ କହିଥିଲେ। ମାତ୍ର ଉପସ୍ଥିତ ପୋଲିସ କର୍ମଚାରୀ ବନ୍ଧାଯାଇଥିବା ପୋଢ଼କୁ ଖୋଲିବାକୁ ଯାଇ ନ ଥିଲେ। ପରେ ପୋଲିସ ଗ୍ରାମରୁ ଯିବା ପରେ ୩ପୋଢ଼କୁ ଲୋକଙ୍କ ଉପସ୍ଥିତିରେ ବଳି ଦିଆଯାଇଥିଲା। ପୋଢ଼ବଳି ଭଳି କୁସଂସ୍କାର ରୋକିବାକୁ ପୂର୍ବରୁ ପୋଲିସକୁ ସୂଚନା ଦିଆଯିବା ସତ୍ତ୍ୱେ ତାହା ବନ୍ଦ ହୋଇ ନ ପାରିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନଲେ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଡିଜିଟାଲାଇଜେଶନ ଶିକ୍ଷାଦାନକୁ ଗୁରୁତ୍ୱ




ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

## ଜୁନାଗଡ ସାଇନିଂ କିଡ୍ସ ୱାର୍ଲ୍ଡର ବାର୍ଷିକୋତ୍ସବ

**ଜୁନାଗଡ,୧୬।୪(ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ସାଇନିଂ କିଡ୍ସ ୱାର୍ଲ୍ଡର ନବମ ବାର୍ଷିକ ଉତ୍ସବ ଶନିବାର ଅପରାହ୍ନରେ ସ୍ଥାନୀୟ ଅଗ୍ରସେନ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଷ୍ଟ୍ରାଟେଜି ପ୍ଲାନିଙ୍ଗ ଗୋଏଲ ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ଉପସଭାପତି ଦେବବ୍ରତ ମିଶ୍ର, ମୁଖ୍ୟବକ୍ତା ଜୁନାଗଡ ସେଣ୍ଟର ସିଆରସିସି ଗୋଦାବରୀଶ ପଣ୍ଡା,ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ସଂସ୍ଥାପକ ବେଦପ୍ରକାଶ ଗୋଏଲ,ବିଦ୍ୟାଳୟର ପରିଚାଳକ ଇଂ ପ୍ରବୀର କୁମାର ଗୋଏଲ, ପରିଚାଳିକା ସରିତା ଗୋଏଲ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ଶିକ୍ଷାର ପ୍ରଗତି କିପରି ସୁଦୃଢ଼ ହୋଇପାରିବ ସେ ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ଡିଜିଟାଲାଇଜେସନ, ଖେଳ ଓ ଏକ୍ଟିଭିଟି ମାଧ୍ୟମରେ ଶିକ୍ଷାଦାନ ଦିଆଯାଇପାରିବ ତାହା ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ବିଦ୍ୟାଳୟ ପରିଚାଳକ ଇଂ ଗୋଏଲ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ଶର୍ମିଷ୍ଠା ଯୋଶୀ ଓ ଗୀତା ନାଏକ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ପରିଚାଳିକା ସରିତା ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ମନେ ପଡ଼ନ୍ତି

**ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ**
୧୭।୦୪।୨୦୨୨ (ରବିବାର)



ସ୍ୱର୍ଗତ ଡା. କ୍ଷୀରୋଦ କୁମାର ରଥ
(କଳାପ୍ରାଣ ସାହିତ୍ୟ-ସଂସ୍କୃତିମନା ସମାଜସେବୀ)
ଏଲ୍.ବି.-୬୧, ଷ୍ଟେଜ୍-୪, ବିଡ଼ିଏ କଲୋନୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର
ତୁମେ ଯେଉଁଠି ଥାଅ ସଦା ସୁଖଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା ।
ପତ୍ନୀ- ସରୋଜିନୀ ଓ ଆତ୍ମୀୟସ୍ୱଜନବୃନ୍ଦ
ଧ-୧୫୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



୰ଭଗବତୀ ଉଲ୍ଲାକା
ଡାଙ୍ଗସୋରଡ଼ା, ଚନ୍ଦ୍ରପୁର, ଜିଲ୍ଲା: ରାୟଗଡ଼ା
ଆବିର୍ଭାବ-୦୬।୧୦।୧୯୬୮
ତିରୋଧାନ- ୧୭।୦୪।୨୦୨୧
ହେ ମହାନ୍ ଆତ୍ମା, ଜୀବନର ଅଧା ସମୟ ଆମ ସହ ଅର୍ଦ୍ଧାଙ୍ଗୀ ଭାବେ ବିତେଇ ଥିଲ। ତୁମର କର୍ତ୍ତବ୍ୟନିଷ୍ଠା, ସ୍ନେହ, ଆଦର ସହ ଜଣେ ସରଳ ସଚ୍ଚୋଟ, ମହୀୟସୀ ମହିଳା ଭାବେ ତଥା ଜଣେ ଆଦର୍ଶ ମା ଭାବେ ଚିରସ୍ମରଣୀୟ ହୋଇ ରହିବ।
ଶୋକସନ୍ତପ୍ତ: ସ୍ୱାମୀ: ବିଜୟ ପ୍ରସାଦ ଉଲ୍ଲାକା, ସୁପୁତ୍ର: ହିମାଂଶୁ, ଝିଅ: ହାସିନା କୁମାରୀ ଓ ପରିବାରବର୍ଗ ।
ଧ-୧୬୨

**ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ଶରଦଶଶୀ ନାୟକ
ଲୋ ମା', ତୁମେ ଯେଉଁଠି ଥାଅ ସୁଖ ଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ସମସ୍ତ ନାୟକ ପରିବାର ଓ ସାହିପଡ଼ିଶାବୃନ୍ଦ ଓ ଚୌଧୁରୀ ସାହି, ବାଲେଶ୍ୱର
ଧ-୧୬୩

**ସପ୍ତମ ମାସିକ ଶ୍ରାଦ୍ଧ ଉପଲକ୍ଷେ**



୰ପ୍ରଭାତ ସୁନ୍ଦର ପାଣିଗ୍ରାହୀ
ଆବିର୍ଭାବ: ୧୩।୦୮।୧୯୪୦
ତିରୋଧାନ: ୨୧।୦୯।୨୦୨୧
ତୁମେ ଛାଡ଼ିଯାଇଥିବା ତୁମର ପରିବାର, ଜ୍ୟେଷ୍ଠପୁତ୍ର: ଜୀତେନ, ଜ୍ୟେଷ୍ଠ ପୁତ୍ରବଧୂ: ଶୁଭଯାନୀ, କନିଷ୍ଠପୁତ୍ର: ରୋଷନ, କନିଷ୍ଠ ପୁତ୍ରବଧୂ: ରଶ୍ମିପ୍ରଭା, ଦୁହିତା: ସ୍ମୃତି, ଜାମାତା: ସୀମାଞ୍ଚଳ ଓ ନାତି, ନାତୁଣୀ: ରୀମା, ସିତୁନ, ପପ୍ଲି, ପୀୟୂଷ, ନିତୁ, ସମସ୍ତ ପରିବାର ସହ ଅଶ୍ରୁପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ବିନୀତ ପ୍ରାର୍ଥନା ତୁମ ଆତ୍ମାର ସଦ୍‌ଗତି ହେଉ।
ଧ-୭୩୫୦୭

# ସ୍ମାର୍ଟ ୱାଚ୍

## ଫ୍ୟାଶନ୍ ସହ ଫିଟ୍‌ନେସ୍

ଦିନଥିଲା ହାତରେ ଘଣ୍ଟା ପିନ୍ଧାଯାଉଥିଲା ସମୟ ଦେଖିବା ପାଇଁ। ଧୀରେ ଧୀରେ ଡ୍ରେସ୍ ସହ ମ୍ୟାଚ୍ କରି କେବେ ଚେନ୍ ତ କେବେ ଲେଦର ପୁଣି କେବେ ଭଳିକି ଭଳି କଲରଫୁଲ୍ ପ୍ଲାଷ୍ଟିକ୍ ବ୍ୟାଣ୍ଡ ଥିବା ଘଣ୍ଟା ପାଲଟିଲା ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ। ତେବେ ଏବେର ଘଣ୍ଟା ଆଉ କେବଳ ସମୟ ଦେଖିବା ଅବା ଫ୍ୟାଶନ୍‌ରେ ସୀମିତ ନାହିଁ ବରଂ ଏହାର ସ୍ଥାନ ନେଇଛି ସ୍ମାର୍ଟ ୱାଚ୍। ମୋବାଇଲ୍‌ରେ ଆସୁଥିବା ନୋଟିଫିକେଶନ୍‌ରୁ ଆରମ୍ଭ କରି ଫିଟ୍‌ନେସ୍ ଟ୍ରାକ୍ କରିବା ପର୍ଯ୍ୟନ୍ତ ବିଭିନ୍ନ ଫ୍ୟାସିଲିଟି ପାଇଁ ଏହା ପାଲଟିଛି ଅଧିକାଂଶ ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ ...





ଘଣ୍ଟା ପିନ୍ଧିବା ଅଧିକାଂଶଙ୍କର ଆବଶ୍ୟକତା ହୋଇଥିବା ବେଳେ ଆଉ କେତେକଙ୍କ ପାଇଁ ସଉକ। ତେବେ ଏବେର ସ୍ମାର୍ଟ ୱାଚ୍ କିନ୍ତୁ ବଦଳାଇ ଦେଇଛି ଘଣ୍ଟାପିନ୍ଧାର ପରିଭାଷା। ସମୟ ଦେଖିବା, ସ୍ମାର୍ଟ ଏବଂ ଷ୍ଟାଇଲିଶ୍ ଲୁକ୍ ପାଇବା ସହ ଆହୁରି ଅନେକ ଉପଯୋଗିତା ଏହାକୁ କରାଇପାରିଛି ଅଧିକ ଲୋକପ୍ରିୟ...

**ନାହିଁ ବ୍ୟାଟେରି କିଣିବା ଟେନ୍‌ସନ୍:** କେବଳ ଯେ ଏହାକୁ ଅପରେଟ୍ କରିବା ବେଶ୍ ସହଜ ତା’ ନୁହେଁ, ବରଂ ଏହା ଚାର୍ଜେବଲ୍ ହୋଇଥିବାରୁ ବାରମ୍ବାର ବ୍ୟାଟେରି କିଣିବାର ଟେନ୍‌ସନ୍ ବି ନାହିଁ। ଏଣୁ ଏହାକୁ ବ୍ୟବହାର କରିବାକୁ ଅନେକେ ଭଲ ପାଉଛନ୍ତି।

**ସାଜିଛି ହେଲ୍‌ଥ ଟ୍ରାକର:** ସ୍ୱାସ୍ଥ୍ୟ ପ୍ରତି ସଚେତନ ଥିବା ପ୍ରତ୍ୟେକଙ୍କ ପାଇଁ ସ୍ମାର୍ଟ ୱାଚ୍ ଏକ ବରଦାନ ସଦୃଶ। କାରଣ ଦିନକୁ ଆପଣ କେତେ ଷ୍ଟେପ୍ ଚାଲିଲେ, କେତେ କ୍ୟାଲୋରି ବର୍ନ କଲେ, ହାର୍ଟ ରେଟ୍‌ଠାରୁ ଆରମ୍ଭ କରି ବ୍ଲଡ୍‌ପ୍ରେସର ପର୍ଯ୍ୟନ୍ତ ସବୁକିଛି ଏଥିରୁ ଜାଣି ହେଉଛି ଖୁବ୍ ସହଜରେ। ତେଣୁ ଜିମ୍ ଯାଉଥିବା ଯୁବପିଢ଼ିଙ୍କର ଏହା ପ୍ରତି କ୍ରେଜ୍ ଖୁବ୍ ଅଧିକ। ଏଥିରେ ଥିବା ଡିଜିଟାଲ୍ ହେଲ୍‌ଥ ସେନ୍‌ସର ଦ୍ୱାରା ହୃଦ୍‌ରୋଗର ପୂର୍ବ ସୂଚନା ମଧ୍ୟ ଜାଣି ହୋଇ ପାରୁଥିବାରୁ ଯଥା ସମୟରେ ଚିକିତ୍ସା ସହଜ ହୋଇପାରୁଛି ଏବଂ ରୋଗୀର ଜୀବନ ରକ୍ଷା ହୋଇପାରୁଛି। ଏଥିରେ ରୋଗୀକୁ ମେଡିସିନ୍ ଖାଇବାର ସମୟ ସୂଚନା ଦେବାର ମଧ୍ୟ ସୁବିଧା ରହିଛି। କେତେକ ସ୍ମାର୍ଟୱାଚ୍‌ରେ ପଡ଼ିଯିବା କ୍ଷଣି ଆମ୍ବୁଲାନ୍ସ ସହ ପରିବାର ଲୋକଙ୍କୁ ସୂଚନା ପହଞ୍ଚାଇବାର ସୁବିଧା ମଧ୍ୟ ଉପଲବ୍ଧ। କେବଳ ଏତିକି ନୁହେଁ, ଏଥିରେ ଯୁବତୀମାନଙ୍କୁ ମାସିକ ଋତୁସ୍ରାବ ସୂଚନା ବା ମେନ୍‌ଷ୍ଟ୍ରୁଆଲ୍ ପିରିୟଡ୍ ରିମାଇଣ୍ଡର ଦେବା ପାଇଁ ମଧ୍ୟ ସୁବିଧା ରହିଛି।

**ଫୋନ୍‌ର ଛୋଟ ରୂପ:** ଏଥିରେ ଆପଣ ୧୨ କିମ୍ବା ୨୪ ଘଣ୍ଟିଆ ଟାଇମ୍ ସେଟ୍ କରିପାରିବେ। ଆଲାର୍ମ ମଧ୍ୟ ସେଟ୍ କରିପାରିବେ। ମୋବାଇଲ୍‌ରେ ଆସୁଥିବା କଲ୍ ରିସିଭ୍ କରିପାରିବେ, ମେସେଜ୍, ସୋସିଆଲ୍ ମିଡିଆର ବିଭିନ୍ନ ନୋଟିଫିକେଶନ୍ ପାଇପାରିବେ ଏବଂ ଇନ୍‌ଷ୍ଟାଣ୍ଟ ରିପ୍ଲାଏ କରିପାରିବେ। ଏଥିରେ ବିଭିନ୍ନ ଆପ୍ ମଧ୍ୟ ବ୍ୟବହାର କରିପାରିବେ। କେବଳ ଏତିକି ନୁହେଁ, କେତେକ ସ୍ମାର୍ଟ ୱାଚ୍‌ରେ ସ୍ମାର୍ଟ ଆପ୍ ବେସ୍‌ଡ ଇ-ପେମେଣ୍ଟ ସିଷ୍ଟମ ମଧ୍ୟ ଉପଲବ୍ଧ। ତେଣୁ ଆପଣ ଏହା ସାହାଯ୍ୟରେ କ୍ୟାଶଲେସ୍ ଶପିଂର ବି ଫାଇଦା ଉଠେଇ ପାରିବେ।

**ଅନ୍ୟାନ୍ୟ ସୁବିଧା:** ହଠାତ୍ ଫୋନ୍ ନ ମିଳିଲେ ଅବା ହଜିଗଲେ ଆପଣ ‘ଫାଇଣ୍ଡ ଫୋନ୍’ ଆପ୍ଲିକେଶନ୍ ଦ୍ୱାରା ନିଜ ଫୋନ୍‌କୁ ସହଜରେ ଖୋଜିପାରିବେ। ଏହାଛଡ଼ା ବର୍ତ୍ତମାନ ଆସୁଥିବା ବିଭିନ୍ନ ଲାଟେଷ୍ଟ ସ୍ମାର୍ଟୱାଚ୍‌ରେ ଏସି, ଫ୍ୟାନ୍, ଲାଇଟ୍, ଡୋର୍, ମାଇକ୍ରୋୱେଭ୍ ଓଭନ୍, ଟିଭି, ଫ୍ରିଜ୍ ଭଳି ସ୍ମାର୍ଟ ହୋମ୍ ଆପ୍ଲାଏନ୍‌ସେସ୍‌ଗୁଡିକୁ କଣ୍ଟ୍ରୋଲ୍ କରିବାର ଅପ୍ସନ ମଧ୍ୟ ଉପଲବ୍ଧ।



**ଟପ୍ ବ୍ରାଣ୍ଡ:** ଗ୍ଲୋବାଲ ସ୍ମାର୍ଟୱାଚ୍ ମାର୍କେଟ ତରଫରୁ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ୨୦୨୧ରେ ବିକ୍ରି ହୋଇଥିବା ସମୁଦାୟ ହାତ ଘଣ୍ଟାର ପ୍ରାୟ ୪୦%ରୁ ଊର୍ଦ୍ଧ୍ୱ ହେଉଛି କେବଳ ସ୍ମାର୍ଟ ୱାଚ୍। ତେବେ ଗ୍ଲୋବାଲ୍ ମାର୍କେଟରେ ସବୁଠୁ ଅଧିକ ବିକ୍ରି ହେଉଥିବା ଟପ୍ ୯ ସ୍ମାର୍ଟ ୱାଚ୍ ବ୍ରାଣ୍ଡ ହେଉଛି ଆପଲ୍, ସାମ୍‌ସଙ୍ଗ୍, ହୁଆଇ, ଇମୁ, ଆମାଜ୍‌ଫିଟ୍, ଗାର୍ମିନ୍, ଫିଟ୍‌ବିଟ୍, ଜାଓମି, ନଏଜ୍; ଯାହାମଧ୍ୟରୁ ଆମ ଦେଶରେ ସବୁଠୁ ଅଧିକ ବିକ୍ରି ଏବଂ ଲୋକପ୍ରିୟତା ହାସଲ କରିଛି ନଏଜ୍ କମ୍ପାନୀର ସ୍ମାର୍ଟୱାଚ୍।

### କ’ଣ କୁହନ୍ତି ଏମାନେ...

***ବିଜୟ କୁମାର ସ୍ୱାଇଁ** (କର୍ମଜୀବୀ, ଭୁବନେଶ୍ୱର)*– ମୋର ନିତିଦିନିଆ ଜୀବନରେ ସ୍ମାର୍ଟ ୱାଚ୍ ବହୁତ ଜରୁରୀ ହୋଇପଡ଼ିଛି। ଜିମ୍‌ରେ ଏକ୍ସରସାଇଜ୍ କରିବାବେଳେ ଏହା ମୋର କେତେ କ୍ୟାଲୋରି ବର୍ନ ହେଲା ତାହା ଦର୍ଶାଇଥାଏ। ଏଥିସହ ଦିନ ଭିତରେ କେତେ ଷ୍ଟେପ୍ ଚାଲିଲି ତାହା ମଧ୍ୟ ଜଣାଇଥାଏ। ଯେଉଁ କାମ ଫୋନ୍ ଦ୍ୱାରା କରିପାରୁଛି, ତାହା ୱାଚ୍‌ରେ ମଧ୍ୟ କରିପାରେ। କୌଣସି ସ୍ଥାନରେ ଟଙ୍କା ଅନ୍‌ଲାଇନ୍‌ରେ ପେ’ କରିବାର ଥିଲେ ମଧ୍ୟ ଏଥିରେ ଫିଚର୍ସ ଅଛି। କୌଣସି ମିଟିଂରେ ଥିଲେ ଯଦି ମୁଁ ଫୋନ୍ ରିସିଭ୍ କରିପାରେ ନାହିଁ, ତେବେ ଏହି ୱାଚ୍ ଦ୍ୱାରା କଲ୍ ରିସିଭ୍ କରିପାରେ, ଟେକ୍ସଟ୍ କରିପାରେ ଏବଂ ହ୍ୱାଟସ୍‌ଆପ୍‌ରେ ଫାଇଲ୍ ମଧ୍ୟ ପଠାଇପାରେ।

***ରାକେଶ କୁମାର ସାହୁ** (କମ୍ପ୍ୟୁଟର ଛାତ୍ର, ଯାଜପୁର)*– ବର୍ତ୍ତମାନ ସ୍ମାର୍ଟ ୱାଚ୍ ମୋ ପାଇଁ ଅତି ଦରକାରୀ ହୋଇପଡ଼ିଛି। ପ୍ରାୟ ସବୁବେଳେ ଏହାକୁ ପିନ୍ଧିଥାଏ, ହେଲେ ଖାସ୍ କରି ମର୍ନିଂ ୱାକ୍ ଏବଂ ବାହାରକୁ ଗଲାବେଳେ ବେଶି ବ୍ୟବହାର କରେ । କେତେ ବାଟ କିମ୍ବା କେତେ ଷ୍ଟେପ୍ ଚାଲିଲି, ତାହା ମୋତେ ଏହି ସ୍ମାର୍ଟ ୱାଚ୍‌ରୁ ଜଣାପଡ଼େ। ଏହା ସହ ଏଥିରେ ମୋର ହ୍ୱାଟ୍ସ ଆପ୍ ସେଟିଂ ବି ରହିଛି, ଯାହା ଫଳରେ କେତେବେଳେ କୌଣସି କଲ୍ କି ମେସେଜ୍ ଆସିଲେ ତାକୁ ମୁଁ ତୁରନ୍ତ ଜାଣିପାରୁଛି। କମ୍ପ୍ୟୁଟର ବିଭାଗ ଛାତ୍ର ହୋଇଥିବାରୁ ଏହା ମୋତେ ଅନେକ କ୍ଷେତ୍ରରେ ସାହାଯ୍ୟ କରୁଛି।

**– ପୌର୍ଣ୍ଣମାସୀ**



ରାକେଶ



ବିଜୟ



### ଯୁବପିଢ଼ିଙ୍କ ମଧ୍ୟରେ କ୍ରେଜ୍ ଅଧିକ



**ଦୀ**ର୍ଘ ବର୍ଷ ହେବ ଘଣ୍ଟା ବ୍ୟବସାୟ କରିଆସୁଛି। ଇତିମଧ୍ୟରେ ଘଣ୍ଟା ବ୍ୟବହାରକାରୀଙ୍କ ପସନ୍ଦକୁ ନେଇ ନୂଆ ନୂଆ ଘଣ୍ଟା କଲେକ୍ସନ ରଖୁଛି। ଯେପରି ପୂର୍ବରୁ କେବଳ ଚେନ୍ କିମ୍ବା ଲେଦର ବ୍ୟାଣ୍ଡ ଘଣ୍ଟା ଅଧିକ ବିକ୍ରି ହେଉଥିବା ବେଳେ ଧୀରେ ଧୀରେ ଭଳିକି ଭଳି ଡିଜାଇନ୍ ଏବଂ କଲରଫୁଲ୍ ଘଣ୍ଟାର ଚାହିଦା ବଢ଼ିବାକୁ ଲାଗିଲା। ଯଦିଓ ପ୍ରତ୍ୟେକ ବର୍ଗର ଲୋକେ ଏହାକୁ ପସନ୍ଦ କରୁଛନ୍ତି, ହେଲେ କଲେଜ ପଢୁଆ ହୁଅନ୍ତୁ କି ଜବ୍ ହୋଲ୍ଡର ଫ୍ୟାଶନ୍‌ପ୍ରିୟ ଯୁବତୀଯୁବକ ଏହାକୁ ବେଶୀ ପସନ୍ଦ କରୁଛନ୍ତି। ବିଶେଷ କରି ଜିମ୍ ଯାଉଥିବା ଯୁବପିଢ଼ି ଏହାକୁ ଅଧିକ କିଣିଥାଆନ୍ତି। ତେବେ ବର୍ତ୍ତମାନ ସ୍ମାର୍ଟୱାଚ୍ ଟ୍ରେଣ୍ଡରେ ଅଛି। ଯୁବପିଢ଼ିଙ୍କ ମଧ୍ୟରେ ଫ୍ୟାଶନ୍ ସହିତ ଫିଟ୍‌ନେସ୍ ତଥା ଅନ୍ୟାନ୍ୟ ସୁବିଧାକୁ ଆଖିଆଗରେ ରଖି ଏହାର ଡିମାଣ୍ଡ ବଢୁଥିବାର ଦେଖିବାକୁ ମିଳୁଛି। ତେଣୁ ଆମେ କେତେକ ନାମୀଦାମୀ ବ୍ରାଣ୍ଡର ବିଭିନ୍ନ କଲେକ୍ସନ ରଖୁଛୁ, ଯାହାର ଦାମ୍ ପ୍ରାୟ ୨ ହଜାରରୁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ରହୁଛି। **– *ଗୌରୀଶଙ୍କର ମହାପାତ୍ର*** *(ସମୟ ଭବନ, ବାପୁଜୀନଗର)*

# ଦୂରାନ୍ତୁ ଫଙ୍ଗାଲ୍ ଇନ୍‌ଫେକ୍ସନ...

ଖରାଦିନେ ଝାଳ ଲାଗି ଶରୀରର ବିଭିନ୍ନ ସ୍ଥାନରେ ବିଶେଷକରି ଜଙ୍ଘ ଏବଂ କାଖ ଆଦି ସ୍ଥାନରେ କୁଣ୍ଡାଇ ହେବା ସମସ୍ୟା ଅନେକଙ୍କଠାରେ ଦେଖାଦେଇଥାଏ। ଏହାକୁ ଅନେକେ ଅଣଦେଖା କରନ୍ତି ଅବା ପାଉଡର ପକାଇ କମାଇବାକୁ ଚେଷ୍ଟା କରନ୍ତି। ହେଲେ କେବେକେବେ ଏହା ଫଙ୍ଗାଲ୍ ଇନ୍‌ଫେକ୍ସନ୍ କାରଣରୁ ମଧ୍ୟ ହୋଇପାରେ, ଯଥାଶୀଘ୍ର ଏହାର ପ୍ରତିକାର ନ କଲେ ତାହା ଜଟିଳ ସମସ୍ୟାର କାରଣ ବି ସାଜିପାରେ...



- ଅଧିକ ଟାଇଟ୍ ପୋଷାକ ପିନ୍ଧିବା, ଝାଳ ଲାଗି ଅଧିକ ସମୟ ରହିବା, ଗାଧୋଇବା ପରେ ଭଲ ଭାବେ ପାଣି ପୋଛି ନ ହୋଇ ପୋଷାକ ପିନ୍ଧିବା ଭଳି ବିଭିନ୍ନ କାରଣରୁ ଫଙ୍ଗାଲ୍ ଇନ୍‌ଫେକ୍ସନ ଦେଖାଦେଇଥାଏ। ଏହାକୁ ଆଦୌ ଅଣଦେଖା ନ କରି ଡାକ୍ତରଙ୍କ ପରାମର୍ଶ ନେଇ ଆବଶ୍ୟକସ୍ଥଳେ ଔଷଧ ଏବଂ ଅଏଣ୍ଟମେଣ୍ଟ ବ୍ୟବହାର କରିବା ଆବଶ୍ୟକ।

**ଆପଣ ଚାହିଁଲେ କେତୋଟି ଘରୋଇ ଉପଚାର ଦ୍ୱାରା ମଧ୍ୟ ଫଙ୍ଗାଲ୍ ଇନ୍‌ଫେକ୍ସନ ଦୂର କରିପାରିବେ...**

- ଘିକୁଆଁରୀରେ ଭରି ରହିଛି ଆଣ୍ଟିଫଙ୍ଗାଲ୍ ଗୁଣ। ତେଣୁ କୁଣ୍ଡେଇ ହେଉଥିବା ସ୍ଥାନରେ ଏହାକୁ ୧୫ ମିନିଟ୍ ପର୍ଯ୍ୟନ୍ତ ଘଷିବା ପରେ ପାଣିରେ ଧୋଇଦିଅନ୍ତୁ, ଦେଖିବେ ଧୀରେ ଧୀରେ ଉପଶମ ମିଳିବ।
- ସେହିପରି ଲିମ୍ବପତ୍ର ମଧ୍ୟ ଏଥିପାଇଁ ବେଶ୍ ଉପକାରୀ। ପାଣିରେ ଲିମ୍ବପତ୍ର ପକାଇ ଫୁଟାଇ ଦିଅନ୍ତୁ। ଏହି ପାଣିରେ ଗାଧୋଇବା ଦ୍ୱାରା ଫଙ୍ଗାଲ୍ ଇନ୍‌ଫେକ୍ସନ ଦୂର ହେବା ସହ କୁଣ୍ଡେଇହେବା ସମସ୍ୟାରୁ ମୁକ୍ତି ମିଳିବ।
- ଏକ ସଫା କପଡ଼ାରେ ବରଫ ଖଣ୍ଡ ନେଇ କୁଣ୍ଡାଇ ହେଉଥିବା ଭାଗରେ ଧୀରେ ଧୀରେ ଘଷିବା ଦ୍ୱାରା କୁଣ୍ଡାଇହେବା ଏବଂ ପୋଡ଼ିବା କମିଥାଏ।
- ପାଣିରେ ହଳଦୀ ମିଶାଇ ଗାଧୋଇବା କିମ୍ବା ଉକ୍ତ ସ୍ଥାନରେ ଅଳ୍ପ ବଟା ହଳଦୀ ଲଗାଇବା ଦ୍ୱାରା ମଧ୍ୟ ଫଙ୍ଗାଲ୍ ଇନ୍‌ଫେକ୍ସନ୍ ଦୂର ହୋଇଥାଏ।
- ପାଣିରେ ଅଳ୍ପ ଖାଇବାସୋଡ଼ା ମିଶାଇ କୁଣ୍ଡାଇ ହେଉଥିବା ସ୍ଥାନକୁ ଧୋଇଦେଲେ ମଧ୍ୟ ଆରାମ ମିଳିଥାଏ।
- ମରା ନଡ଼ିଆ ତେଲ କିମ୍ବା ଅଲିଭ୍ ତେଲ ଲଗାଇଲେ ଆପଣ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ।



## ଏ ସପ୍ତାହର ପ୍ରଶ୍ନ

୧– ମାଧବପୁର ମେଳା.......... ରାଜ୍ୟରେ ଆୟୋଜିତ ହୋଇଥାଏ ?
୨– ପୃଥିବୀର ସର୍ବାଧିକ ସୁନା ବ୍ୟବହାର କରୁଥିବା ଦେଶ......... ?
୩– .............. ସରକାରଙ୍କ ପକ୍ଷରୁ ସର୍ବପ୍ରଥମେ ଇଲେକ୍‌ଟ୍ରିକ୍ ଭେଇକିଲ୍ ପଲିସିରେ ଇ-ସାଇକେଲ୍‌କୁ ସାମିଲ କରାଯାଇଛି ?
୪– ଚଳିତବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଥିମ୍ ................... ?
୫– ନିକଟରେ ଗ୍ରାମୀ ପୁରସ୍କାର ପାଇଥିବା ଦୁଇ ଭାରତୀୟଙ୍କ ନାମ ......... ?

## ଗତ ଥରର ଉତ୍ତର

୧ ତ୍ରିପୁରା
୨ ରୋବେର୍ଟୋ ବେନିନି
୩ ଅଗଷ୍ଟ ୩୦
୪ ମୌନା ଲୋଆ
୫ ନୀଳ ନଦୀ

## ଉତ୍ତରଦାତା



ଶେଖ୍ ୟାକୁବ୍
ଗୋପ



ଆରାଧନା
ଭଦ୍ରକ



ଏମ୍. କାମରାଜୁ ରାଜୁ
ଗଞ୍ଜାମ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଡେଙ୍ଗା ମହିଳା ମଡେଲ୍

୧– ଆନା ହିକ୍‌ମ୍ୟାନ୍.............................. ୬ ଫୁଟ୍ ୧ ଇଞ୍ଚ
୨– ହାନା ସୁକୁପୋଭା.............................. ୬ ଫୁଟ୍ ୧ ଇଞ୍ଚ
୩– ଓଲୁଚି ଅନ୍‌ୱିବା.............................. ୬ ଫୁଟ୍
୪– ଜୁଲିଆ ଷ୍ଟେଞ୍ଜର.............................. ୬ ଫୁଟ୍
୫– ଆନା ବିଟ୍ରିଜ୍ ବ୍ୟାରସ୍.............................. ୫ ଫୁଟ୍ ୧୧ ଇଞ୍ଚ
୬– ଜିସେଲେ ବଣ୍ଡଚେନ୍.............................. ୫ ଫୁଟ୍ ୧୧ ଇଞ୍ଚ
୭– ଡାରିଆ ୱେରାବର.............................. ୫ ଫୁଟ୍ ୧୧ ଇଞ୍ଚ
୮– କେଟ୍ ଗ୍ରିଗୋରିଭା.............................. ୫ ଫୁଟ୍ ୧୧ ଇଞ୍ଚ
୯– ବାରବାରା ଫିଆଲୋ.............................. ୫ ଫୁଟ୍ ୧୧ ଇଞ୍ଚ
୧୦– ଭାନେସା ମୁଡି.............................. ୫ ଫୁଟ୍ ୧୧ ଇଞ୍ଚ

### ଯୁବ ପ୍ରତିଭା

# ନୃତ୍ୟ ଦେଇଛି ପରିଚୟ




ତନିଶା

ପିଲାଟି ଦିନରୁ ତାଙ୍କର ନୃତ୍ୟ କ୍ଷେତ୍ରରେ ବେଶ୍ ରୁଚି। ଯେଉଁଥିପାଇଁ ସେ ନିଜ ଜିଲା ସମେତ ରାଜ୍ୟ ଓ ଜାତୀୟ ସ୍ତରରେ ସଫଳତା ହାସଲ କରି ଜଣେ ନୃତ୍ୟଶିଳ୍ପୀ ଭାବେ ନିଜର ଏକ ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ହେଉଛି ବ୍ରହ୍ମପୁର ସହରର ବଡ଼ଖେମୁଣ୍ଡି ସାହିରେ ରହୁଥିବା ନମିତା ରାଣୀ ଏବଂ ନିରଞ୍ଜନ ପାତ୍ରଙ୍କ ଝିଅ ତନିଶା। ବର୍ତ୍ତମାନ ଦଶମ ଶ୍ରେଣୀର ଛାତ୍ରୀ। ମାତ୍ର ୨ୟ ଶ୍ରେଣୀରେ ପଢୁଥିବା ବେଳେ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ଏଥିରେ ତାଙ୍କ ମା’ ପ୍ରେରଣା ଦେଇଥିଲେ। ବୟସ ବଢିବା ସହ ନୃତ୍ୟ ସାଙ୍ଗକୁ ସେ ମଡେଲିଂରେ ମଧ୍ୟ ସଫଳତା ହାସଲ କରିବାରେ ଲାଗିଲେ। ନିକଟରେ ଏକ ଘରୋଇ ଟିଭି ଚ୍ୟାନେଲରେ ପ୍ରସାରିତ ହୋଇଥିବା ରିଆଲିଟି ଶୋ’ରେ ସେ ୨ୟ ରନର୍ସ ଅପ୍ ରହିଛନ୍ତି। ଏଥିସହ ତନିଶା ରାଜ୍ୟସ୍ତରୀୟ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇ ସଫଳ ହୋଇଛନ୍ତି। ସେ ମଡେଲିଂରେ ସିଲ୍କ ସିଟି ୨୦୨୧ ପ୍ରତିଯୋଗିତାରେ ଭାଗ ନେଇ ମିସ୍ ଫ୍ୟାଶନ ଆଇକନ୍ ଭାବେ ବିଜୟୀ ହୋଇଛନ୍ତି। ଏଥିସହ ଜାତୀୟ ସ୍ତରୀୟ ପ୍ରତିଯୋଗିତା ‘ଜଜ୍‌ୱା ସାହସ କି’ରେ ୩ୟ ସ୍ଥାନ, ୨୦୨୧ ମସିହାରେ ନୃତ୍ୟ ପ୍ରତିଯୋଗିତାରେ ୨ୟ ରନର୍ସ ଅପ, ୨୦୨୧ ମସିହା ବ୍ଲକସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ୨ୟ, ୨୦୧୯ ମସିହା ଜିଲାସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ନୃତ୍ୟ ଶିଳ୍ପୀ ଆୱାର୍ଡ, ୨୦୧୯ ମସିହା ଗୋପାଳପୁର ବେଳାଭୂମି ମହୋତ୍ସବରେ ଶ୍ରେଷ୍ଠ ନୃତ୍ୟ ଶିଳ୍ପୀ ଆୱାର୍ଡ, ୨୦୨୧ ମସିହାରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ଶ୍ରେଷ୍ଠ ନୃତ୍ୟ ଶିଳ୍ପୀ ଓ ୨୦୧୮ ମସିହା ପୁସ୍ତକ ମେଳାରେ ଶ୍ରେଷ୍ଠ ନୃତ୍ୟ ଶିଳ୍ପୀ ଆୱାର୍ଡ ହାସଲ କରିଛନ୍ତି। କେବଳ ଏତିକି ନୁହେଁ ସେ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ପ୍ରଦର୍ଶନ କରି ପୁରସ୍କୃତ ଓ ପ୍ରଶଂସିତ ହୋଇଛନ୍ତି। ତେବେ ନିଜ ସଫଳତାର ଶ୍ରେୟ ଅଭିଭାବକଙ୍କୁ ଦେଉଥିବା ତନିଶା ଭବିଷ୍ୟତରେ ଜଣେ ଅନ୍ତର୍ଜାତୀୟ ନୃତ୍ୟଶିଳ୍ପୀ ହେବାକୁ ଲକ୍ଷ୍ୟ ରଖିଛନ୍ତି।

***–ସ୍ମୃତି ରଞ୍ଜନ ମହାଲିକ୍***

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୧୭ ଏପ୍ରିଲ, ୨୦୨୨ Sambalpur, Sunday, April 17/2022

# ରାହୁଲଙ୍କ ଶତକ: ପୁଣି ହାରିଲା ମୁମ୍ବାଇ

ମୁମ୍ବାଇ,୧୬।୪

ଚଳିତ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସର ପରାଜୟ ଧାରା ଜାରି ରହିଛି। ସ୍ଥାନୀୟ ବ୍ରାବୋର୍ନ ଷ୍ଟାଡିୟମରେ ଶନିବାର ଅପରାହ୍ଣରେ ଖେଳାଯାଇଥିବା ଆଇପିଏଲ୍ ଲିଗ୍ ମ୍ୟାଚ୍‌ରେ ମୁମ୍ବାଇକୁ ୧୮ ରନ୍‌ରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ହରାଇ ଦେଇଛି। ସର୍ବାଧିକ ୫ ଥର ଚାମ୍ପିୟନ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ପାଇଁ ଏହା କ୍ରମାଗତ ୬ଷ୍ଠ ପରାଜୟ। ଏହି ବିଜୟ ଯୋଗୁ ଲକ୍ଷ୍ନୌ ୮ ପଏଣ୍ଟ ସହ ପଏଣ୍ଟ ଟେବୁଲରେ


ଶତକ ହାସଲ ପରେ ଲୋକେଶ ରାହୁଲ।

ଦ୍ୱିତୀୟ ସ୍ଥାନକୁ ଉଠିଛି। ଅଧିନାୟକ ଲୋକେଶ ରାହୁଲ(୧୦୩*)ଙ୍କ ଅପରାଜିତ ଶତକ ବଳରେ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୯୯ ରନ୍ କରିଥିଲା। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୧୮୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ଶତକୀୟ ପାଳି ପାଇଁ ରାହୁଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌକୁ ବିସ୍ଫୋରକ ଆରମ୍ଭ ଦେଇଥିଲେ ଅଧିନାୟକ ରାହୁଲ ଏବଂ କ୍ୱିଣ୍ଟନ ଡି'କକ୍ (୨୪)। ଦୁହେଁ ମାତ୍ର ୫.୨ ଓଭରରେ ଦଳୀୟ ସ୍କୋରକୁ ୫୦ ପାର କରାଇଥିଲେ। ତା'ପରେ ମନୀଷ ପାଣ୍ଡେ (୩୮)ଙ୍କ ସହ ମିଶି ରାହୁଲ ଦ୍ୱିତୀୟ ଉଇକେଟ ଲାଗି ୭୨ ରନ୍ ଯୋଡ଼ିଥିଲେ। ମଧ୍ୟକ୍ରମରେ ମାର୍କସ ଷ୍ଟୋଇନିସ୍ (୧୦) ଓ ଦୀପକ ହୁଡା (୧୫) ଫେଲ୍ ମାରିଥିଲେ। ହେଲେ ରାହୁଲଙ୍କ ୧୦୩ (୯ ଚୌକା ଓ ୫ ଛକା) ରନ୍‌ର ଅପରାଜିତ ଶତକ ଯୋଗୁ ଲକ୍ଷ୍ନୌ ୪ ଉଇକେଟ ହରାଇ ୧୯୯ ରନ୍ କରିଥିଲା। ମୁମ୍ବାଇ ପାଇଁ ବୋଲିଂରେ ଜୟଦେବ ଉନାଡକଟ୍ ୨ ଉଇକେଟ ନେଇଥିବା ବେଳେ ମୁରୁଗାନ ଅଶ୍ୱିନ ଏବଂ ଫାବିଆନ ଆଲେନ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

ଜବାବରେ ମୁମ୍ବାଇର କୌଣସି ବ୍ୟାଟର ଲକ୍ଷ୍ନୌ ବୋଲିଂ ଲାଇନ୍ ଆଗରେ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ଦୁଇ ଓପ୍‌ନର ଅଧିନାୟକ ରୋହିତ (୬) ଓ ଇଶାନ କିଷନ(୧୩) ଖୁବ୍ ଶସ୍ତାରେ ଆଉଟ୍ ହୋଇଥିଲେ। ପରେ ଡେୱାଲ୍ଡ ବ୍ରେଭିସ(୩୧), ସୂର୍ଯ୍ୟକୁମାର ଯାଦବ(୩୭), ତିଲକ ବର୍ମା (୨୬) ଏବଂ କିରନ ପୋଲାର୍ଡ(୨୫)ଙ୍କୁ ଭଲ ଆରମ୍ଭ ମିଳିଥିଲା। ହେଲେ କେହି ବଡ଼ ଇନିଂସ ଖେଳିପାରି ନ ଥିଲେ, ଯାହାଫଳରେ ମୁମ୍ବାଇ ୨୦ ଓଭରରେ ୯ ଉଇକେଟ ହରାଇ ୧୮୧ ରନ୍ କରିବାକୁ ସକ୍ଷମ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୨୦ ଓଭରରେ ୧୯୯/୪(ଲୋକେଶ ରାହୁଲ ୧୦୩*, ମନୀଷ ପାଣ୍ଡେ ୩୮, କ୍ୱିଣ୍ଟନ ଡି'କକ୍ ୨୪, ଜୟଦେବ ଉନାଡକଟ୍ ୨/୩୨, ମୁରୁଗାନ ଅଶ୍ୱିନ ୧/୩୩)।

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୮୧/୯ (ସୂର୍ଯ୍ୟକୁମାର ଯାଦବ ୩୭, ଡେୱାଲ୍ଡ ବ୍ରେଭିସ୍ ୩୧, ତିଲକ ବର୍ମା ୨୬, କିରନ ପୋଲାର୍ଡ ୨୫, ଅଭେଶ ଖାନ୍ ୩/୩୦, ମାର୍କସ ଷ୍ଟୋଇନିସ ୧/୧୩, ଜାସନ ହୋଲ୍ଡର ୧/୩୪, ରବି ବିଷ୍ଣୋଇ ୧/୩୪ )।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

ପଞ୍ଜାବ କିଙ୍ଗ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ
ସ୍ଥାନ: ମୁମ୍ବାଇ
ସମୟ: ଅପରାହ୍ଣ ୩ଟା ୩୦

ଗୁଜରାଟ ଟାଇଟନ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍ସ
ସ୍ଥାନ: ମୁମ୍ବାଇ
ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

MONTE BIANCO
Smart Everyday
FORMAL | CASUAL | MENSWEAR

## ବେତନ ଦାନ କରିବେ ହରଭଜନ

ନୂଆଦିଲ୍ଲୀ,୧୬।୪(ପିଟି)

କ୍ରିକେଟରରୁ ରାଜନେତା ପାଲଟିଥିବା ହରଭଜନ ସିଂ ଶନିବାର କହିଛନ୍ତି, ଚାଷୀମାନଙ୍କ ଝିଅଙ୍କ ଶିକ୍ଷା ଓ କଲ୍ୟାଣ ପାଇଁ ତାଙ୍କ ରାଜ୍ୟ ସଭା ଦରମା ଦାନ କରିବେ। ଭାରତର ଅନ୍ୟତମ ଶ୍ରେଷ୍ଠ ସ୍ପିନର ହରଭଜନ ଗତ ମାସରେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ପଞ୍ଜାବରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ।



''ଜଣେ ରାଜ୍ୟ ସଭା ସଦସ୍ୟ ଭାବେ ମୁଁ ଚାଷୀମାନଙ୍କ ଝିଅଙ୍କ ଲାଗି ଶିକ୍ଷା ଓ କଲ୍ୟାଣ ପାଇଁ ମୋ ଦରମାକୁ ଦାନ କରିବାକୁ ଚାହୁଁଛି। ଆମ ଦେଶର ଉନ୍ନତି କରିବା ଲାଗି ମୁଁ ରାଜନୀତିରେ ଯୋଗ ଦେଇଛି। ଏଥିଲାଗି ମୁଁ ସବୁକିଛି କରିବି। ଜୟ ହିନ୍ଦ୍'' ବୋଲି ପୂର୍ବତନ ଭାରତୀୟ ସ୍ପିନର ଟୁଇଟ୍ କରିଛନ୍ତି। ୪୧ ବର୍ଷୀୟ ହରଭଜନ ଗତ ବର୍ଷ ଡିସେମ୍ବରରେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଚଳିତ ବର୍ଷ ମାର୍ଚ୍ଚରେ ହରଭଜନଙ୍କ ସମେତ ୫ ଜଣଙ୍କୁ ଉପର ସଦନ ଲାଗି ଆମ୍ ଆଦମୀ ପାର୍ଟି (ଏଏପି) ମନୋନୀତ କରିଥିଲା।

## ସଜନଙ୍କୁ ସ୍ୱର୍ଣ୍ଣ, ବେଦାନ୍ତଙ୍କୁ ରୌପ୍ୟ


ସଜନ ପ୍ରକାଶ ବେଦାନ୍ତ ମାଧବନ

**ଡାନିଶ ଓପନ ସୁଇମିଂ**

ନୂଆଦିଲ୍ଲୀ, ୧୬।୪ (ପି.ଟି.)

ଭାରତର ଟପ୍ ସନ୍ତରଣକାରୀ ସଜନ ପ୍ରକାଶ ବିଜୟ ସହ ତାଙ୍କ ସିଜନ ଆରମ୍ଭ କରିଛନ୍ତି। ଡେନମାର୍କର କୋନେହାଗେନଠାରେ ଅନୁଷ୍ଠିତ ଡାନିଶ ଓପନ ସୁଇମିଂ ମିଟ୍‌ରେ ସେ ପୁରୁଷ ୨୦୦ ମିଟର ବଟରଫ୍ଲାଏରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଭାରତର ଆଉ ଜଣେ ସନ୍ତରଣକାରୀ ବେଦାନ୍ତ ମାଧବନ ରୌପ୍ୟ ପଦକ ଲାଭ କରିଛନ୍ତି। ଚଳିତ ବର୍ଷରେ ସଜନଙ୍କର ଏହାଥିଲା ପ୍ରଥମ ଅନ୍ତର୍ଜାତୀୟ ମିଟ୍। ଶୁକ୍ରବାର ରାତିରେ ସେ ୧.୫୯.୨୭ ଟାଇମିଂରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଦୁବାଇରେ କୋଚ୍ ପ୍ରଦୀପ କୁମାରଙ୍କ ଅଧୀନରେ ଟ୍ରେନିଂ ନେଉଥିବା କେରଳର ଏହି ସନ୍ତରଣକାରୀ ପୂର୍ବରୁ ୨.୦୩.୬୭ ଟାଇମିଂରେ ଏ' ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ। ଏଠାରେ ସ୍ୱର୍ଣ୍ଣ ଜିତିଥିଲେ ମଧ୍ୟ ସଜନ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂକୁ ସେ ଅତିକ୍ରମ କରିପାରି ନ ଥିଲେ। ଗତବର୍ଷ ରୋମ୍‌ରେ ଅନୁଷ୍ଠିତ ଏକ ରେସ୍‌ରେ ତାଙ୍କର ଟାଇମିଂ ୧:୫୬:୩୮ ରହିଥିଲା। ସଜନ ପ୍ରଥମ ଭାରତୀୟ ସନ୍ତରଣକାରୀ ଭାବେ ଅଲିମ୍ପିକ ଏ' ଷ୍ଟାଣ୍ଡାର୍ଡ ଟାଇମିଂ ହାସଲ କରିପାରିଛନ୍ତି। ଅନ୍ୟପକ୍ଷରେ ସ୍ୱଳ୍ପ ବୟସ୍କ ବେଦାନ୍ତ ମାଧବନ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ସହ ପୁରୁଷ ଫ୍ରିଷ୍ଟାଇଲ ୧୫୦୦ ମିଟର ଇଭେଣ୍ଟରେ ରୌପ୍ୟ ଜିତିଛନ୍ତି। ବେଦାନ୍ତ ହେଉଛନ୍ତି ଭାରତୀୟ ଅଭିନେତା ଆର. ମାଧବନଙ୍କ ପୁତ୍ର। ୧୦ଜଣ ସନ୍ତରଣକାରୀଙ୍କୁ ନେଇ ଅନୁଷ୍ଠିତ ଫାଇନାଲରେ ସେ ୧୫.୫୭.୮୬ ଟାଇମିଂ ସହ ଦ୍ୱିତୀୟ ହୋଇଥିଲେ।

# କାର୍ତ୍ତିକଙ୍କ ବିସ୍ଫୋରକ ବ୍ୟାଟିଂ

ମୁମ୍ବାଇ,୧୬।୪

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଶନିବାର ସନ୍ଧ୍ୟାରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)କୁ ଜବରଦସ୍ତ ଫିନିଶିଂ ଦେଇଛନ୍ତି ଦୀନେଶ କାର୍ତ୍ତିକ। ଦଳ ମାତ୍ର ୯୨ ରନ୍‌ରେ ପ୍ରମୁଖ ୫ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। କିନ୍ତୁ ଶେଷ ଆଡ଼କୁ କାର୍ତ୍ତିକ ଖେଳିଥିଲେ ୩୪ ବଲରେ ୬୬ ରନ୍‌ର ବିସ୍ଫୋରକ ପାଳି। ଯାହା ଫଳରେ ଦିଲ୍ଲୀ ଆଗରେ ଆର୍‌ସିବି ଛିଡ଼ା କରିଛି ୧୯୦ ରନ୍‌ର ବିଜୟ ଲକ୍ଷ୍ୟ।


ଦୀନେଶ କାର୍ତ୍ତିକ

ଟସ୍ ଜିତି ଦିଲ୍ଲୀ ଅଧିନାୟକ ଋଷଭ ପନ୍ତ ପ୍ରତିପକ୍ଷ ଆରସିବିକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ ଦେଇଥିଲେ। କିନ୍ତୁ ଦଳ ୩ ଓଭର ମଧ୍ୟରେ ଦୁଇ ଓପନର ପ୍ୟାଭିଲିଅନ ଫେରିଥିଲେ। ପୂର୍ବତନ ଅଧିନାୟକ ବିରାଟ କୋହଲି (୧୨) ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ୍ ହୋଇଥିଲେ। ମଧ୍ୟକ୍ରମରେ ଗ୍ଲେନ ମ୍ୟାକ୍ସୱେଲ ୫୫ (୭ ଚୌକା ଓ ୨ ଛକା) ରନ୍ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ତା' ପରେ କାର୍ତ୍ତିକ ଏବଂ ଶେହବାଦ ଅହମ୍ମଦ ୬ଷ୍ଠ ଉଇକେଟ ପାଇଁ ଅନ୍ତିମ ୫୨ ବଲରେ ଯୋଡ଼ିଥିଲେ ୯୭ ରନ୍। କାର୍ତ୍ତିକ ୩୪ ବଲରେ ୫ ଲେଖାଏ ଚୌକା ଓ ଛକା ସହାୟତା ୬୬ ରନ୍ କରିଥିଲେ। ତାଙ୍କୁ ଉପଯୁକ୍ତ ସହାୟତା ଦେଇଥିଲେ ଶେହବାଜ (୩୨)। ଫଳରେ ଆର୍‌ସିବି ୨୦ ଓଭରରେ ୫ ଉଇକେଟ ହରାଇ ୧୮୯ ରନ୍ କରିପାରିଥିଲା।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୮୯/୫(ଦୀନେଶ କାର୍ତ୍ତିକ ୬୬*, ଗ୍ଲେନ ମ୍ୟାକ୍ସୱେଲ ୫୫, ଶେହବାଦ ଅହମ୍ମଦ ୩୨*, ଶାର୍ଦ୍ଦୁଳ ଠାକୁର ୧/୨୭, ଅକ୍ଷର ପଟେଲ ୧/୨୯)।

# ଉଦ୍‌ଘାଟନୀ ଜିତିଲା ପଶ୍ଚିମବଙ୍ଗ

**ସନ୍ତୋଷ ଟ୍ରଫି ଫୁଟ୍‌ବଲ**

ମାଲାପୁରମ(କେରଳ), ୧୬।୪(ପି.ଟି.)

ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିର ଉଦ୍‌ଘାଟନୀ ମ୍ୟାଚରେ ପଶ୍ଚିମବଙ୍ଗ ବିଜୟ ଲାଭ କରିଛି। ଶନିବାର ଖେଳାଯାଇଥିବା ଗ୍ରୁପ୍ ଏ'ର ଏହି ମ୍ୟାଚରେ ଦଳ ପଞ୍ଜାବକୁ ୧-୦ ଗୋଲରେ ପରାସ୍ତ କରି ପ୍ରତିଯୋଗିତାରେ ଏହାର ଅଭିଯାନ ଆରମ୍ଭ କରିଛି। ଟୁର୍ଣ୍ଣାମେଣ୍ଟର ଏହି ଶ୍ରେଷ୍ଠ ଦୁଇ ଦଳ ଆରମ୍ଭରୁ ୩ ପଏଣ୍ଟ ଅର୍ଜନ କରିବା ଲକ୍ଷ୍ୟ ନେଇ ଖେଳିଥିଲେ। ଉଭୟ ଦଳ ଆକ୍ରମଣାତ୍ମକ ରଣନୀତି ଆପଣେଇ ଥିଲେ। ପ୍ରଥମାର୍ଦ୍ଧ ଖେଳ ଗୋଲ୍ ଶୂନ୍ୟଭାବେ ଶେଷ ହୋଇଥିଲା। ଖେଳର ୬୧ତମ ମିନିଟ୍‌ରେ ଶୁଭମ ଭୌମିକ ପେନାଲ୍ଟି ସ୍ପଟ ନିକଟରୁ ବିଜୟସୂଚକ ଗୋଲଟିକୁ ସ୍କୋର କରିଥିଲେ। ଏହାର ୪ ମିନିଟ ପରେ ପଶ୍ଚିମବଙ୍ଗ ଦଳ ଆଉ ଏକ ଗୋଲ କରିବାର ସୁଯୋଗ ପାଇଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା।

## ଫ୍ଲଡ ଲାଇଟ କ୍ରିକେଟ: ଲୁତୁରପଙ୍କ ଚାମ୍ପିୟନ

ଅମରପାଲି,୧୬।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କମଲପୁରସ୍ଥିତ ଖେଳପଡିଆରେ ଚାଲିଥିବା ଫ୍ଲଡ ଲାଇଟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବ୍ରାହ୍ମଣୀପାଲିକୁ ହରାଇ ଲୁତୁରପଙ୍କ ଚାମ୍ପିୟନ ହୋଇଛି। ଲୁତୁରପଙ୍କ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୬୮ରନ କରିଥିଲା। ଜବାବରେ ବ୍ରାହ୍ମଣୀପାଲି ନିର୍ଦ୍ଧାରିତ ଓଭରରେ ୬୫ରନ କରି ପରାସ୍ତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସମିତି ସଭ୍ୟ ଶୈଳରଞ୍ଜନ ବାଦୀ, ଲକ୍ଷ୍ମୀନାରାୟଣ ପୁରୋହିତ, ବିଶ୍ୱପତି ପଣ୍ଡା ଓ ମୋହନ ମେହେର ଅତିଥିଭାବେ ଯୋଗଦେଇ ଥିଲେ। ଲୁତୁରପଙ୍କର ନନ୍ଦି ଖୁରା ମ୍ୟାନ ଅଫ ଦି ମ୍ୟାଚ, ସତ୍ୟରାଜ ପଧାନ ମ୍ୟାନ ଅଫ ଦି ସିରିଜ, ରାକେଶ ପଧାନଙ୍କୁ ଶ୍ରେଷ୍ଠ ବ୍ୟାଟସମ୍ୟାନଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଲୁତୁରପଙ୍କକୁ ଟ୍ରଫି ସହିତ ୧୦ହଜାର ୧୦ଟଙ୍କା ଓ ରନର୍ସ ଅପ ବ୍ରାହ୍ମଣୀପାଲି ଦଳକୁ ଟ୍ରଫି ସହିତ ନଗଦ ୬ହଜାର୬୦ଟଙ୍କା ପ୍ରଦାନ କରାଯାଇଥିଲା।

## ତାମିଲନାଡୁ-ହରିୟାଣା ଫାଇନାଲ

**ଜାତୀୟ ହକି**

ଭୋପାଳ, ୧୬।୪ (ପି.ଟି.)

ହକି ଇଣ୍ଡିଆ ସିନିୟର ପୁରୁଷ ଜାତୀୟ ହକି ଚାମ୍ପିୟନଶିପ୍ ଫାଇନାଲ ତାମିଲନାଡୁ ଓ ହରିୟାଣା ମଧ୍ୟରେ ଖେଳାଯିବ। ଶନିବାର ଉଭୟ ଦଳ ସେମାନଙ୍କ ସେମିଫାଇନାଲ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ପ୍ରଥମ ସେମିଫାଇନାଲରେ ହରିୟାଣା ୫-୨ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଥିବା ବେଳେ କର୍ଣ୍ଣାଟକ ବିପକ୍ଷରେ ତାମିଲନାଡୁ ୩-୦ ଗୋଲରେ ବିଜୟ ହାସଲ କରିଛି। ରବିବାର ଫାଇନାଲ ଖେଳ ହେବ। ଟାଇଟଲ ମୁକାବିଲା ପୂର୍ବରୁ ମହାରାଷ୍ଟ୍ର ଓ କର୍ଣ୍ଣାଟକ ମଧ୍ୟରେ ୩ୟ/୪ର୍ଥ ସ୍ଥାନ ପାଇଁ ପ୍ଲେଅଫ୍ ମ୍ୟାଚ ଖେଳାଯିବ।

# ପ୍ରଥମ ମ୍ୟାଚ୍‌ରେ ହାରିଲା ଓଡ଼ିଶା

**ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ**

ଭୁବନେଶ୍ୱର,୧୬।୪(ସ୍ପୋର୍ଟ୍ସ ବ୍ୟୁରୋ)

କୋଲକାତାର ନେତାଜୀ ସୁବାଷ ବୋଷ ଷ୍ଟାଡିୟମରେ ଶନିବାର ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସର୍ବ ଭାରତୀୟ ଦିବ୍ୟାଙ୍ଗ କ୍ରିକେଟ ଆସୋସିଏଶନ ଚୟନ କର୍ତ୍ତା ବ୍ରିଜେଶ ସୋଲେଙ୍କର ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ଏବଂ ଝାଡ଼ଖଣ୍ଡ ପରସ୍ପରକୁ ଭେଟିଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୭.୩ ଓଭରରେ ୧୨୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ରାଜେଶ ପ୍ରଧାନ ସର୍ବାଧିକ ୩୦ ଓ ବଳରାମ ବସ୍ତିଆ ୨୮ରନ୍ କରିଥିବା ବେଳେ ଝାଡ଼ଖଣ୍ଡ ତରଫରୁ ଆମ୍ରି କୁମାର ଓ ଶୋଇବ ଅନସାରୀ ୨ ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ଝାଡ଼ଖଣ୍ଡ ୧୬.୨ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଓଡ଼ିଶା ଦଳ ପକ୍ଷରୁ ପ୍ରଫୁଲ୍ଲ ତରାଇ, ବଳରାମ ପଣ୍ଡା, ମହମ୍ମଦ ଶୋଇଲ ୧ ଲେଖାଏ ଉଇକେଟ ହାତେଇଥିଲେ। ରବିବାର ଓଡ଼ିଶା ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ବିହାରକୁ ଭେଟିବ।

# ଓଡ଼ିଶା ପୋଲିସ ବିପକ୍ଷରେ କେରଳର ବିପୁଳ ବିଜୟ

**ଇଣ୍ଡିଆନ ଓମେନ୍ସ ଲିଗ୍**

ଭୁବନେଶ୍ୱର, ୧୬।୪ (ପି.ଟି.)

ଚଳିତ ଇଣ୍ଡିଆନ ଓମେନ୍ସ ଫୁଟ୍‌ବଲ ଲିଗ୍‌ରେ ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଗତଥରର ଚାମ୍ପିୟନ ଗୋକୁଲମ କେରଳ ୧୨-୦ ଗୋଲରେ ଓଡ଼ିଶା ପୋଲିସକୁ ହରାଇ ଦେଇଛି। ଭାରତୀୟ ଆଟାକିଂ ମିଡ୍‌ଫିଲ୍ଡର ମନୀଷା କଲ୍ୟାଣ ଏକାକୀ ୫ ଗୋଲ (୧୭ତମ, ୨୬ତମ, ୩୩ତମ, ୪୮ତମ ଓ ୭୩ତମ) ସ୍କୋର କରିଥିଲେ। ଅଦିତି ଚୌହାନଙ୍କ ନେତୃତ୍ୱାଧୀନ ଦଳ ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ ୬ଟି ଲେଖାଏ ଗୋଲ ସ୍କୋର କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ବଦଳ ଖେଳାଳି ଏଲ୍‌ସାଦାଇ (୬୨ତମ ଓ ୮୬ତମ) ଡବଲ ଗୋଲ ଦେଇଥିବା


ଓଡ଼ିଶା ପୋଲିସ ଓ ଗୋକୁଲମ୍ କେରଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ବେଳେ ୱିନ ଥେଙ୍ଗି ତୁନ୍ (୨୫ତମ), ଡାଙ୍ଗମେଇ ଗ୍ରେସ୍ (୩୭ତମ), ରଞ୍ଜନା ଚାନୁ (୭୦ତମ) ଓ କରିଷ୍ମା ଶିରଭୋଲ୍‌କାର (୭୭ତମ ମିନିଟ) ପ୍ରମୁଖ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। କେରଳ ଦଳ ଆହୁରି ମଧ୍ୟ ସେମାନଙ୍କ ବିପକ୍ଷ ଦଳର ଆତ୍ମଘାତୀ ଗୋଲରୁ ଫାଇଦା ପାଇଥିଲା। ଖେଳର ୪୭ତମ ମିନିଟ୍‌ରେ ମନୀଷାଙ୍କ କ୍ରସ୍‌କୁ ଗ୍ରେସ୍ ହାତଛଡ଼ା କରିଥିଲେ। ମଧୁସ୍ମିତାଙ୍କ ତ୍ରୁଟି ଯୋଗୁ ବଲ୍‌ଟି ନିଜ ନେଟ ଭିତରକୁ ଚାଲିଯାଇଥିଲା। ସ୍ଥାନୀୟ ସପ୍ତମ ବାଟାଲିୟନ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ପୂର୍ବତନ ଚାମ୍ପିୟନ ସେଥୁ ଏଫ୍‌ସି ନବାଗତ ମାତା ରୁକ୍ମିଣୀ ଏଫ୍‌ସି ବିପକ୍ଷରେ ୬-୧ ଗୋଲରେ ବିଜୟ ହାସଲ କରିଛି। ମଦୁରାଇଭିତ୍ତିକ ଦଳ ପ୍ରଥମ ୭ ମିନିଟ୍ ଖେଳରେ ଏଲିଜାବେଥ୍ କାରୁଙ୍ଗା ଓ ଭାରତୀୟ ଅନ୍ତର୍ଜାତୀୟ ଖେଳାଳି ଅଞ୍ଜୁ ତମାଙ୍ଗ ଦୁଇଟି ଗୋଲ ସ୍କୋର କରିଥିଲେ। ପରେ ମାରିୟାମାଲଙ୍କ ଗୋଲ ଯୋଗୁ ୧୫ ମିନିଟ ଖେଳ ସୁଦ୍ଧା ଏହି ଦଳ ୩-୦ରେ ଅଗ୍ରଣୀ ଲାଭ କରିଥିଲା। ସେଥୁ ଏଫ୍‌ସି ପକ୍ଷରୁ ଚତୁର୍ଥ ଓ ପଞ୍ଚମ ଗୋଲ ୨୨ତମ ଓ ୨୪ତମ ମିନିଟ୍‌ରେ ଯଥାକ୍ରମେ ସଞ୍ଜୁ ଓ ଲାଲରାମପରୀ ସ୍କୋର କରିଥିଲେ। ଦଳ ପକ୍ଷରୁ ୬ଷ୍ଠ ଗୋଲ ୭୦ତମ ମିନିଟ୍‌ରେ ରେଣୁ ସ୍କୋର କରିଥିଲେ। ମାତା ରୁକ୍ମିଣୀ ଏଫ୍‌ସି ପକ୍ଷରୁ ରୀତ କାଶ୍ୟପ ୭୯ତମ ମିନିଟ୍‌ରେ ଏକମାତ୍ର ସାନ୍ତ୍ୱନାମୂଳକ ଗୋଲ ସ୍କୋର କରିଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତ୍ପଥୀ